

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୧ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 AUGUST 2021

Vol.No. 32 ■ No. 196 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କଟକଣା କୋହଳ : ରାତି ୮ଟା ଯାଏଁ ଖୋଲିବ ବଜାର

## କଟକ, ଭୁବନେଶ୍ୱର ଓ ପୁରୀରେ ସପ୍ତାହାନ୍ତ ସଟଡାଉନ ଜାରି ■ ଖୋଲିବ ଶିକ୍ଷାନୁଷ୍ଠାନ, କୋଚିଂ ସେଂଟର



ଭୁବନେଶ୍ୱର,୩୧/୦୭ (ନି.ପ୍ର): କରୋନା ସଂକ୍ରମଣ ତଳମୁହାଁ ହେଉଥିବା ବେଳେ କୋଭିଡ୍ କଟକଣା ମଧ୍ୟ କୋହଳ ହେଉଛି। ଏହା ମଧ୍ୟରେ ଶନିବାର ଦିନ ଅଗଷ୍ଟ ମାସ ପାଇଁ ରାଜ୍ୟ ସରକାର ଗାଇଡଲାଇନ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆରସି) ପ୍ରଦୀପ ଜେନା ଶନିବାର ସୂଚନା ଦେଇଛନ୍ତି ଯେ ସାରା ରାଜ୍ୟରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ। ଅଗଷ୍ଟ ମାସରେ ରାତି ୮ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ଅର୍ଥାତ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ-ବାଜର ଗୁଡ଼ିକ ଖୋଲା ରହିବ। କଟକ, ଭୁବନେଶ୍ୱର ଓ ପୁରୀରେ ସପ୍ତାହାନ୍ତ ସଟଡାଉନ ଜାରି ରହିବ। ସେପ୍ଟେମ୍ବର ୧ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବ । ରାଜ୍ୟରେ ଧାର୍ମିକ, ରାଜନୈତିକ, ସାଂସ୍କୃତିକ, ପ୍ରଦର୍ଶନୀ, ବାଣିଜ୍ୟ ମେଳା-ମହୋତ୍ସବ ଆଦି କ୍ଷେତ୍ରରେ କଟକଣା ଜାରି ରହିବ। କିନ୍ତୁ ଜିଲ୍ଲା ପ୍ରଶାସନର ଅନୁମତି ନେଇ ତଥା ସ୍ଥାନୀୟ ଅଂଚଳର ସ୍ଥିତିକୁ ଦୃଷ୍ଟିରେ ରଖି ଧର୍ମାନୁଷ୍ଠାନ ଖୋଲାଯାଇପାରିବ। ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ନିଷ୍ପତି ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ସେବାୟତ ନିଯୋଗଙ୍କର ବୈଠକ ହେବ । ସେହିପରି ଆହାର କେନ୍ଦ୍ର ଖୋଲା ରହିବ। କୋଭିଡ ନିୟମ ପାଳନ କରି ଏଠାରେ ଲୋକେ ଖାଇପାରିବେ । ସପିଂ ମଲ ଖୋଲାଯିବ। କିନ୍ତୁ ମଲ କର୍ତ୍ତୃପକ୍ଷ ଲୋକଙ୍କୁ କୋଭିଡ ନିୟମ ପ୍ରତି ସତର୍କ କରାଇବେ। କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ପ୍ରାପ୍ତ ବୟସ୍କର ଲୋକେ ସପିଂ ମଲ ଭିତରକୁ ପ୍ରବେଶ କରିବା ପାଇଁ କୋଭିଡ ଟିକାର ୨ଟି ଡୋଜ ନେଇଥିବା ପ୍ରମାଣ ପତ୍ର ଦେଖାଇବାକୁ ହେବ। ରେଷ୍ଟୁରାଣ୍ଟ ଗୁଡ଼ିକ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ନାଟ୍ୟ ଶାଳା, ଥିଏଟର, ସିନେମାହଲ ୫୦ ପ୍ରତିଶତ କ୍ଷମତାରେ ଖୋଲିବ। ରାସ୍ତାକଡ଼ର ଦୋକାନରେ ଲୋକେ ଏବେ ଖାଇପାରିବେ। ନୀତି ଦିନିଆ ହାଟ ଓ ସାପ୍ତାହିକ ହାଟ ଖୋଲା ରହିବ। ଅନ୍ତଃରାଜ୍ୟ ବସ ଚଳାଚଳ କରିବ। ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଅପେରା ଅନୁଷ୍ଠାନ ଚାଲିପାରିବ। କୋଭିଡ ନିୟମ ଅନୁଯାୟୀ ସମୁଦ୍ର, ପାର୍କ, ଚିଡିଆଖାନା, ସଂଗ୍ରହାଳୟ ଖୋଲିବ। ଅଟୋ, ଟ୍ୟାକ୍ସି ଆଦି ନିର୍ଦ୍ଦିଷ୍ଟ ସିଟ ଅନୁସାରେ ପରିବହନ ହୋଇପାରିବେ। ଜିଲ୍ଲା ମାଜିଷ୍ଟ୍ରେଟ୍, ପୌର କମିଶନରମାନେ ସ୍ଥାନୀୟ କୋଭିଡ୍

▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଯୁକ୍ତ ଦୁଇ ବିଜ୍ଞାନ, ବାଣିଜ୍ୟ ରେଜଲ୍ଟ

## ବିଜ୍ଞାନରେ ୯୫.୧୫%, ବାଣିଜ୍ୟରେ ୯୪.୯୬% ଛାତ୍ରଛାତ୍ରୀ ପାସ୍



ଭୁବନେଶ୍ୱର,୩୧/୦୭ (ନି.ପ୍ର): ପ୍ରକାଶ ପାଇଲା ଯୁକ୍ତ ଦୁଇ ବିଜ୍ଞାନ ଏବଂ ବାଣିଜ୍ୟ ରେଜଲ୍ଟ । ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଶନିବାର ସଂଧ୍ୟାରେ ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଫଳ ଘୋଷଣା କରିଛନ୍ତି। ବିଜ୍ଞାନରେ ଚଳିତବର୍ଷ ୯୫.୧୫ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ୯୪.୯୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି। ଶନିବାର ରାତି ୮ଟା ପରେ ଛାତ୍ରଛାତ୍ରୀମାନେ ୱେବସାଇଟ୍ www.orissaresults.nic.in ମାଧ୍ୟମରେ ରେଜଲ୍ଟ ଦେଖିଥିଲେ। ବିଜ୍ଞାନରେ ସମୁଦାୟ ୮୯ ହଜାର ୯୫୧ ଜଣ ପାସ୍ କରିଛନ୍ତି। ବିଜ୍ଞାନରେ ରେଗୁଲାର ପାସ୍ ହାର ୯୯.୮୮% ରହିଛି। ବିଜ୍ଞାନରେ ୯୫.୧୫ ପ୍ରତିଶତ ପାସ୍ କରିଛନ୍ତି। ଚଳିତ ବର୍ଷ ବିଜ୍ଞାନରେ ୯୪,୫୩୨ ଜଣ ବିଦ୍ୟାର୍ଥୀ ପଂଜୀକୃତ ହୋଇଥିବାବେଳେ ସେଥି ମଧ୍ୟରୁ ୮୯,୯୫୧ ଜଣ ଉତୀର୍ଣ୍ଣ ହୋଇଛନ୍ତି ଓ ଏଥି ମଧ୍ୟରେ ୫୦,୧୯୮ ଜଣ ଛାତ୍ର ଏବଂ ୩୯,୭୫୩ ଜଣ ଛାତ୍ରୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୫୫ ହଜାର ୪୬୮ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୧୬ ହଜାର ୯୪୩ ଓ ତୃତୀୟ ଶ୍ରେଣୀରେ ୧୪ ହଜାର ୬୩୧ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବିଜ୍ଞାନରେ ଏକ୍ସ ରେଗୁଲାର ପାସ୍ ହାର ୭୧.୨୭% ରହିଛି। ବାଣିଜ୍ୟରେ ୯୪.୯୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବାଣିଜ୍ୟରେ ରେଗୁଲାର ପାସ୍ ହାର ୯୯.୫୯% ରହିଛି। ବାଣିଜ୍ୟରେ ଏକ୍ସ ରେଗୁଲାର ପାସ୍ ହାର ୫୪.୭୮% ରହିଛି। ବାଣିଜ୍ୟରେ ୨୪,୫୨୬ ଜଣ ପଂଜୀକୃତ ହୋଇଥିବାବେଳେ ସେଥି ମଧ୍ୟରୁ ୨୩,୨୯୨ ଜଣ

▶▶ପୃଷ୍ଠା ୭

# ରାଜନୀତିକୁ 'ଗୁଡବାଏ' କହିଲେ ବିଜେପି ନେତା ବାବୁଲ ସୁପ୍ରିୟୋ



ନୂଆଦିଲ୍ଲୀ,୩୧/୦୭: ଜଣେ ସାଧାରଣ କଣ୍ଠଶିଳ୍ପୀରୁ ରାଜନେତା ଆଉ ତା ପରେ ସାଂସଦରୁ କେନ୍ଦ୍ରମନ୍ତ୍ରୀ । ବାବୁଲ ସୁପ୍ରିୟୋଙ୍କ ରାଜନୈତିକ କ୍ୟାରିୟର ଥିଲା ବେଶ ରୋମାଞ୍ଚକର । ଦିନେ ସେ ବଲିଉଡ୍, ବେଙ୍ଗଲୀ ଆଉ ଓଡିଆ ଫିଲ୍ମ ଓ ଆଲବମରେ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରୁଥିଲେ । ହେଲେ ତାପରେ ରାଜନୀତି ତାଙ୍କ କ୍ୟାରିୟରର ମୋଡ ଦେଇଥିଲା । ପଶ୍ଚିମବଙ୍ଗରୁ ସେ ଯାଇଥିଲେ ସଂସଦ ଆଉ ବନିଥିଲେ ମୋଦୀ ସରକାରରେ କେନ୍ଦ୍ରମନ୍ତ୍ରୀ । ହେଲେ ଆଜି ସେ ସବୁ କୁ ଗୁଡବାଏ କହି ରାଜନୀତିରୁ ସନ୍ୟାସ ନେଇଛନ୍ତି ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ । ନିଜ ଫେସବୁକ ପେଜରେ ଏକ ବାର୍ତ୍ତା ଲେଖି ପଶ୍ଚିମବଙ୍ଗର ନେତା, ତଥା ଆସନସୋଲର ବିଜେପି ସାଂସଦ ରାଜନୀତିରୁ ସନ୍ୟାସ ଘୋଷଣା କରିଛନ୍ତି । ଫେସବୁକ ପେଜରେ ସେ ଲେଖିଛନ୍ତି, ଲୋକଙ୍କ ସେବା କରିବାକୁ ରାଜନୀତିରେ ରହିବା ଜରୁରୀ ନୁହେଁ । ରାଜନୀତିରୁ ଅଲଗା ହୋଇ ମଧ ସେ ଲୋକଙ୍କ ସେବା କରିପାରିବେ । ସେ ସବୁବେଳେ ବିଜେପି ସହ ଅଛନ୍ତି ଏବଂ ରହିବେ ବୋଲି ନିଜ ଫେସବୁକ୍

▶▶ପୃଷ୍ଠା ୭

# ଜୈଶ ଆତଙ୍କବାଦୀ ମସୁଦ ଅଜହର ଭଣଜା ଲମ୍ବୁକୁ ଏନକାଉଣ୍ଟର

ଜମ୍ମୁ-କାଶ୍ମୀର,୩୧/୦୭ (ନି.ପ୍ର): ଜମ୍ମୁ-କାଶ୍ମୀର ଅବନ୍ତିପୁରାରେ ଶନିବାର ଦିନ ସେନା ଓ ସ୍ଥାନୀୟ ପୋଲିସକୁ ବଡ ସଫଳତା ମିଳିଛି । ସେନା ଗୁଳିରେ ୨ ଜଣ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଛି । ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଜୈଶ ଏ ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟ ମସୁଦ ଅଜହରର ଭଣଜା । ତାର ନାମ ଇସମାଇଲ ଓରଫ ଲମ୍ବୁ । ଲମ୍ବୁ ଆଇଇଡି ଏକ୍ସପର୍ଟ ବୋଲି କୁହାଯାଇଛି । ସବୁଠାରୁ ବଡକଥା ହେଉଛି କି ଲମ୍ବୁ ପୁଲୱାମା ଆକ୍ରମଣରେ ସାମିଲ ଥିଲା ବୋଲି ଏନଆଇଏ ତାର ଚାର୍ଜସିଟରେ ଉଲ୍ଲେଖ କରିଛି । ଏହାସହ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ତାର ହାତ ଥିବା କଥା କୁହାଯାଉଛି । ସୂଚନା ଥାଉକି ମହମ୍ମଦ ଇସମାଇଲ ଓରଫ୍ ଫୌଜି କାଶ୍ମୀରରେ ଜୈଶ ଏ ମହମ୍ମଦ ସଂଗଠନର କମାଣ୍ଡର ଭାବେ କାର୍ଯ୍ୟ କରୁଥିଲା । ସେ ବାହାବଲପୁର କେସାର କଲୋନୀରେ ରହୁଥିଲା । ୨୦୧୯ ଓ ୨୦୨୦ ରେ ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଇସମାଇଲ ସାମିଲ ଥିବା କଥା କୁହାଯାଇଛି । ସେ ୨୦୧୯ ପୁଲୱାମା ଆକ୍ରମଣରେ ଆଇଇଡି ବ୍ୟବହାର କରିଥିଲା । ଏଥିରେ ୪୦ ଜଣ ଯବାନ ସହିଦ ହୋଇଥିଲେ । ଗୋଇନ୍ଦା ବିଭାଗର ସୂଚନା ମୁତାବକ ଇସମାଇଲର ଜନ୍ମ ପାକିସ୍ତାନରେ ହୋଇଥିବା ବେଳେ ସେ ଆତଙ୍କବାଦୀ ସଂଗଠନର ଦେଖାରଖାରେ ବଡ ହୋଇଥିଲା ।

# ଓଏସଏସସି ସଦସ୍ୟଙ୍କ ପିଏସ୍ ବିରଂଚି ସାହୁ ଗିରଫ



ଭୁବନେଶ୍ୱର,୩୧/୦୭ (ନି.ପ୍ର): ସମ୍ପତି ଠୁଳ ଅଭିଯୋଗରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ସଦସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟାରୀ (ପିଏସ୍) ବିରଂଚି ନାରାୟଣ ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ଠାରୁ ଏ ପର୍ଯ୍ୟନ୍ତ ୩ କୋଟି ୭୯ ଲକ୍ଷ ଟଙ୍କାର ସମ୍ପତି ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାର ବିରଂଚିଙ୍କର ଭୁବନେଶ୍ୱର ଓ କଟକ ସ୍ଥିତ ବାସଭବନ ସମେତ ମୋଟ ୬ଟି ସ୍ଥାନରେ ଚଢାଉ କରିଥିଲା ଭିଜିଲାନ୍ସ ଟିମ୍। ଏହି ସମୟରେ ଦେଢ଼ କିଲୋ ଓଜନର ସୁନା ଅଳଙ୍କାର, ନଗଦ ୨୫ ଲକ୍ଷ ଟଙ୍କା ଓ ୫୬ ଲକ୍ଷ ଟଙ୍କାର ବୀମା ସାଙ୍ଗକୁ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଜବତ କରାଯାଇଥିଲା। ସେହିଭଳି ତାଙ୍କ ଘରୁ ନିଯୁକ୍ତି ସଂପର୍କିତ ବହୁ ଆବେଦନ ପତ୍ର ଓ ଆଡ୍ମିଟ୍ କାର୍ଡ ମଧ ଜବତ କରାଯାଇଥିଲା। ତା' ସହିତ ୧୪ଟି ପ୍ଲଟ୍ ଓ ୨ଟି ଦୁଇ ମହଲା କୋଠା ସମେତ ମୋଟ ୪ଟି ଘର ଠାବ କରିଥିଲେ ଭିଜିଲାନ୍ସ ଅଧିକାରୀ। ଗତକାଲି ବିରଂଚି ରହୁଥିବା ନୀଳାଦ୍ରିବିହାରସ୍ଥିତ ଦୁଇ ମହଲା କୋଠାରେ ଖାନତଲାସି ବେଳେ ଆଲମିରାରୁ ନଗଦ ୧୨ ଲକ୍ଷ ଟଙ୍କା, ଦେଢ଼ କେଜି ସୁନା ଅଳଙ୍କାର, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରେ ୧୪ଟି ପ୍ଲଟର କାଗଜପତ୍ର ଏବଂ ୫୬ ଲକ୍ଷ ଟଙ୍କାର ଜୀବନ ବୀମାର କାଗଜପତ୍ର ମିଳିଥିଲା। ସେହିପରି ପିଏଫ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ବିରଂଚିଙ୍କ ସଡୁଙ୍କ ଘରୁ ନଗଦ ୧୩ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ବିରଂଚିଙ୍କ ଆଲମିରାରୁ ମିଳିଥିବା ଟଙ୍କା ଭର୍ତି ଖାମ୍ ନିକଟରୁ ଓଏସ୍ଏସସି ପରୀକ୍ଷା ଆବେଦନକାରୀଙ୍କ ଆଡମିଟ୍ କାର୍ଡ ମଧ ଜବତ କରାଯାଇଥିଲା। ସେହିପରି ଅନ୍ୟ ଏକ ଟିମ୍ ଓଏସ୍ଏସସି ଅଫିସରେ ଥିବା ବିରଂଚିଙ୍କ ଚାମ୍ବରରେ ଚଢ଼ଉ କରି ବହୁ କାଗଜପତ୍ର, ଫାଇଲ, କମ୍ପ୍ୟୁଟର ହାର୍ଡଡିସ୍କ ଜବତ କରିଛି। ଏହି ଚଢ଼ଉରେ ୪ ଜଣ ଡିଏସପି, ୧୩ ଜଣ ଇନସ୍ପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ତିନିଟି ଦଳ ସାମିଲ୍ ହୋଇଥିଲେ।

# ଭୁବନେଶ୍ୱରରେ ହୋଇଛି ଶତ ପ୍ରତିଶତ ଟିକାକରଣ

ଭୁବନେଶ୍ୱର,୩୧/୦୭ (ନି.ପ୍ର): ଭୁବନେଶ୍ୱରରେ ଶତ ପ୍ରତିଶତ ଟିକାକରଣ ହୋଇଛି। ଜୁଲାଇ ଶେଷ ସୁଦ୍ଧା ଥିବା ଏହି ଟାର୍ଗେଟ ପୂରଣ ହୋଇଛି ବୋଲି ବିଏମସି ଅତିରିକ୍ତ କମିସନର ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ ବର୍ଗରେ ମୋଟ ୯ ଲକ୍ଷ ୭ ହଜାର ଲୋକଙ୍କୁ ଦୁଇଟି ଡୋଜ ହିସାବରେ ୧୮ ଲକ୍ଷ ୧୪ ହଜାର ଡୋଜ ଦେବାକୁ ଲକ୍ଷ୍ୟ ରହିଥିଲା। ଗତକାଲି ସୁଦ୍ଧା ୧୮ ଲକ୍ଷ ୩୫ ହଜାର ୯୦୩ ଡୋଜ ଟିକା ଦିଆଯାଇଛି ସେଥିମଧ୍ୟରୁ ୧୦ ଲକ୍ଷ ୫୯ ହଜାର ୭୫୩ ଜଣ ପ୍ରଥମ ଡୋଜ ନେଇସାରିଛନ୍ତି। ଅପରପକ୍ଷରେ ୭ ଲକ୍ଷ ୭୬ ହଜାର ୧୫୦ ଜଣ ଉଭୟ ଡୋଜ ଟିକା ନେଇସାରିଛନ୍ତି। ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯାଉଥିବା ବେଳେ ଏଠାରେ ଟିକାର ଅଭାବ ନାହିଁ। ବର୍ତମାନ ମଧ ସମସ୍ତ ଟିକା କେନ୍ଦ୍ର ଖୋଲା ରହିଛି। ଭୁବନେଶ୍ୱର ରାଜଧାନୀ ହୋଇଥିବାରୁ ଏଠାକୁ ଦୈନିକ ବାହାରୁ ଅନେକ ଲୋକ ଆସନ୍ତି। ଟିକା ପାଇଁ କାହାକୁ ମନା କରାଯାଇପାରିବ ନାହିଁ। ଭୁବନେଶ୍ୱରବାସୀଙ୍କୁ ପ୍ରାଥମିକତା ଭିତିରେ ଟିକା ଦିଆଯାଇଛି। ବର୍ତମାନ ବାହାରର ଲୋକଙ୍କୁ ମଧ ଟିକା ଦିଆ ଯାଉଛି ବୋଲି ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି।

# କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଭେଟିଲେ ବିଜେଡ଼ି ସାଂସଦ

## ସାର ଯୋଗାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଜଣାଇଲେ ଦାବି



ଭୁବନେଶ୍ୱର,୩୧/୦୭(ନି.ପ୍ର): ରାଜ୍ୟକୁ ଅଧିକ ସାର ଯୋଗାଣ ଦାବି କରି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ । କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଭେଟିଛନ୍ତି ବିଜେଡି ସାଂସଦ । ଏହାସହ ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବା ଦାବିରେ ଦାବିପତ୍ର ପ୍ରଦାନ କରିଛନ୍ତି । ଖରିଫ ଚାଷ ପାଇଁ ରାଜ୍ୟକୁ କମ ସାର ଯୋଗାଇ ଦିଆଯାଇଥିବା ଯୋଗୁଁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆଯିବାକୁ ଦାବି କରାଯାଇଛି । ସାର ଅଭାବ ନେଇ କେନ୍ଦ୍ର ସାର ଓ ରାସାୟନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାକୁ ସାର ଯୋଗାଣ ନେଇ ମନସୁଖ ମାଣ୍ଡଭ୍ୟାଙ୍କୁ ଲେଖିଛନ୍ତି ଚିଠି । ମେ, ଜୁନ୍ ଓ ଜୁଲାଇ ମାସରେ ରାଜ୍ୟକୁ କମ ସାର ଯୋଗାଣ ହୋଇଥିବା ଚିଠିରେ

▶▶ପୃଷ୍ଠା ୭

# ଏଣିକି ହାଇକୋର୍ଟରେ ମାମଲା ଶୁଣାଣିର ହେବ ସିଧାପ୍ରସାରଣ : ଅଗଷ୍ଟ ୨ରୁ ହେବ କାର୍ଯ୍ୟକାରୀ



ଭୁବନେଶ୍ୱର,୩୧/୦୭(ନି.ପ୍ର): ହାଇକୋର୍ଟରେ ମାମଲା ଶୁଣାଣିର ହେବ ସିଧା ପ୍ରସାରଣ । ଏଥିପାଇଁ ଓଡିଶା ହାଇକୋର୍ଟ ପକ୍ଷରୁ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରାଯାଇଛି । ଏହି ନୂଆ ନିୟମାବଳୀ ଅଗଷ୍ଟ ୨ରୁ କାର୍ଯ୍ୟକାରୀ ହେବ । ତେବେ ମାମଲା ଶୁଣାଣି ପ୍ରକ୍ରିୟାର ଲାଇଭ ଷ୍ଟ୍ରିମିଂ ବା ସିଧା ପ୍ରସାରଣ କରିବେ ହାଇକୋର୍ଟଙ୍କ ଦ୍ୱାରା ଅନୁମତିପ୍ରାପ୍ତ ବ୍ୟକ୍ତି । ସିଧାପ୍ରସାରଣର ୱେବ ଲିଙ୍କ ହାଇକୋର୍ଟଙ୍କ ୱେବସାଇଟରେ ଏବଂ ସଂପୃକ୍ତ ଖଣ୍ଡପୀଠଙ୍କ କଜ୍ ଲିଷ୍ଟରେ ପ୍ରକାଶ ପାଇବ । କିନ୍ତୁ ପାରିବାରିକ ବିବାଦ, ଶିଶୁ ଓ ବାଳ ଅପରାଧ ସଂପର୍କିତ ମାମଲା, ପକ୍ସୋ ଆଇନ ଓ ଜୁଭେନାଇଲ ଜଷ୍ଟିସ ଆକ୍ଟ ସଂକ୍ରାନ୍ତୀୟ ମାମଲାର ସିଧା ପ୍ରସାରଣ ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଜାତୀୟ ସୁରକ୍ଷା ସଂପର୍କିତ ମାମଲାକୁ ମଧ ଏଥିରୁ ବାଦ ଦିଆଯାଇଛି ।

# ୧୪୪ ଆଇପିଏସ୍ ଅଧିକାରୀଙ୍କୁ ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ

## ଫିଟନେସ ଓ ଅପରାଧିକ ମାମଲା କମ୍ କରିବା ଉପରେ ଗୁରୁତ୍ୱ




ନୂଆଦିଲ୍ଲୀ,୩୧/୦୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ରାଷ୍ଟ୍ରୀୟ ପୋଲିସ ଏକାଡେମୀର ଟ୍ରେନି ଆଇପିଏସ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ମାଧମରେ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି କି ଆପଣମାନଙ୍କ ଭଳି ଯୁବକ ମାନଙ୍କ ଉପରେ ଦେଶର ଅନେକ ଦାୟୀତ୍ୱ ରହିଛି । ଏହାସହ ମହିଳା ଅଫିସର ମାନଙ୍କ ଭୂମିକା ବି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଏହା ସହ ପ୍ରଧାନମନ୍ତ୍ରୀ କହିଛନ୍ତି କି,ଅଫିସର ମାନଙ୍କ ପାଠପଢା ଦେଶସେବାରେ କାମରେ ଲାଗୁଛି, ଅନ୍ୟପଟେ ପୋଲିସ ଅଧିକାରୀମାନେ ଯଦି ସେମାନଙ୍କ ଫିଟନେସ୍ ମଜବୁତ କରିବେ ତେବେ ସୁନ୍ଦର ସମାଜ ଗଠନ ହୋଇପାରିବ । ଏହି ଅବସରରେ ଗୃହମନ୍ତ୍ରୀ ଅମିତ୍ ଶାହା ଓ ଗୃହ ରାଜ୍ୟମନ୍ତ୍ରୀ ନିତ୍ୟାନନ୍ଦ ରାୟ ବି ଉପସ୍ଥିତ ଥିଲେ । ଟ୍ରେନି ଆଇପିଏସ୍ ଅଫିସର ମାନଙ୍କ ସହ କଥାହେବା ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି କି ନୂଆ ସଂକଳ୍ପ ଓ ଇଚ୍ଛାଶକ୍ତି ନେଇ ଆଗକୁ ବଢିବାକୁ ପଡିବ । ଅପରାଧ କମ କରିବାକୁ ହେଲେ ପ୍ରଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଅନ୍ୟପଟେ ମହାତ୍ମା ଗାନ୍ଧୀଙ୍କ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ କି ସତ୍ୟାଗ୍ରହ ମାଧମରେ ଗାନ୍ଧୀ ଦେଶକୁ ସ୍ୱାଧିନତା ଦେଇପାରିଥିଲେ । ଅନ୍ୟପଟେ ଟ୍ରେନି ଅଫିସର ମାନେ ପ୍ରଧାନମନ୍ତ୍ରୀଙ୍କ ସହ ଭବିଷ୍ୟତ ଯୋଜନା ବାବଦରେ ମଧ ବାର୍ତ୍ତାଳାପ କରିବା ସହ ନିଜର ଅନୁଭବ କହିଥିଲେ । ଏହି ଅବସରରେ ୧୪୪ ଜଣ ଟ୍ରେନି ଆଇପିଏସ୍ ସାମିଲ ଥିଲେ ।

# ରାଜ୍ୟରେ କରୋନାରେ ଆଉ ୬୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,,୩୧/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୯୦୨ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୮ ଜଣ ମୃତ୍ୟୁବରଣ କରିଛନ୍ତି । ଖୋର୍ଧା ଜିଲ୍ଲାରେ ୭ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୪ ଜଣ ଅଛନ୍ତି। ଗଂଜାମ ଜିଲ୍ଲାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ୫-୫ ଜଣ

▶▶ପୃଷ୍ଠା ୭

# ଫାଟକ ରେଳ ଷ୍ଟେସନ ଉଚ୍ଛେଦ ଦାବିରେ ସଚେତନ ନାଗରିକ କମିଟି ପକ୍ଷରୁ ମାନବ ଶୃଙ୍ଖଳ

ସମ୍ବଲପୁର,୩୧/୭ (ନି.ପ୍ର): ସମ୍ବଲପୁର ଫାଟକ ରେଳ ଷ୍ଟେସନ ଉଚ୍ଛେଦ ଲାଗି ପୂର୍ବତଟ ରେଳ ବିଭାଗର ନିଷ୍ପତିକୁ ବିରୋଧ କରି ଆଜି ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ସମ୍ବଲପୁରରେ ସଚେତନ ନାଗରିକ କମିଟି ପକ୍ଷରୁ ମାନବ ଶୃଙ୍ଖଳ କରାଯାଇଛି । ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ମଧ ସାମିଲ୍ ହୋଇଥିଲେ। ପୂର୍ବରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହେଲେ କୌଣସି ପରିସ୍ଥିତିରେ ଏହି ପୁରୁଣା ରେଳ ଷ୍ଟେସନକୁ ଉଚ୍ଛେଦ କରାନଯାଉ ବୋଲି ଆନ୍ଦୋଳନକାରୀ ମାନେ କହିଛନ୍ତି । ରେଳବାଇ ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର କରୁ ବୋଲି ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି । ନିଷ୍ପତିକୁ ପ୍ରତ୍ୟାହାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । କୋଭିଡ୍ ଗାଇଡ୍ ଲାଇନ୍ କୁ ଅନୁପାଳନ କରି ଆନ୍ଦୋଳନକାରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

# ଝାରସୁଗୁଡାରେ ଡେଙ୍ଗୁ ନିୟନ୍ତ୍ରଣ ସକାଶେ ବୈଠକ

ଝାରସୁଗୁଡା,୩୧/୭ (ନି.ପ୍ର): ଡେଙ୍ଗୁ ପ୍ରତିରୋଧୀ ମାସ ପାଳନ ଉପଲକ୍ଷେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଡେଙ୍ଗୁ ରୋଗର ନିୟନ୍ତ୍ରଣ ସକାଶେ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଉତରାୟ , ଡେଙ୍ଗୁ ପ୍ରତିରୋଧ କରିବାକୁ ସମସ୍ତେ ତତ୍ପରତାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡ ଡୋଲାମଣି ପଟେଲ ଡେଙ୍ଗୁ ରୋଗର ସ୍ଥିତି ଓ ଏହାର ସମସ୍ୟା ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ ଡେଙ୍ଗୁ ରୋଗର ଲକ୍ଷଣ,କାରଣ ଓ ନିରାକରଣ ସମ୍ପର୍କରେ ଅବଗତ କରାଇବା ସହ ସାଂପ୍ରତିକ ପରିସ୍ଥିତିରେ ଏହାର କିପରି ମୁକାବିଲା କରାଯାଇପାରିବ,ସେ ବିଷୟରେ ଆଲୋଚନା କରିଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧକାରୀଙ୍କ ଦ୍ୱାରା ଡେଙ୍ଗୁର ପ୍ରାଚୀର ପତ୍ର ଉନ୍ମୋଚନ କରାଯାଇଥିଲା ଏବଂ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଡେଙ୍ଗୁ ରୋଗର ବାହକ ହେଉଛି ସଂକ୍ରମିତ ମାଈ ଏଡିସ୍ ମଶା । ଏହି ମଶା ସାଧାରଣତଃ ଦିନରେ କାମୁଡ଼ିଥାନ୍ତି ଓ କଠିନସ୍ତର ଥିବା ସ୍ୱଚ୍ଛ ପାଣିରେ ବଂଶ ବିସ୍ତାର କରିଥାଏ । ଯେପରିକି ଭଙ୍ଗା ଟିଣ, ଟାୟାର, ପ୍ଲାଷ୍ଟିକ ମୁଣି,ଫୁଲ କୁଣ୍ଡ,ହାଣ୍ଡି,ମାଠିଆ, କୁଲର, କଟା ବାଉଁଶ, ଗଛ କୋରଡ, କାଚ ବୋତଲ,ଭଙ୍ଗା ଶିଶି,ବୋତଲ, ଅବ୍ୟବହୃତ ପାତ୍ର ଆଦିରେ ବଂଶ ବିସ୍ତାର କରିଥାନ୍ତି ।ଭର୍ଚୁଆଲ ମାଧମରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁପ୍ରଭା ବାରିକ, ଡାକ୍ତର ରବୀନ୍ଦ୍ରନାଥ ମାଝୀ , ଡି ପି ଏମ ବୁଲୁନାଥ ସାହୁ, ଡି ଡି ଏମ ପ୍ରଶାନ୍ତ ଦାସ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରୋହିଦାସ ମଢ଼େଇ, ହସ୍ପିଟାଲ ପରିଚାଳକ କୁମାର ଅଭିଷେକ, ଅର୍ଥ ଓ ଯୋଗାଣ ସହାୟକ ବିମଳ ନାଏକଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ ସ୍ୱାଗତ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରୋନା କଟକଣାକୁ ଫୁଁ: ରେଗୁଲାର ଅର୍ଡର ଦେବା ନାଁରେ ବଟି ଆଦାୟ ଅଭିଯୋଗ

ହରିଚନ୍ଦନପୁର,୩୧/୭ (ନି.ପ୍ର): ସାରା ରାଜ୍ୟରେ କରୋନାର ଦିତୀୟ ଲହରୀରେ କଟକଣା ସାମାନ୍ୟ କୋହଳ ହୋଇଛି । କରୋନା କଟକଣାର ସମସ୍ତ ପ୍ରକାର ନୀତି ନିୟମ ପାଳନ କରିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ହରିଚନ୍ଦନପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟରେ କଟକଣାକୁ ବେଫିକର ଭାବେ ପାଳନ ଚାଲିଥିବା ଦେଖିବାକୁ ମିଳିଛି । ଏହି ଶିକ୍ଷାଅଧିନରେ ରେଗୁଲାର ହେବାକୁ ଥିବା ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏକାସଙ୍ଗେ ଡକାଇ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ଏଥିସହ ମୂଖ୍ୟ କଥା ସମସ୍ତଙ୍କ ଠାରୁ ମନମୁଖି ଭାବେ ବଟି ଆଦାୟ କରିବା ସହ ସରକାରଙ୍କ କରୋନା କଟକଣାର ଧର୍ଯ୍ୟା ଉଡ଼ାଇଥିବା ଭଳି ସାଘାଂତିକ ଘଟଣା ଘଟିଛି । ସୂଚନା ମୁତାବକ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମଗ୍ର ଶିକ୍ଷା କେନ୍ଦୁଝର ଚିଠି ନଂ ୧୮୮୯ରେ ଜିଲ୍ଲାର ୧୩ଟି ବ୍ଲକର ୨୦୧୧/୧୨/୧୩/୧୪ ବ୍ୟାଚର କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର ହେବାକୁ ନିର୍ଦ୍ଦେଶ ରହିଛି । ସେହିପରି ହରିଚନ୍ଦନପୁର ବ୍ଲକରେ ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରେଗୁଲାର ହେବାକୁ ଅର୍ଡର ଆସିଥିଲା । ଯାହାକୁ ନେଇ କୋଭିଡ ସମୟରେ ସରକାରଙ୍କ କଡକଣାକୁ ଭୁଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏକା ସଙ୍ଗେ ୮୬ ଜଣକୁ ଡକାଯାଇଛି । ସେମାନଙ୍କ ଠାରୁ ଅତି ଚତଂକତା ସହିତ ପ୍ରତି ଶିକ୍ଷକଙ୍କ ଫିଛା ଚାନ୍ଦା ଆଦାୟ କରାଯାଇଥିବା ନେଇ ହରିଚନ୍ଦନପୁର ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଖବର ଅନୁଯାୟୀ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗୋଟିଏ ଚିଠିରେ ସମସ୍ତ ରେଗୁଲାର ହେବାକୁ ଥିବା ଶିକ୍ଷକଙ୍କ ନାମ ରହିଛି ଓ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ହେଲେ ହରିଚନ୍ଦନପୁର ବ୍ଲକରେ ପ୍ରତି ଶିକ୍ଷକଙ୍କ ପିଛା ରେଗୁଲାର ଅର୍ଡର ପ୍ରସ୍ତୁତ କରି ଶିକ୍ଷକଙ୍କ ଠାରୁ କାହିଁକି ଶହଶହ ଟଙ୍କା ବଟି ସଂଗ୍ରହ କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ବ୍ଲକ ଶିକ୍ଷା ଅଧିକାରୀ କ୍ଷୀରୋଦ ତ୍ରିପାଠୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ଘଟଣା ସମ୍ପର୍କରେ ପଚାରିବାରୁ ମୋ କାନକୁ କିଛି ଆସିନାହିଁ କହି ଫୋନ୍ କଲ୍ କାଟି ଦେଇଥିଲେ । ସମସ୍ତ କଥା ନଶୁଣି ଫୋନ୍ କଲ୍ କାଟି ଦେବାରୁ ଜଣାପଡିଯାଉଛି ଏହା ଭିତରେ ସତ୍ୟତା କ'ଣ ରହିଛି, ଓ ଚର୍ଚ୍ଚାର ବିଷୟ ହିଁ ସତ୍ୟ ।

# କେନ୍ଦୁଝର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଅପେକ୍ଷା ଖଣି ହାତେଇବା କମ୍ପାନୀଙ୍କର ଅଧିକ ଆଗ୍ରହ ରହିଥିବା ସ୍ପଷ୍ଟ ହେଉଛି

କେନ୍ଦୁଝର,୩୧/୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଶିଳ୍ପ କୁ କମ୍ ଏବଂ ଖଣି ପ୍ରତି ଅଧିକ ଆଗ୍ରହ ଦେଖାଇ କମ୍ପାନୀମାନେ ଆଗେଇ ଆସୁଥିବା ଘଟଣା ହୁଏତ ଆଉ କାହାକୁ ଅଛପା ନାହିଁ । ଶିଳ୍ପ ପ୍ରତିଷ୍ଠା ନାମରେ ଖଣି ହାତେଇବା ପାଇଁ କମ୍ପାନୀମାନେ ବିଭିନ୍ନ ମାୟାଜାଲ ସୃଷ୍ଟି କରି ସରକାରଙ୍କୁ ପ୍ରଭାବିତ କରିବାରେ ଅନେକାଂଶରେ ସଫଳ ହେଉଛନ୍ତି ଏବଂ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଏମଓୟୁ ଦସ୍ତଖତ କରୁଛନ୍ତି । ଅନେକ କମ୍ପାନୀ କେନ୍ଦୁଝରରୁ ଲୁହାପଥର ନେଇ ଅନ୍ୟ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରୁଛନ୍ତି । କିନ୍ତୁ ଏହି ଜିଲ୍ଲା ପ୍ରତି ଅନୁରୁପ ଆଗ୍ରହ ଦେଖାଉନାହାଁନ୍ତି । ଅବଶ୍ୟ କେତେକ କେବଳ ଲୋକଙ୍କ କିମ୍ବା ସରକାରଙ୍କ ଚାପରେ ଶିଳ୍ପ ପ୍ରତଷ୍ଠା ପାଇଁ ଆଗ୍ରହ ଦେଖାଉଛନ୍ତି ଏବଂ ଏମଓୟୁ ମଧ୍ୟ କରୁଛନ୍ତି ସତ କିନ୍ତୁ ଷ୍ଟିଲପ୍ଲାଟଂ କରୁନାହାଁନ୍ତି । ଏପରିକି ଜିଲ୍ଲା ପ୍ରତି ହେଉଥିବା ଅନେକ ଘୋଷଣା ଲଲିପପ୍ ସଦୃଶ ହୋଇରହୁଛି । ଏପରିକି ପୂର୍ବରୁ ଜିଲ୍ଲାରେ ଏକାଧିକ ଖଣି ନେଇଥିବା ରୁଙ୍ଗଟା କମ୍ପାନୀ ଭଳି ଅନେକ କମ୍ପାନୀ ଜିଲ୍ଲାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଆଗ୍ରହ ଦେଖାଇନାହାଁନ୍ତି । କିନ୍ତୁ ହାତରୁ ଖଣି ଚାଲିଯିବା ପରେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହ ପ୍ରକାଶ ପାଇବା ସ୍ୱଭାବିକ ଭାବେ ସନ୍ଦେହଘେରକୁ ଆସିଛି । କେନ୍ଦୁଝର ଜିଲ୍ଲାର ମୂଲ୍ୟବାନ ଖଣିଜସଂପଦ ବ୍ୟାପକ ଲୁଟ ହୋଇଥିବା ଜଷ୍ଟିସ ଶାହା କମିଶନ ତାଙ୍କ ତଦନ୍ତରେ ସ୍ପଷ୍ଟ କରି ଫାଇନ ଆଦାୟ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବିଭିନ୍ନ ଆଳରେ କେତେକ ଖଣି ସଂସ୍ଥା ତାହା ଦେଉ ନଥିବାବେଳେ ସେମାନଙ୍କଠାରୁ ସୁଧ ସହ ଫାଇନ ଅର୍ଥ ଆଦାୟ କରିବାକୁ ସରକାର କେବଳ ସମର୍ଥ ନୁହେଁ ଆଗ୍ରହ ମଧ୍ୟ ଦେଖାଉନାହାଁନ୍ତି । ରାଜ୍ୟ ସରକାର ନିକଟରେ ୧୧ଟି ଖଣି ଲିଜ୍ ଦେବା ପାଇଁ ନିଲାମ ଡାକିଛନ୍ତି ଯେଉଁଥିରେ ୭ଟି ନୂଆ ଖଣି ରହିଥିବାବେଳେ ୪ଟି ପୁରୁଣା ଖଣି ରହିଛି । ପୂର୍ବରୁ ଖଣି ଲିଜ୍ ପାଇଥିବା କମ୍ପାନୀମାନେ ଖଣିଜପଦାର୍ଥରୁ ହଜାର ହଜାର କୋଟି ଟଙ୍କାର ମୁନାଫା କମାଇ ଏବେ ପୁଣି ନୂଆ ଖଣି ଉପରେ ଆଖି ପକାଇଛନ୍ତି । ଏବେ ୭ଟି ନୂଆ ଖଣି ଲିଜ୍ ଦିଆଗଲେ ଲକ୍ଷ ଲକ୍ଷ ଗଛ ନଷ୍ଟ ହେବା ସହ ପରିବେଶ ଉପରେ ଏହାର ଗଭୀର ପ୍ରତିକୂଳ ପ୍ରଭାବ ପଡିବ । ଶିଳ୍ପ ପ୍ରତିଷ୍ଠା କରିବାର ପ୍ରତିଶୃତି ଦେଇ ଉନ୍ନତମାନର ପ୍ରଚୁର ଲୁହାପଥର ଗଚ୍ଛିତ ଥିବା ଗନ୍ଦଲପଡା ଖଣିକୁ ହାତେଇବା ପାଇଁ ଭିତିରିଆ ଗୁପ୍ତ ଯୋଜନା ମଧ୍ୟ କୁଆଡେ ପ୍ରସ୍ତୁତ ସରିଛି । ତେବେ ପୂର୍ବରୁ ଖଣି ଥାଇ ମଧ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ନଥିବା କମ୍ପାନୀ ଉକ୍ତ ଖଣିକୁ ହାତେଇବା ଲକ୍ଷ୍ୟରେ ଷ୍ଟିଲପ୍ଲାଟଂ ନାମରେ ପୁରୁଣା କାରଖାନା ସଂପ୍ରସାରଣ ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି । ଅଧିଗ୍ରହଣ ଜମି , ବିବାଦ ଘେରରେ ଥିବାରୁ କାରଖାନାକୁ ସଂପ୍ରସାରଣ କରି ଷ୍ଟିଲପ୍ଲାଟଂ ପ୍ରତିଷ୍ଠା ନେଇ ଅନିଶ୍ଚିତତା ଲାଗିରହିଥିବାବେଳେ ଖଣି ହାସଲ ପରେ କମ୍ପାନୀର ପ୍ଲାଟଂ ପ୍ରତିଷ୍ଠା ସ୍ୱଭାବିକ ଭାବେ ସନ୍ଦେହ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଂଚଳ । ଷ୍ଟିଲପ୍ଲାଟଂ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ସରକାର ଇଡକୋ ମାଧ୍ୟମରେ ବେଆଇନ ଭାବେ ଲୋକଙ୍କ ଆସ୍ଥା କିମ୍ବା ସହମତି ନିଆ ନଯାଇ ଚଂଚକତା କରାଯାଇ ଆଦିବାସୀଙ୍କ ଜମିକୁ ଅଧିଗ୍ରହଣ କରାଯାଇଥିବା ,ଏପରିକି ମୃତ ଲୋକଙ୍କ ନାମରେ ଜାଲଦସ୍ତଖତ ହୋଇଥିବା କୁହାଯାଇଛି । ଏହାଦ୍ୱାରା ଆର୍ଦିବାସୀମାନଙ୍କର ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ । ଯେଉଁଠାରେ ଜମି ହରାଉଥିବା ନିରୀହ ଆଦିବାସୀ ନିଜର ହକ ଏବଂ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ସେଠାରେ ରାଜ୍ୟ ସରକାରଙ୍କ ଷ୍ଟିଲପ୍ଲାଟଂଣ୍ଟ ଘୋଷଣା ଜିଲ୍ଲାବାସୀଙ୍କୁ କିପରି ନ୍ୟାୟ ଦେବେ ବୋଲି ପ୍ରଶ୍ନ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଅଶୋକ ଠକ୍କର । ପ୍ରାକୃତିକ ସମ୍ପଦକୁ ନଷ୍ଟ କରି ନେତା ଓ କମ୍ପାନୀଙ୍କ ସାଲିସରେ ବିକାଶ ନାମରେ ବିନାଶ ଉଦ୍ୟମର ଜବାବ ଦିଆଯିବ ବୋଲି ସେ କହିଛନ୍ତି । ସେହିପରି କାଶିଆ ଲୁହାପଥର ଖଣିକୁ କଳିଙ୍ଗନଗରଠାରେ ଥିବା ଏକ କାରଖାନାକୁ ଦେବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି । ତେବେ ଜିଲ୍ଲାରେ ମେଗା ଇସ୍ପାତ କାରଖାନାର ଦାବୀ ରହିଥିବାବେଳେ ଖଣି କମ୍ପାନୀ ନିଜର ବିକାଶ ପାଇଁ ସରକାରଙ୍କ ସହାୟତାରେ ଉନ୍ନତମାନର ଖଣି ହାତେଇବା ଲବି ଆରମ୍ଭ କରିଥିବାକୁ ନେଇ ଜିଲ୍ଲାରେ ବିରୋଧାଭାଷ ଦେଖାଦେଲାଣି । ମହାମାରୀ କୋଭିଡ୍-୧୯ ପରିସ୍ଥିତିରେ ଜୀବନ ଓ ଜୀବିକାର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ କେନ୍ଦୁଝର ଜିଲ୍ଲାରେ ଖଣି ଗୁଡିକ ମେସିନରେ କାମ ହେଉଥିବାରୁ ବହୁ ଶ୍ରମିକ କାମ ହରାଇ ଦାଦନ ଖଟିବାକୁ ଯାଉଛନ୍ତି । ନିଜ ଘର ପାଖରେ ଥିବା ଖଣି ଏବେ ବାହାର ଲୋକ ଏବଂ ଅଣଓଡିଆଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଶ୍ରମିକଙ୍କ ସମସ୍ୟାକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ଫଳରେ ହଜାର ହଜାର ଶ୍ରମିକ ଏବେ କାମଧନ୍ଦା ହରାଇଛନ୍ତି । ସରକାର ଶ୍ରମିକଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇଥିବାବେଳେ ଖଣିମାଲିକଙ୍କୁ ସୁହାଇଲା ଭଳି କାମ କରୁଥିବା ସେ ଅଭିଯୋଗ କରିଛନ୍ତି । କେନ୍ଦୁଝର ଜିଲ୍ଲାରେ ବୃହତ ଶିଳ୍ପ ପ୍ରତିଷ୍ଠା ନକରି ଏଠାରୁ ଲୁହାପଥର ନେଇଯିବାକୁ ହେଉଥିବା ଉଦ୍ୟମକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଘୋରବିରୋଧ କରାଯିବ ବୋଲି ବହୁଳ ମତ ପ୍ରକାଶ ପାଉଛି ।

# ସ୍ୱର୍ଗଦ୍ୱାର ସେବକ ମାନଙ୍କୁ ନୂତନ ପୋଷାକ ବଂଟନ

ପୁରୀ,୩୧/୭ (ନି.ପ୍ର): ସ୍ୱର୍ଗଦାର ସେବା କାର୍ଯରେ ନିୟୋଜିତ ସେବକ ମାନଙ୍କୁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ନୂତନ ପୋଷାକ ବଂଟନ କରାଯାଇଛି । ସ୍ୱର୍ଗଦ୍ୱାର ଠାରେ ସେବା ଯୋଗାଉଥିବା ସଂସ୍କାର ସେବକ ,ପରିମଳ ସେବକ ,ସୁରକ୍ଷା ସେବକ,କନିଷ୍ଠ ସେବକ ତଥା ସହାୟକ ସେବକ ମାନଙ୍କୁ ସ୍ୱତ୍ନ୍ତ୍ର ପରିଧାନ ଓ ମାସ୍କ ବଂଟା ଯାଇଛି ।ସ୍ୱର୍ଗଦ୍ୱାର ସେବା ସମିତି ର ଅଧକ୍ଷ ତଥା ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା , ସେବାସମିତିର ସମ୍ପାଦକ ତଥା ଉପଜିଲଲାପାଳ ଭବତରଣ ସାହୁ,ସମିତି କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ରହି ଏହି ପୋଷାକ ବଂଟନ କରି ଥିଲେ ।ଏହି ଅବସରରେ ଜିଲ୍ଲା ପାଳ ସମର୍ଥ ବର୍ମା ସ୍ୱର୍ଗଦ୍ୱାରରେ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିବା ସହିତ ପ୍ରଶାସନିକ କୋଠା, ଶୌଚାଳୟ, ପ୍ରତୀକ୍ଷା ଗୃହ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ପାଇଁ ଓଡିଶା ସେତୁ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦେଇ ଥିଲେ । ଏହି ପୋଷାକ ବଂଟନ କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ମୁଖ୍ୟ ସେବକ ସୁଜିତ୍ ମହାନ୍ତି,କନିଷ୍ଠ ସେବକ ଶିବ ସୁନ୍ଦର ଦାସ, ସନ୍ତୋଷ ମହାନ୍ତି, ବ୍ରଜ କିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ୬୫କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର ,୩୧/୭ (ନି.ପ୍ର): ବୈପାରୀଗୁଡା ପୋଲିସ ପକ୍ଷରୁ ଗଞ୍ଜେଇ ଚୋରି ଚାଲାଣ ମାମଲାରେ ଆଜି ଜଣକୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଜଣକ ବୈପାରୀଗୁଡା ଥାନା ଅନ୍ତର୍ଗତ ଚନ୍ଦ୍ରପୋଡା ପଂଚାୟତର ଦୋରକ୍ଷଗୁଡ଼ା ଗ୍ରାମର ଭଗବାନ ହରିଜନଙ୍କ ୪୦ ବର୍ଷୀୟ ପୁଅ ଦୈତାରୀ ହରିଜନ ବୋଲି ଜଣା ପଡିଛି । ଅଭିଯୋକ୍ତ ଏକ ହିରୋହୋଣ୍ଡା ମୋଟର ସାଇକେରେ ୬୫ କେଜି ଗଞ୍ଜେଇ ନେଇ ଚାରିଚଲକ୍ଷଣ କରୁଥିବା ବେଳେ ଆଜି ଭୋର ସକାଳେ ଗୌଡ଼ଗୁଡା ଛକରେ ବୈପାରୀଗୁଡା ପୋଲିସ ହାତରେ ଧରାପଡ଼ିଥିବା ବେଳେ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନ ଚାରିଟା ବେଳେ ଜୟପୁର କୋର୍ଟ ଚାଲାଣ କରାଯାଇଛି । ୬୫କେଜି ଗଞ୍ଜେଇ ସହ ବାଇକ ଏବଂ ନଗଦ ୩୫୦ ଟଙ୍କା ଜବତ କରାଯାଇଛି । ବୈପାରୀଗୁଡା ଥାନା କେସ ନମ୍ବର ୧୧୮/୨୧ ଅନୁଯାୟୀ ସବଇନ୍ସପେକ୍ଟର ଅସିତ ବଳବନ୍ତରାଏ ଏହି ଘିଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଟିକା ଦେବାପାଇଁ ନଦୀ ପାର ହେଉଛନ୍ତି ସ୍ୱାସ୍ଥ୍ୟକର୍ମୀ

ମାଲକାନଗିରି,୩୧/୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳରେ ଦେଖିବାକୁ ମିଳିଛି କରୋନା ଟୀକା ଦେବାପାଇଁ ନଦିପାର ହେଉଛନ୍ତି ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ । ଗୁରୁପ୍ରିୟା ସେତୁ ନିର୍ମାଣ ହେଲାପରେ ମଧ ସ୍ୱାଭିମାନ ଅଂଚଳର ସମସ୍ତ ଅଂଚଳକୁ ଆଜିମଧ ଯୋଗା ଯୋଗ ସଂପୂର୍ଣ୍ଣ ଭାବରେ ହୋଇପାରିନି । ଛୋଟ ବଡ଼ ବ୍ରିଜ ନିର୍ମାଣ କାମ ଜାରିରହିଛି । ସ୍ୱାଭିମାନ ଅଂଚଳର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଂଚାଇବା ପାଇଁ ଅନେକ ସମୟରେ ସ୍ୱାସ୍ଥ୍ୟ ଟିମ ନଦୀ,ନାଳ,ପାହାଡ ଚଢ଼ି ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଂଚାଉଥିବା ଦେଖିବାକୁ ମିଳିଛି ! ସେହିପରି ଆଉ ଏକ ଘଟଣା ଦେଖିବାକୁ ମିଳିଛି ସ୍ୱାଭିମାନ ଅଂଚଳରେ କରୋନା ଟୀକା ଦେବାପାଇଁ କାନ୍ଧରେ ଭେକ୍ସିନେସନ ବକ୍ସ ପକାଇ ମାଳି ଗୁଡ଼ା ନଦୀକୁ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶଶାଙ୍କ ଶେଖର କର, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଣତି ମଣ୍ଡଳ ଭରା ନଈ ପା ରହୋଇ ଲୋକଙ୍କ ପାଖରେ ପହଂଚି ଟୀକା ଦେଇଛନ୍ତି ।

# ସ୍ୱାଭିମାନ ଅଂଚଳରେ ଆରମ୍ଭ ହେଲା ମାଣ୍ଡିଆ ତଳିରୋପଣ

ମାଲକାନଗିରି ,୩୧/୭ (ନି.ପ୍ର): ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ଶିଶୁ ଓ ମହିଳା କଲ୍ୟାଣ ସମିତି ଆନୁକୂଲ୍ୟରେ ଜିଲା କୃଷି ବିଭାଗ, ୱାସନ ଅନୁଷ୍ଠାନ ଓ ଆତ୍ମା ସହାୟତାରେ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧମରେ ଶିଶୁ ଓ ମହିଳା କଲ୍ୟାଣ ସମିତି ର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ବଡ଼ପଡ଼ା ଓ ପାପରମେଟେଲା ପଂଚାୟତ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମରେ ମାଣ୍ଡିଆ ଓ ସୁଆଁ ତଳି ରୋପଣ ଆରମ୍ଭ ହୋଇଛି ! ବିଭିନ୍ନ ଗ୍ରାମର ଚାଷୀଙ୍କ ଜମିରେ ମାଣ୍ଡିଆ ସୁଆଁ ଚାଷ ନିମନ୍ତେ ବେଡ଼ ପ୍ରସ୍ତୁତି କରାଯାଇ ତଳି ପକାଯାଇ ଚାଷୀ ଜମି ପ୍ରସ୍ତୁତି କରି ତଳି ରୋପଣ କରିବା ଆରମ୍ଭ କରିଛି ! ଚଳିତ ବର୍ଷ ସ୍ୱାଭିମାନ ଅଂଚଳରେ ଚାରି ଶହ ଚାଷୀ ଙ୍କୁ ଚୟନ କରାଯାଇଛି ଏବଂ ୨୨୦ ହେକ୍ଟର ଜମିରେ ସୁଆଁ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀ ଚୟନ କରାଯାଇଛି ! ଯେଉଁ ମାଣ୍ଡିଆ ଓ ସୁଆଁ ଚାଷ କେବଳ ଜୈବିକ ଖତ ସାରରେ ବ୍ୟବହାର କରାଯାଇ ଚାଷ କରାଯାଏ ଫଳରେ ଚାଷୀ ଦୁଇଗୁଣା ଅମଳ ପାଇଥାଏ ! ଯେଉଁ ମାଣ୍ଡିଆ ଚାଷ ମାଲକାନଗିରି ଜିଲାରେ ଲୋକେ ନିଜ ଖାଦ୍ୟ ରୂପେ ବ୍ୟବହାର କରନ୍ତି ଏବଂ ଚାଷ ରେ ମଧ ମିଲେଟ ମିଶନ କାର୍ଯ୍ୟକ୍ରମ ଅଗ୍ରଣୀ ଭୂମିକା ଗ୍ରହଣ କରିଛି !ସ୍ୱାଭିମାନ ଅଂଚଳରେ ଏହି କ୍ଷୁଦ୍ର ଶସ୍ୟ ର ପୁନରୁଦ୍ଧାର କରାଯିବା ସହ ଚାଷୀ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ସହ ଅଧିକ ଅମଳ କୁ ସରକାର ଙ୍କ ମାଣ୍ଡିଆ ମଣ୍ଡି ରେ ବିକି ଭଲ ଦୁଇ ପଇସା ପାଇ ଲାଭ ପାଇ ପାରୁଛି ଓ ଚାଷୀ ଉତ୍ସାହିତ ହେବା ପାଇଁ ପ୍ରୋତ୍ସାହନ ରାଶି ମଧ ପାଇଛି !ବିଭିନ୍ନ ସ୍ଥାନରେ ଗୋଷ୍ଠୀ ମାଧ୍ୟମରେ ମାଣ୍ଡିଆ ଗୁଣ୍ଡ କରିବା ଯନ୍ତ୍ର ମଧ ପ୍ରଦାନ କରାଯାଇଛି !ଏଥି ସହିତ ଜିଲାରେ ମାଣ୍ଡିଆ ଚାଷ କରୁଥିବା ମହିଳା ଗୋଷ୍ଠୀ ସଦସ୍ୟା, ମାଣ୍ଡିଆ ଚାଷୀ ଓ ବିଭିର୍ନ ପଂଚାୟତରେ କାର୍ଯ୍ୟରତ ସିଆରପି ମାନଙ୍କୁ ନେଇ ମାଣ୍ଡିଆ ରେ ବିଭିନ୍ନ ପ୍ରକାରର ପ୍ରସ୍ତୁତ ଜଳଖିଆ ସମ୍ପର୍କରେ ଜ୍ଞାନ କୌଶଳ ପ୍ରଦାନ କରାଯାଇ ଜଳଖିଆ ତିଆରି କରି ଦେଖାଯିବା ସହିତ ଭିନ୍ନ ଭିନ୍ନ ଜଳଖିଆ ଅନୁଯାଇ ଭାଗମାପ ଓ ପ୍ରସ୍ତୁତ ସମ୍ପର୍କରେ ଅବଗତ କରାଯାଇଛି ! କେବଳ ଯେ ମାଣ୍ଡିଆ କୁ ମାଣ୍ଡିଆ ପେଜ କି ଖିରି କରି ଖାଇବା ଏକ ମାତ୍ର ବ୍ୟବହାରର ଉପାୟ ନୁହେଁ, ମାଣ୍ଡିଆର ଚାହିଦା ତଥା ସ୍ୱାସ୍ଥ୍ୟ ଉପଯୋଗୀ ଉପାଦେୟତା କୁ ଆଖି ଆଗରେ ରଖି ମାଣ୍ଡିଆକୁ ଭିନ୍ନ ଉପାୟରେ ଉପଯୋଗ କରି ବହୁ ପ୍ରକାରର ଜଳଖିଆ ଓ ଖାଦ୍ୟ ପଦାର୍ଥ ତିଆରି କରିହେବ ଯଥା - ବରା, ପକୁଡି, ଇଡିଲି, ଆଲୁଚପ, ଚକୁଳି ପିଠା, ଉପମା, ବିରିୟାନୀ, ଦହିବରା, ଗୋଲାପଜାମୁ, ରସଗୋ ଲା, ପକଡା, ବାଇଗିଣି, ଖିରି, ପୋଡପିଠା, ବିସ୍କୁଟ, କେକ,ପୋଡ ମିଠା, ପିଆଜି, ସିଙ୍ଗଡ଼ା ଭଳି ବହୁ ପ୍ରକାରର ଖାଦ୍ୟ ତିଆରି କରାଯାଇ ପାରିବ ଯାହାକି ଦୈନିକ ନିଜେ ଖାଦ୍ୟ ଓ ଜଳଖିଆ ଭାବେ ବ୍ୟବହାର ର ଫାଇଦା ଉଠାଇବା ସହିତ ଜଣେ ଚାଷୀ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଉକ୍ତ ଜଳଖିଆ ଦୋକାନ କରି ମଧ ନିଜେ ସ୍ୱାବଲମ୍ବୀ ହୋଇ ପାରିବ !ଏଣୁ ମାଣ୍ଡିଆ ତିଆରି ଜଳଖିଆ ର ଚାହିଦା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିବ ଏବଂ ବ୍ୟବସାୟୀ ମଧ ଦୁଇ ପଇସା ଭଲ ରୋଜଗାର କରି ଜୀବନ ଜୀବିକା ରେ ସହାୟକ ହୋଇ ପାରିବ, ଉକ୍ତ କାର୍ଯ୍ୟକ୍ରମ କୁ ମିଲେଟ ମିଶନ ପ୍ରକଳ୍ପ ସଂଯୋଜକ ତପନ କୁମାର ରଥ, ସୁରେଶ ଚନ୍ଦ୍ର ପୂଜାରୀ, ତ୍ରିନାଥ ଖେମୁଡୁ ଓ ରାକେଶ ମହାରଣା ପରିଚାଳନା କରୁଛନ୍ତି !

# ମୟୂରଭଂଜରେ ପ୍ରାଣୀଧନର ଦ୍ରୁତ ଅବକ୍ଷୟ ଚିନ୍ତାଜନକ

## ■ନବ ନିର୍ମିତ ପ୍ରାଣୀ ଚିକିତ୍ସାଳୟ ପାଲଟିଛି ଭୁତକୋଠୀ
## ■ପ୍ରାଣୀ ଚିକିତ୍ସକ ଅଭାବ ଓ ଚାରଣ ଭୂମିର ବେଆଇନ ଜବର ଦଖଲ ମୁଖ୍ୟ ସମସ୍ୟା
## ■ସମସ୍ୟାରେ ପଡି ଗୋପାଳନରୁ ମୁହଁ ଫେରାଉଛନ୍ତି ଯୁବ ଉଦ୍ୟୋଗୀ

ବାରିପଦା ,୩୦/୭ (ନି.ପ୍ର): ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରି ହଜାର ହଜାର କୋଟି ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରୁଥିବା ବେଳେ, ପ୍ରାଣୀ ସମ୍ପଦ ଆଜି କେତେ ସୁରକ୍ଷିତ ଏବଂ ସରକାରୀ ଯୋଜନା ସବୁ କେତେ ଫଳପ୍ରଦ ତାହା ତର୍ଜମା କରିବା କଥା । ଏଥିପାଇଁ ସ୍ୱତନ୍ତ୍ର ସରକାରୀ ମଣନ୍ତ୍ରଣାଳୟ, ସ୍ୱତନ୍ତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇଥିବା ବେଳେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଦିଗରେ କାର୍ଯ୍ୟରତ ଥିବାର ଦେଖାଯାଉଛି । ତେବେ ଏତେସବୁ ବନ୍ଦୋବସ୍ତ ପରେବି ମୟୂରଭ ଭଳି ଏକ ବଣପାହାଡ ଘେରା ତଥା ସୁବିସ୍ତିର୍ଣ୍ଣ ଚାରଣ ଭୂମୀ ମହଜୁଦ ଥିବା ଜିଲ୍ଲାରେ ପ୍ରାଣୀ ସମ୍ପଦ ବିଶେଷ କରି ଗୋସମ୍ପଦର ସୁରକ୍ଷା ଓ ବିକାଶ ବହୁଳ ମାତ୍ରାରେ ବାଧାପ୍ରାପ୍ତ । ଆଦିବାସୀ ଅଧୁଷିତ ମୟୂରଭ ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଗୋପାଳନ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା କଥା । କୃଷି, ଗୃହପାଳିତ ପଶୁ ପକ୍ଷୀ ପାଳନ ଉପରେ ଜିଲ୍ଲାବାସୀ ମୁଖ୍ୟତଃ ନିର୍ଭରଶୀଳ । ମାତ୍ର ଜିଲ୍ଲାରେ ଗୋଧନର ବିକାଶ ନେଇ କୌଣସି ଠୋସ ପଦକ୍ଷେପ ନିଆଯାଉନଥିବା ଦେଖାଯାଉଛି । ୨୦୧୨ ମସିହାରେ ହୋଇଥିବା ପ୍ରାଣୀସମ୍ପଦ ଗଣନା ଆଧାରରେ ଜିଲ୍ଲାରେ ଦେଶୀ ଓ ଶଙ୍କର ଜାତୀୟ ଗାଇ ଏବଂ ଷଣ୍ଢଙ୍କ ସଂଖ୍ୟା ମିଶି ୮ଲକ୍ଷ ୩୧ହଜାର ୨୬୭ ଥିଲା । ପରବର୍ତ୍ତୀ ପ୍ରାଣୀସମ୍ପଦ ଗଣନା ୨୦୧୯ରେ ହୋଇଥବା ବେଳେ, ଏହି ଗଣନାରେ ଜିଲ୍ଲାରେ ଗୋଧନଙ୍କ ସଂଖ୍ୟା ୬ଲକ୍ଷ ୭୩ହଜାର ୪୪୨କୁ ଖସିଆସିଥିବା ବିଭାଗ ପକ୍ଷରୁ ଜଣାଯାଇଛି । ଅର୍ଥାତ ଗତ ୭ ବର୍ଷ ମଧରେ ଜିଲ୍ଲାରେ ୧ଲକ୍ଷ ୫୭ହଜାର ୮୨୫ ଗୋସମ୍ପଦ ହ୍ରାସ ପାଇଛନ୍ତି । ମୟୂରଭ ଭଳି ଏକ କୃଷିପ୍ରଧାନ ଜିଲ୍ଲାରେ ଗୋଧନଙ୍କ ସଂଖ୍ୟା ଏପରି କମିବା ନିହାତି ଚିନ୍ତାର ବିଷୟ । ଏହାର ବହୁବିଧ କାରଣ ମଧ୍ୟରୁ ଜିଲ୍ଲାରେ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଗୋଶାଳା ଗୁଡ଼ିକର ବିକାଶ ନେଇ ବିଭାଗ ପକ୍ଷରୁ ସେପରି କୌଣଷି ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ହେତୁ ହାତଗଣତି କେତୋଟି ଗୋଶାଳାକୁ ଛାଡିଦେଲେ ବହୁ ଗୋଶାଳା ବନ୍ଦ ହୋଇ ରହିବା, ଜିଲ୍ଲାରେ ଥିବା ଚାରଣ ଭୂମୀର ବେଆଇନ ଜବର ଦଖଲ ହେବା, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସରକାରୀ ତଥା ବିଭାଗୀୟ ଉଦାସୀନତା ଇତ୍ୟାଦିକୁ ଦାୟୀ କରାଯାଇପାରେ । ଯୁବଗୋଷ୍ଠୀଙ୍କୁ ଅତ୍ୟାଧୁନିକ ଉପାୟରେ ଗୋପାଳନ କରି ସ୍ୱାବଲମ୍ବୀ ହେବାକୁ ମଧ ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ । ଜିଲ୍ଲାରେ ପ୍ରାଣୀମାନଙ୍କର ଚିକିତ୍ସା ଭିତ୍ତିଭୂମି ମଧ ଦୁର୍ବଳ ହୋଇପଡ଼ିଛି । ଫଳରେ ଏମାନଙ୍କର ସମୟ ମୁତାବକ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ହୋଇପାରୁନାହିଁ । ଫଳରେ ଏହି କ୍ଷେତ୍ରକୁ ନୂତନ ଉଦ୍ୟୋଗୀଙ୍କ ପ୍ରବେଶ ନିରୁତ୍ସାହ ଜନକ ରହୁଛି । ପ୍ରାଣୀ ଚିକିତ୍ସା କେନ୍ଦ୍ର ଗୁଡିକରେ ବହୁ ଚିକିତ୍ସକ ପଦବୀ ଖାଲି ପଡ଼ିଛି । ଅନେକ ସ୍ଥାନରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ସରକାରୀ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ସୁଦୃଶ୍ୟ କୋଠା ମାନ ନିର୍ମାଣ ହେଉଥିଲେ ମଧ୍ୟ ଚିକିତ୍ସକ ଓ କର୍ମଚାରୀ ଅଭାବରୁ ସେଗୁଡିକ ଖୋଲିନପାରି ବିଲଡିଂ ସବୁ ଲଟାବୁଦା ମାଡି ନଷ୍ଟ ହେବା ସହିତ ବିଲଡିଂ ଗୁଡିକରୁ କବାଟ ଝରକା ଅସାମାଜିକ ଲୋକେ ଖୋଲି ନେଲେଣି । ଏହାର ଜ୍ୱଳନ୍ତ ଉଦାହରଣ ଦେଖାଯାଇଛି ବାରିପଦା ସହର ଉପକଣ୍ଠ ନବ ନିର୍ମିତ ଗାଙ୍ଗରାଜ ପ୍ରାଣୀ ଚିକିତ୍ସାଳୟରେ । ଫଳରେ ଜନସାଧାରଣ ତଥା ଗୋସମ୍ପଦ ଉଦ୍ୟୋଗୀ ମାନେ ସ୍ଥଳ ବିଶେଷରେ ସମୟ ମୁତାବକ ଚିକିତ୍ସା ନପାଇ ଲକ୍ଷାଧିକ ଟଙ୍କା କ୍ଷତିରେ ପଡୁଛନ୍ତି । ଜିଲ୍ଲା ସଦର ମହକୁମା ବାରିପଦାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ସହିତ ଅନ୍ୟ ତିନି ଉପଖଣ୍ଡରେ ୩ଟି ଉପଖଣ୍ଡ ପ୍ରାଣି ଚିକିତ୍ସାଳୟ, ୨୪ଟି ଗୋଷ୍ଠୀ ପ୍ରାଣୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ୧୬୬ଟି ପୁରୁଣା ଓ ୫୬ଟି ନୂଆ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ରହିଛି । ପୁଣି ଭେଟେନାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ମଧ ଏକାଧିକ ଫାଙ୍କା ରହିଥିବାର ଜଣାଯାଇଛି । ସରକାରୀ ବିଭାଗୀୟ ଅଧିକାରୀ ମାନେ ଏସି ରୁମରେ ବସି କୌଣଷି ତୃଣମୂଳ ରିପର୍ଟବା ସମସ୍ୟାକୁ ତର୍ଜମା ନକରି କେବଳ ପ୍ରତି ପଂଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲାଯିବାର ଘୋଷଣା କରି ଚିକିତ୍ସାଳୟ ବିଲଡିଂ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରି ସରକାରଙ୍କ ପାଇଁ ବାହାବା ଯୋଗାଡ କରିବାରେ ବ୍ୟସ୍ତ ଥିବା ବେଳେ, ସେହି ଚିକିତ୍ସାଳୟ ଚଳାଇବା ପାଇଁ ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତ ନକରିବା ମୟୂରଭ ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଥିବାର କୁହାଯାଉଛି । କିଛି ତଥାକଥିତ ସଂଗଠନ ବେଆଇନ ଗୋଚାଲାଣ ନେଇ ଭୀଡ ସୃଷ୍ଟି କରିବା ଓ ହିଂସାତ୍ମକ ଆଚରଣ କରିବାକୁ ସେମାନଙ୍କର ଅଧିକାର ବୋଲି ଭାବିନେଇଥିବା ବେଳେ, ଗୋସମ୍ପଦର ବିକାଶ ବାସ୍ତବରେ କିଭଳି ସମ୍ଭବ ହେବ ତାହା ଚିନ୍ତା କରୁନଥିବାର ଦେଖାଯାଇଛି । ସରକାର ଏଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେଇ ସମସ୍ୟାର ସମାଧାନ କରିବା ସହିତ ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଦିବରେ ଅଧିକ ସୁଯୋଗ ସୃଷ୍ଟି କରିବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ଅଗଷ୍ଟ, ୨୦୨୧
email : rabibarachayan2015@gmail.com

# ର ବି ବା ର ଚ ୟ ନ




......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କହିଲି, " ମୂର୍ଖ ! ତୁ ଚିହ୍ନୁନାହୁଁ ଏଯେ ଡେପୁଟି ସାହେବ । ଅଳ୍ପଦିନ ହେଲା ବାଳମୁକୁନ୍ଦ କାନୁନ୍‌ଗୋଙ୍କ ସ୍ଥାନରେ ଆସିଛନ୍ତି ।" ତତ୍‌କ୍ଷଣାତ୍ କନ୍‌ଷ୍ଟେବଲ୍ ସଳଖ ଭାବରେ ଛିଡ଼ାହୋଇ ପୋଲିସ କାଏଦାରେ ଦୀର୍ଘ ସଲାମଟାଏ ତାଙ୍କୁ ପକାଇଲା । କେବଳ ସେତିକି ନୁହେଁ, ସେହି ସ୍ତ୍ରୀ ଲୋକ ପାଖକୁ ଦୌଡ଼ି ଯାଇ କଠୋର ସ୍ୱରରେ ତାକୁ କହିଲା, "ଚାଲ୍ ଥାନାକୁ, ସାହେବଙ୍କୁ ଏତେ ହଇରାଣ କଲୁ ।" ବୈଦ୍ୟନାଥ ବାବୁ, ମୁଁ ଓ ଉପସ୍ଥିତ ଲୋକେ ଆଉ ହସ ସମ୍ଭାଳି ପାରିଲୁ ନାହିଁ । କନ୍‌ଷ୍ଟେବଲ୍‌କୁ କହିଲି, "ସାବାସ୍ ପୋଲିସ୍‌ବାଲା ! ଯା, ତୋର କାମ କର ।" ସେ, ଲଜ୍ଜାବନତ ମୁଖରେ ଚାଲିଗଲା ଓ ଆମ୍ଭେମାନେ ସେହି ସ୍ତ୍ରୀକୁ ନେଇ ବୈଦ୍ୟନାଥ ବାବୁଙ୍କ ବସାକୁ ଗଲୁ ଓ ତାକୁ କିଛି ଦେଇ ବିଦାୟ କଲୁ । ଅତ୍ୟଧିକ ସରଳତା ଅନେକ କ୍ଷେତ୍ରରେ ବିପଦର କାରଣ ହୋଇଥାଏ । ଚନ୍ଦ୍ରର ବଙ୍କିମ ରୂପ ଥିବା ଯାଏ ରାହୁ ତାକୁ ସ୍ପର୍ଶ କରିବାକୁ ସୁଦ୍ଧା ସାହସ କରେନାହିଁ । ସରଳ, ସୁଗୋଲ, ମନୋମୁଗ୍‌ଧକର ପୂର୍ଣ୍ଣଚନ୍ଦ୍ରକୁ ଦେଖି ଅନାୟାସରେ ଗ୍ରାସକରେ। ବୈଦ୍ୟନାଥ ବାବୁଙ୍କ ଆଉ ବିଶେଷତ୍ୱ ଥିଲା, ସଙ୍ଗୀତାନୁରାଗ ଓ ପାକକାର୍ଯ୍ୟ । ସେ ନୈପୁଣ୍ୟ ସହକାରେ ବେହେଲା ବଜାଇ ପାରୁଥିଲା ଓ ଅନ୍ୟାନ୍ୟ ସଙ୍ଗୀତ ସହିତ ସ୍ୱରଚିତ ସଙ୍ଗୀତ ଗାନ କରୁଥିଲେ । ନିଜେ ଖାଇବା ଅପେକ୍ଷା ଅନ୍ୟକୁ ଖୁଆଇବାରେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । କୌଣସି ବନ୍ଧୁ ତାଙ୍କୁ ଭୋଜିକୁ ନିମନ୍ତ୍ରଣ କଲେ ସେ ଯେ କେବଳ ଖାଇବାକୁ ଆସୁଥିଲେ, ତାହା ନୁହେଁ । ରନ୍ଧନଶାଳାକୁ ଯାଇ ଉପାଦେୟ ଆହାର୍ଯ୍ୟ ପ୍ରସ୍ତୁତ କରାଉଥିଲେ । ପ୍ରତି ଶନିବାର ଦିନ କୌଣସି ନା କୌଣସି ଅଫିସରଙ୍କ ଘରେ ଭୋଜିହୁଏ ଓ କେଉଁଦିନ କାହାରି ଘରେ ହୋଇ ନପାରିଲେ ତାଙ୍କ ଘରେ ହୁଏ ଓ ସେଥିରେ ସ୍ୱହସ୍ତରେ ଜିନିଷମାନ ପ୍ରସ୍ତୁତ ହୁଏ । ବରଗଡ଼ରେ ମୋର ତୃତୀୟା କନ୍ୟା ଅନୁପମାର ଅନ୍ନପ୍ରଶାନ ଭୋଜିରେ ବୈଦ୍ୟନାଥ ବାବୁ ମୋର ସବିନୟ ନିଷେଧ ସତ୍ତ୍ୱେ ଅନେକ ଜିନିଷ ସ୍ୱହସ୍ତରେ ପାକ କରିଥିଲେ । ମଫସଲ ଗସ୍ତରେ ତାଙ୍କ ସଙ୍ଗେ ଯାଇଥିବା ପେସ୍‌କାର, ଚପରାସୀ ଆଦିଙ୍କୁ ସ୍ୱହସ୍ତରେ ଆହାର୍ଯ୍ୟ ପରିବେଷଣ କରୁଥିବା ଦେଖି ଲୋକେ ତାଙ୍କ ଅମାୟିକତା ଓ ସଦାଶୟତାର ଭୂୟସୀ ପ୍ରଶଂସା କରନ୍ତି । ଏଆଡ଼େ କର୍ମତତ୍ପରତା ଓ ପାଣ୍ଡିତ୍ୟପୂର୍ଣ୍ଣ ଲେଖା ଓ ସୁବିଚାର । ସେତେବେଳେ ବରଗଡ଼ରେ ଥିଲୁଁ, ମୁଁ, ସେକେଣ୍ଡ ଅଫିସର, ଉମାଚରଣ ଦାସ ତହସିଲ୍‌ଦାର୍ ଓ ଗୌରକିଶୋର ଦାସ ଅତିରିକ୍ତ ତହସିଲ୍‌ଦାର ।

ଶାସନ ବିଭାଗରେ ଆମ୍ଭମାନଙ୍କ ଛଡ଼ା ବିଚାର ବିଭାଗରେ ଥିଲେ ମୁନସିଫ୍ ସୂର୍ଯ୍ୟମଣି ଦାସ । ଚିକିତ୍ସା ବିଭାଗରେ ଡାକ୍ତର ଗିଡ଼ିଏନ୍ ସାହୁ । ଏତିକି ମାତ୍ର ଅଫିସର। ଓକିଲ ଥିଲେ ମୋର ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ର – ଏକମାତ୍ର ଓଡ଼ିଆ ଓକିଲ, ଆମ ତିନିଜଣ ବଙ୍ଗାଳୀ ଓକିଲ, ଶ୍ରୀ ହେମଚନ୍ଦ୍ର ଚକ୍ରବର୍ତ୍ତୀ, ଅଘୋରନାଥ ପଣ୍ଡିତ ଓ ମହେନ୍ଦ୍ରନାଥ ଚକ୍ରବର୍ତ୍ତୀ। ଆଉ ଜଣେ ବଙ୍ଗାଳୀ ମୋକ୍ତାର ଶ୍ରୀ ଅନନ୍ତଲାଲ ବିଶ୍ୱାସ । ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ବୈଦ୍ୟନାଥ ବାବୁଙ୍କ ବସାରେ ସଙ୍ଗୀତ ଚର୍ଚ୍ଚା ହୁଏ ଓ ଆମ୍ଭେମାନେ ତହିଁରେ ଯୋଗଦେଉ । ପ୍ରୋକ୍ତ ବଙ୍ଗାଳୀ ଭଦ୍ରଲୋକଙ୍କ ମଧରେ ମୋର୍ଚ୍ଚାର ଅନନ୍ତଲାଲ ବିଶ୍ୱାସ ଡୁବିତବଲା ବଜାଇ ଜାଣନ୍ତି ଓ ପ୍ରାୟ ତିନିଦିନ ନିମନ୍ତ୍ରିତ ହୋଇଆସନ୍ତି । ବୈଦ୍ୟନାଥ ବାବୁଙ୍କ ଅଧୀନରେ ଆମ୍ଭମାନଙ୍କ ଚାକିରି ଜୀବନ ଅତ୍ୟନ୍ତ ଆନନ୍ଦରେ ଅତିବାହିତ ହେଉଥିଲା । ପ୍ରକୃତରେ ସେ ଆମ୍ଭମାନଙ୍କୁ ନିଜ ଭାଇ ପରି ବ୍ୟବହାର କରୁଥିଲେ।

ପରଶ୍ରୀକାତରତା ଓ ଈର୍ଷାପରାୟଣତା ଦ୍ୱାରା କଳୁଷିତ ହେଉ ନଥିଲେ ମନୁଷ୍ୟ ଜୀବନ କେଡ଼େ ସୁଖମୟ ହେଉଥାନ୍ତା ! ଦିନେ ମୋ ଅଦାଲତରେ ବିଚାର ସକାଶେ ଥିବା ଗୋଟିଏ ମୋକଦ୍ଦମା ଅନ୍ୟ ଅଦାଲତକୁ ଉଠାଇ ନେବା ସକାଶେ ଗୋଟିଏ ଦରଖାସ୍ତ ଡେପୁଟି କମିଶନରଙ୍କଠାରୁ ମୋଠାକୁ କୈଫିୟତ୍ ପାଇଁ ଆସିଲା । ଦରଖାସ୍ତକାରୀ ବରଗଡ଼ର ଜଣେ ବଙ୍ଗାଳୀ ଆଇନ ବ୍ୟବସାୟୀଙ୍କ ମହକିଲ। ମୋ ଅଦାଲତରୁ ମୋକଦ୍ଦମା ଉଠାଇନେବାର କାରଣ ଏହି ବୋଲି ଉଲ୍ଲେଖ ଥିଲା ଯେ, ଅପର ପକ୍ଷର ଓକିଲ ଶ୍ରୀ -ବାଲୁଙ୍କେଶ୍ୱର ମିଶ୍ର ଅଛନ୍ତି। ତାଙ୍କ ଦ୍ୱାରା ମୁଁ ଶିକ୍ଷାପ୍ରାପ୍ତ ଓ ତାଙ୍କ ମୋ ମଧ୍ୟରେ ପିତାପୁତ୍ର ସମ୍ପର୍କ ଥିବା ଯୋଗୁଁ ମୋ ହସ୍ତରେ ମୋକଦ୍ଦମାର ନ୍ୟାୟ ବିଚାର ହୋଇପାରିବ ନାହିଁ । ମୁଁ ମୋର କୈଫିୟତ୍‌ରେ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ସହିତ ସମ୍ପର୍କ ବିଷୟ ସ୍ୱୀକାର କଲି । କିନ୍ତୁ ସେହି କାରଣରୁ ସେ ଯେଉଁ ମୋକଦ୍ଦମାରେ ରହିବେ ସେହି ମୋକଦ୍ଦମାରେ ଯେ ନ୍ୟାୟ ବିଚାର କରିପାରିବି ନାହିଁ, ତାହା ଅସ୍ୱୀକାର କଲି ଏବଂ କହିଲି ଯେ ବରଂ ଏହି କାରଣରୁ ମୋତେ ଅଧିକ ସାବଧାନତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ହେବ। ଆଉ ମଧ ଲେଖିଦେଲି ଯେ, ମୋ ଅଦାଲତରୁ ମୋକଦ୍ଦମା ଉଠାଇ ନେବାରେ ମୋର ଆପତ୍ତି ନାହିଁ । ଡେପୁଟି କମିଶନର ଇଂଲିସ ସାହେବ (A. L. Inglis, I.C.S.) ମୋକଦ୍ଦମା ମୋ ଅଦାଲତରୁ ଉଠାଇନେଲେ ।

ଏହା ଉତ୍ତାରେ ଏହି କାରଣରେ ଘନ ଘନ ଦରଖାସ୍ତ ପଡ଼ିବାର ମୁଁ ଜାଣିପାରିଲି । ଜଣେ ମାତ୍ର ଓଡ଼ିଆ ଓକିଲ ବିପକ୍ଷରେ ଅପର ସମସ୍ତେ ବଙ୍ଗାଳୀ । ଦିନେ ହଠାତ୍ ଡେପୁଟି କମିଶନର ମୋଟର ସାଇକେଲ୍‌ରେ ବରଗଡ଼ରେ ଉପସ୍ଥିତ ହେଲେ ଓ ମୋର ନିଷ୍ପତ୍ତି ହୋଇଥିବା ସମସ୍ତ ମୋକଦ୍ଦମାର ନଥିମାନ ଡାକବଙ୍ଗଳାକୁ ମଗାଇନେଲେ। ସେ ସବୁ ମଧ୍ୟରେ ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ଦ୍ୱାରା ପରିଚାଳିତ ମୋକଦ୍ଦମାର ନଥିମାନ ମଧ ଥିଲା । ନଥି ନେଇ ଯିବା ତିନି ଚାରି ଘଣ୍ଟା ପରେ ଡେପୁଟି କମିଶନର ମୋତେ ଡକାଇଲେ ଓ କହିଲେ ଯେ, ଓକିଲମାନେ ମୋତେ ଅକାରଣରେ କଷ୍ଟ ଦେଉଛନ୍ତି ଏବଂ ମୁଁ ବାଲୁଙ୍କେଶ୍ୱର ବାବୁଙ୍କ ପକ୍ଷର ମୋକଦ୍ଦମା ଗୁଡ଼ିକରେ ଅଯଥା କଠୋରତା ଅବଲମ୍ବନ କରୁଅଛି ବୋଲି ନଥିଗୁଡ଼ିକରୁ ସେ ପ୍ରମାଣ ପାଉଅଛନ୍ତି । ଏହା କହି ଆଠ ଦଶ ଗୋଟି ଦରଖାସ୍ତ ସେ ମୋତେ ଦେଖାଇ ଦେଲେ । ସମସ୍ତ ଦରଖାସ୍ତ ନାମଞ୍ଜୁର ହୋଇଥିବା ଦେଖିଲି। ବରଗଡ଼ରେ ଦୁଇଟି ମାତ୍ର ଫୌଜଦାରୀ ଅଦାଲତ, ଗୋଟିଏ ସବଡ଼ିଭିଜନାଲ ଅଫିସରଙ୍କର ଓ ଅପରଟି ସେକେଣ୍ଡ ଅଫିସର, ମୋର । ତହସିଲ୍‌ଦାର ଦ୍ୱୟ ପ୍ରାୟ ଗସ୍ତରେ ଥାଆନ୍ତି । କ୍ୱଚିତ୍ ଫୌଜଦାରୀ ମୋକଦ୍ଦମା ବିଚାର କରନ୍ତି । ସବଡ଼ିଭିଜନାଲ୍ ଅଫିସର ଗସ୍ତରେ ଥିବା ସମୟରେ ସେକେଣ୍ଡ ଅଫିସରଙ୍କୁ ସଡ଼ିଭିଜନ୍‌ର ସମସ୍ତ ମୋକଦ୍ଦମା ନିଜ କ୍ଷମତାନୁଯାୟୀ ବିଚାର କରିବାକୁ ହୁଏ। ଏପରି ଅବସ୍ଥାରେ ଯଦି ଜଣେ ଓକିଲଙ୍କ ସହିତ ମୋର କେବଳ ଧର୍ମ ସମ୍ପର୍କ ଥିବା କାରଣରେ ମୋ ଅଦାଲତ ତାଙ୍କୁ ବର୍ଜନ କରିବାକୁ ପଡ଼େ ତାହାହେଲେ ମୁଁ ବରଗଡ଼ରେ ଥିବା ପର୍ଯ୍ୟନ୍ତ ସମସ୍ତ ଫୌଜଦାରୀ ଅଦାଲତ ତାଙ୍କୁ ବର୍ଜନ କରିବାକୁ ହେବ । ଏହି ଦୂରଭିସନ୍ଧି ଦ୍ୱାରା ଚାଳିତ ହୋଇ ଓକିଲ ବନ୍ଧୁମାନେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ। ମୁଁ ଡେପୁଟି କମିଶନରଙ୍କୁ କହିଲି ଯେ, ମୁଁ ବରଗଡ଼ରେ ରହିବାଦ୍ୱାରା ଯଦି ଜଣେ ଓକିଲଙ୍କୁ କ୍ଷତିଗ୍ରସ୍ତ ହେବାକୁ ହେଲା, ତାହାହେଲେ ମୋତେ ସ୍ଥାନାନ୍ତରକୁ ପଠାଇଦେବା ସକାଶେ ଗଭର୍ଣ୍ଣମେଣ୍ଟଙ୍କୁ ଲେଖିବା ଉଚିତ ହେବ । ସେ କିନ୍ତୁ ମୋତେ ଅଭୟ ଦେଲେ ଓ ଯେପରି କରୁଅଛି ସେପରି କରିବାକୁ ଉପଦେଶ ଦେଲେ । ଆଉ ଗୋଟିଏ ଯୋଡ଼ିଏ ଦରଖାସ୍ତ ପୁଣି ହୋଇଥିଲା । କିନ୍ତୁ ସେ ସବୁ ନାମଞ୍ଜୁର ହେବାରୁ ଏପରି ଦରଖାସ୍ତ ବନ୍ଦ ହୋଇଗଲା । କିଛିଦିନ ଉତ୍ତାରେ ଗୋଟିଏ ମଫସଲ ଥାନାରୁ ଅଭିଯୋଗ ଆସିଲା ଯେ, ଏମାନଙ୍କ ମଧ୍ୟରୁ ଜଣେ ଓକିଲ ହାଜତରେ ଥିବା ଜଣେ ଆସାମୀର ଟିପଚିହ୍ନ ଝରକା ବାଟରେ ଥାନା ଅଫିସରଙ୍କ ବିନା ଅନୁମତିରେ ଓ ଅଜ୍ଞାତସାରରେ ନେଇଯାଇଥିଲେ। ଓକିଲଙ୍କୁ ଡକାଇ ଏ ସମ୍ବନ୍ଧରେ ପ୍ରଶ୍ନ କଲାରୁ ତାଙ୍କର ପ୍ରଥମ ଉତ୍ତର ହେଲା, "ହଜୁର ! ଆପଣଙ୍କ ବିରୁଦ୍ଧରେ ଯେଉଁ ଦରଖାସ୍ତମାନ ହୋଇଥିଲା ତହିଁରୁ ଗୋଟାକରେ ସୁଦ୍ଧା ମୁଁ ନଥିଲି – ଅମୁକ ଥିଲା ।" ବର୍ଷକ ପରେ ମୁଁ ବରଗଡ଼ରୁ ବଦଳି ହୋଇଯିବା ଉପଲକ୍ଷରେ ଯେଉଁ ବିଦାୟ ସଭା ହୋଇଥିଲା ତହିଁରେ ଏହି ଓକିଲ ବନ୍ଧୁମାନେ ମୋ ସମ୍ବନ୍ଧରେ ସଦୟ ପ୍ରଶଂସାବାଣୀ ଶୁଣାଇଥିଲେ। (କ୍ରମଶଃ)

## ପର୍ଦ୍ଦା ପଛର କଥା -୫

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ-୧୨

### 'ଗୀତର ମୋହରେ' (୨)

ଚଳଚ୍ଚିତ୍ର ପରି କ୍ୟାସେଟ୍ ଦୁନିଆରେ ବି ସମାନ ଅବସ୍ଥା । ସମଗ୍ର କ୍ୟାସେଟ୍ ଶିଳ୍ପରେ ଜେ.ଇ କଂପାନୀ ଓ ସମ୍ରାଟ କ୍ୟାସେଟ୍‌ସ ମଧରେ ଜୋର୍‌ଦାର କମ୍ପିଟିସନ । ଭଜନର ଚାହିଦା ଢ଼େର । ଛକମାନଙ୍କରେ, ବସ୍ ଷ୍ଟପେଜ୍‌ରେ, କ୍ୟାସେଟ୍ ଦୋକାନରେ ଭିଡ଼ । ଏସବୁ ଭିତରେ ଭାରି ଇଚ୍ଛା ହୁଏ କ୍ୟାସେଟ୍‌ରେ ଲେଖିବାର ସୁଯୋଗ ମିଳିଲାନି କି ? ଭଜନ କ୍ଷେତ୍ରରେ ଅରବିନ୍ଦ ମୁଦୁଲି ଥିଲେ ଭିକାରୀ ବଳଙ୍କ ପରେ ବେଶ୍ ଲୋକପ୍ରିୟ । ସେତେବେଳେ ବାଳକାଟୀର ଶିଶୁ ସାହିତ୍ୟିକ ବାପାଙ୍କ ବଂଧୁ ଅରୁଣ ଚନ୍ଦ୍ର ମହାନ୍ତି ଥିଲେ ଭଜନ ଲେଖିବାରେ ମାହିର୍ । ଅରବିନ୍ଦ ମୁଦୁଲି ଓ ଅନ୍ୟାନ୍ୟ ଗାୟକମାନଙ୍କ ପାଇଁ ପ୍ରଚୁର ଗୀତ ଲେଖିଥିଲେ । ଗାଁରେ ଅରବିନ୍ଦ ମୁଦୁଲିଙ୍କର ଭଜନ ସମାରୋହ ବହୁତଥର ଆୟୋଜନ କରୁଥିଲେ ଅରୁଣ ବାବୁ । ଷ୍ଟେଜ୍ ଉପରେ ବାରମ୍ବାର ଅରୁଣ ବାବୁଙ୍କ ନାଁ ପ୍ରଚାରିତ ହେଉଥିଲା ।

ଆଃ ! ମୋ ଭଜନକୁ କେହି ଷ୍ଟେଜ୍‌ରେ ଗାଆନ୍ତା ନାହିଁ କି ? ଅରବିନ୍ଦ ମୁଦୁଲିଙ୍କ ପାଖରେ କିଏ ମତେ ସୁଯୋଗ ଦେବ ?

ଜଣେ ଇଚ୍ଛା କରି ଆଧୁନିକ ଗୀତଟିଏ ଲେଖି ପାରିବ ମାତ୍ର ଭଜନ ଲେଖିବା ପାଇଁ ସେତିକି ଈଶ୍ୱରୀୟ ସମର୍ପଣ ଭାବ ରହିବା ଆବଶ୍ୟକ । ଅନ୍ତତଃ ମୁଁ ଏଥିରେ ବିଶ୍ୱାସ କରେ । ପୁରୀ ବଡ଼ଦାଣ୍ଡରେ ଗଲାବେଳେ ଭଜନ ଶୁଣି ମୁଁ ପୁଲକିତ ହୋଇ ପଡୁଥିଲି, ଶ୍ରୀରାମ ରଚିତ ମାନସରେ ପ୍ରବଚନ ଦେବା ମଧ ମୋର ଅନ୍ୟ ଏକ ପରିଚୟ ଥିଲା ।

ଏସବୁ ସତ୍ତ୍ୱେ ଭଜନ ଲେଖିବା ପାଇଁ ଈଶ୍ୱରୀୟ କୃପା ମୁଁ ଲାଭ କରିପାରୁ ନଥିଲି ।

ଗାୟକ ବଂଧୁ ସନ୍ତୋଷ ଦାଶ ମୋ କଲେଜରେ ଯୋଗ ଦେଲେ ଇଂରାଜୀ ଅଧାପକ ଭାବରେ । ସେ ମୋର ପାରିବାରିକ ବନ୍ଧୁ । ପ୍ରଣବ ପଟ୍ଟନାୟକଙ୍କ ଶୈଳୀରେ ଗୀତ ଗାଇବାରେ ମାହିର । ଅନେକ ସଂଗୀତ କାର୍ଯ୍ୟକ୍ରମରେ ସେ କଣ୍ଠଶିଳ୍ପୀ ଭାବରେ ଯୋଗ ଦେଉଥାନ୍ତି । ସେ ହିଁ ମତେ ପ୍ରେରଣା ଦେଲେ ଭଜନ ଓ ଆଧୁନିକ ଗୀତ ଲେଖିବା ପାଇଁ । ମହମ୍ମଦ ଆବିଦ୍‌ଙ୍କ ସହ ମିଶାଇଦେଲେ । କଲେଜ ଫଙ୍କସନରେ ଆବିଦ ମୋରି ଆଧୁନିକ ଗୀତକୁ ଗାଇଲେ ଓ ଅଜସ୍ର ପ୍ରଶଂସା ମିଳିଲା ମତେ । ଗୀତ ଲେଖିବାର ନିଶା ମୋର ବଢ଼ିଗଲା । ସଂଧ୍ୟାରେ ପ୍ରତିଦିନ ସନ୍ତୋଷ ବାବୁଙ୍କ ସହ ମିଞ୍ଜିମିଞ୍ଜି ଲଣ୍ଠନ ଆଲୋକରେ ଗୀତ ଲେଖା ଚାଲିଲା କଲେଜରେ ମୋ ଅଧକ୍ଷ ଚାମ୍ବରରେ । ସନ୍ତୋଷ ବାବୁ ମତେ ଥରେ ଡାକିନେଲେ ପ୍ରଣବ ପଟ୍ଟନାୟକଙ୍କ ପାଖକୁ । ପ୍ରଣବ ବାବୁଙ୍କ ସହ ମୋର ପରିଚୟ ହୋଇ ନଥାଏ, କେବଳ ସଂଧ୍ୟାରେ ରବି ଟକିଜ ଭାଙ୍ଗ ଦୋକାନରେ ପ୍ରଣବ ଭାଇଙ୍କୁ ଦେଖେ । ପ୍ରଣବ ଭାଇ ଗୋଟାଏ ହିନ୍ଦୀ ଗଜଲ ରେକର୍ଡ଼ି କରିବା ଯୋଜନାରେ ଥାନ୍ତି । ମୁଁ କେତୋଟି ଗଜଲ ଲେଖି ପକାଇଲି ଜଣେ ମୁସ୍‌ଲିମ୍ ଅଧାପକ ବନ୍ଧୁଙ୍କ ସହାୟତା ନେଇ । ପ୍ରଣବ ଭାଇଙ୍କୁ ଦେଲି । ପ୍ରଣବ ଭାଇ ଗୀତଗୁଡ଼ିକୁ ରଖିଲେ ମାତ୍ର ଗଜଲ କ୍ୟାସେଟ୍‌ରେ ସେଗୁଡ଼ିକ ସ୍ଥାନ ପାଇଲା ନାହିଁ ।

ତେବେ କିଛିଦିନ ପରେ ନିର୍ବାଚନ ଋତୁ ଆସିଲା, ପ୍ରଣବ ଭାଇଙ୍କ ପାଖରୁ ଡାକରା ଆସିଲା । ବିଜୁ ପଟ୍ଟନାୟକଙ୍କ ଜନତା ଦଳ ନିମନ୍ତେ ଗୀତ ଲେଖିବାକୁ ପଡ଼ିବ । ପ୍ରଣବ ଭାଇଙ୍କ ବହୁ ପ୍ରଚାରିତ ଗୀତ ଗୁଡ଼ିକର ଟ୍ୟୁନ୍‌ରେ ଗୀତ ଲେଖିବାକୁ ପଡ଼ିବ । ପ୍ରଣବ ଭାଇଙ୍କ ଘରେ ବସି ଗୀତ ଗୁଡ଼ିକ ଲେଖିଲି, ଇଲେକ୍‌ସନ୍‌ରେ ଗୀତ ଗୁଡ଼ିକ ବାଜିଲା ବେଳେ ଛାତି ମୋର କଣ୍ଢେ ମୋଟ ହୋଇଗଲା । ହେଲେ ଗୀତ ଗୁଡ଼ିକ ଯେ ମୁଁ ଲେଖିଛି ଏକଥା କାହାକୁ ଜଣା ପଡ଼ିଲା ନାହିଁ ।

ଦିନେ ସନ୍ତୋଷ ଦାଶ କହିଲେ, "ସାର୍ ମୋର ଜଣେ ବଂଧୁ ଲିଙ୍ଗରାଜ ମହାପ୍ରଭୁଙ୍କ ଉପରେ ଏକ କ୍ୟାସେଟ୍ କରିବାକୁ ଚାହୁଁଛନ୍ତି । ତାଙ୍କ ନାଁ ଟୁନା ରଥ । ରବି ଟକିଜ୍ ସାମ୍‌ନାରେ ତାଙ୍କର ପୁନମ୍ ଇଲେକ୍‌ଟୋନିସ ନାମରେ କ୍ୟାସେଟ୍ ଦୋକାନଟିଏ ଥାଏ । ଲକ୍ଷ୍ମୀକାନ୍ତ ପାଲିତକୁ ନେଇ ପୂର୍ବରୁ 'ମହାଭାରତ' କ୍ୟାସେଟ୍ ବାହାର କରିଥାନ୍ତି । ଟୁନା ବାବୁ ମୁଡି ଲୋକ । ଲିଙ୍ଗରାଜ ମହାପ୍ରଭୁଙ୍କ ଉପରେ ପ୍ରାୟତଃ ଭଜନ କ୍ୟାସେଟ୍ ନଥାଏ । ଗୀତ ଲେଖା ଚାଲିଲା କଲେଜରେ ସଂଧ୍ୟାବେଳେ । ମହାଦେବ ବିଶେଷ କରି ଶ୍ରୀଲିଙ୍ଗରାଜଙ୍କ ଉପରେ ମୋତେ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଲା । ସଂଗୀତ ନିର୍ଦ୍ଦେଶନା ଦେବାପାଇଁ ଶରତ ରଥଙ୍କ ନାଁ ସ୍ଥିର କରାଗଲା । ଶରତ ରଥ ବିଶିଷ୍ଟ ଓଡ଼ିଶୀ ଗାୟକ ଶ୍ରୀ ଲୋକନାଥ ରଥଙ୍କ ପୁତ୍ର ଓ ଜଣେ ବିଶିଷ୍ଟ ରିଦିମ୍ ପ୍ଲେୟାର, ତାଙ୍କ ସହ ମୋର ପାରିବାରିକ ସଂପର୍କ । ମୁଁ ତାଙ୍କୁ କକେଇ ସମ୍ବୋଧନ କରେ । ଶରତ ରଥ ମୋଟ ୧୦ଟି ଗୀତର ଟ୍ୟୁନ କଲେ । କ୍ୟାସେଟ୍‌ର ନାଁ ରହିଲା 'ଏକାମ୍ର କ୍ଷେତ୍ର' । ଇଏ ହେଉଛି ୧୯୮୭-୮୮ ମସିହାର କଥା । କ୍ୟାସେଟ୍‌ରେ ତିନୋଟି ଗୀତ ଗାଇଥିଲେ ସନ୍ତୋଷ ଦାଶ । "ଆଖିର ଲୁହରେ ଜାଳିବି ଜାଗର ଉଜାଗରେ ଥିବି ଚାହିଁ, ଦୁଃଖ ଯଦି ମୋର କପାଳେ ଲେଖିଛ ସୁଖ ମୁଁ ମାଗିବି ନାହିଁ ।" ଏ ଗୀତଟି ଆଜି ବି ପପୁଲାର । ଅନ୍ୟ ଗୋଟିଏ ଗୀତ ଦୀନବନ୍ଧୁ ମଲିଆଙ୍କ କଣ୍ଠରେ "ଡିବି ଡିବି ଡମ୍ବରୁ ବାଜେ, ବାସୁଆ ନାଚେ ନିଶାରେ ଝୁଲିରେ ।" ଦୀର୍ଘ ବର୍ଷ ପରେ ବି ଏ ଦୁଇଟି ଗୀତ ଆଜି ବି ଜନମାନସରେ ଉଜ୍ଜୀବିତ । ସବୁଠୁ ମଜାର କଥା ହେଉଛି ଏସବୁ ଗୀତର ଗୀତିକାର ମୁଁ ବୋଲି ବହୁତ ଲୋକଙ୍କୁ ଅଜଣା ।

ଲିଙ୍ଗରାଜ ମନ୍ଦିରରେ ବହୁ ବିଶିଷ୍ଟ ଅତିଥି ମାନଙ୍କ ଗହଣରେ କ୍ୟାସେଟ 'ଏକାମ୍ରକ୍ଷେତ୍ର' ଉନ୍ମୋଚିତ ହେଲା ଏବଂ ବହୁଦିନ ଯାଏ ଲିଙ୍ଗରାଜଙ୍କ ମନ୍ଦିରରେ ଗୀତଗୁଡ଼ିକ ବାଜିଲା । ପରେ ଦୀନବନ୍ଧୁ ମଲିଆ ଏହି କ୍ୟାସେଟ୍‌ର କେତୋଟି ଗୀତକୁ ନେଇ ସମ୍ରାଟ କ୍ୟାସେଟ୍ କଂପାନୀରେ ନିଜ କଣ୍ଠରେ ରେକର୍ଡ଼ି କରିଥିଲେ ।

ଗୀତ ଗୁଡ଼ିକର ସଫଳତା ମତେ ଆଗକୁ ବଢ଼ିବାର ଆତ୍ମବିଶ୍ୱାସ ଜଗେଇ ଦେଲା ।

ଏବେ ମୁଁ ଫୁଲ୍ ଦମ୍‌ରେ ଗୀତ ଲେଖିବାକୁ ଲାଗିଲି । (କ୍ରମଶଃ)

## କବିତା.... ଆମ ସମୟର

### ପ୍ରଣୟ ସୁଧା

### ॥ କବାଟ ॥



ଘରଟିଏ ଥାଏ
ଘର ଭିତରେ ଅହରହ ଡାକ ଶୁଭେ
କେଜାଣି କାହାର

କିନ୍ତୁ ଘରର କବାଟ ଫିଟେନା
କି ଭିତରକୁ ପଶି ହୁଏନା

ବରଂ କବାଟ ଫିଟେଇବାର ଚେଷ୍ଟା ଯେତେ
ଯେତେ ବଢେ
କବାଟଙ୍କ କୁଟୁମ୍ବ ବି
ସେତେସେତେ ବଢେ

ଆଉ
ତା'ପରେ ଲାଗେ
ସେଠି ଜମା ଘର ନାହିଁ
କି କେବେ ବି ନଥିଲା
କେବଳ ଥିଲା କବାଟ, କବାଟ
ଓ କବାଟଙ୍କ ଜଙ୍ଗଲ ।

+ଧର୍ମଶାଳା, ଜାରକା, ଯାଜପୁର
(ମୋ) ୮୩୩୯୮୧୮୪୧୧

### ରତ୍ନାକର ରାଉତ

### ॥ ପୁର୍ନନବ ॥

କେରାଏ ଦୁବଘାସ
ସହିବାକୁ ହୁଏ ତାକୁ
କେତେ କାହାର ଅଦଉତି
କେତେ ନିଷ୍ଠୁର ପଦାଘାତ
କେତେ ସଂତ୍ରାସ ।
ବଢ଼ି, ମରୁଡ଼ି ଓ ଅଗ୍ନ୍ୟୁତ୍ପାତ
ପ୍ରଚଣ୍ଡ ଗ୍ରୀଷ୍ମର ସଂଘାତ
ସବୁ ସହିବାକୁ ହୁଏ ।

କେଉଁ ପରାକ୍ରମୀ ହାତର ଯାଦୁରେ
ସେ ଉଦବାସ୍ତୁ ହୁଏ ।
ଅବହେଳାରେ ଫୋପାଡ଼ି ଦିଆଯାଏ
ତାକୁ କେଉଁ ଅପନ୍ତରାରେ
ବସ୍ତୁହରାର ବସତି ପରି ।

ତଥାପି କେଉଁଠି ଛପିଥାଏ
ଶୁଷ୍କ ତନୁର କେଉଁ କୁଟିଳ ସଂଧିରେ
ଅମୂର୍ତ୍ତ ଜୀବନୀ ଶକ୍ତି,
ଘନ ମେଘର ମେଖଳା ତଳେ
ଛପିଥିବା ପରି ସୂର୍ଯ୍ୟ,
ପଥର ଖଣ୍ଡରେ ଅଗ୍ନି,
ବାରୁଦ ଭିତରେ ବିସ୍ଫୋରଣ,

ମଂଜି ଭିତରେ ମହାଦ୍ରୁମ,
ଜରାୟୁ ଭିତରେ ଭୃଣ,
ଦୂବଘାସ ଗଣ୍ଡିର ଗଣ୍ଠୁଳିରେ
ଜୀଇଁ ଉଠିବାର ଚେତନା ।

ସାମାନ୍ୟ ବାରିପାତରେ କଅଁଳିଯାଏ ସେ
ବଉଳି ଯିବା ପରି ମୁକୁଳ
ପୁଣି ସାବ୍‌ଜା ତନୁର ସୁଷମାରେ
ଆକୃଷ୍ଟ କରେ ସଭିଙ୍କୁ,
କୁଆଁରୀ ଛାତିର କୋରକ ପରି
ହରଣ କରେ ମୁନିମନ ।
ସେତେବେଳକୁ ଇତିହାସ ପାଲଟିଯାଇଥାଏ
ଗତକାଲିର କଷଣ



ଦୂବଘାସ ପରି ଏ ଜୀବନ
ଯନ୍ତ୍ରଣାର ଜଠରରୁ ଜୀଇଁ ଉଠୁଛି ବାରମ୍ବାର ।

+ ଭୁବନେଶ୍ୱର
(ମୋ) ୯୪୩୭୩୮୨୨୮୧

### କମଳିନୀ ମଲ୍ଲିକ

### ॥ ଭୁଲିଯିବା ପରେ ॥

କଥା ଦେଇଥିଲ
ହାତ ରଖି ମୋର ହାତେ
ସାଥୀ ହୋଇ ଚାଲିବାକୁ
ଜୀବନର ଚଲାପଥେ
ହେଲେ, ଅଧାବାଟେ ଛାଡିଦେଲ
ବାଟ ଭାଙ୍ଗି ଚାଲିଗଲ
ଦୂରରୁ ଥାଇ ଖବରଟେ ପଠାଇଲ
ଏବେ ଭୁଲିଯାଅ ମୋତେ ।

ଭୁଲିବାକୁ ଚେଷ୍ଟା କଲି
ଜହ୍ନର ଜୋଛନା
ବଉଳର ବାସନାରେ
କୋଇଲିର ଆନମନା ସ୍ୱର
ଦକ୍ଷିଣା ପବନର ଅଝଟିଆ ପଣ
ତୁମ ପ୍ରେମ ଓ ପ୍ରତଶ୍ରୁତିର ଠିକଣା
ବହଳ ଅନ୍ଧାରରେ ଘୁମେଇ ପଡିଥିବା
ଆମ ଘର ଆଗର ନିରୋଳା ଅଗଣା ।

ଜଣା ପଡିଲାନି
ସମୟଟା କେତେ ଆଗକୁ ମାଡି ଆସିଛି
ଆଖି ଆଗର ପ୍ରକୃତି, ପରିବେଶ ଓ ପରିସ୍ଥିତି
ସବୁକିଛି ବଦଳି ଯାଇଛି ।

ଅଥଚ ମୁଁ ସେଇଠି, ସେମିତି
ମୁଁ ତ ଖେଳନା ନ ଥିଲି, ନାରୀଟିଏ,
ଛିନ୍ନ ବୀଣାରେ ବି ତୋଳିପାରେ ଆଶାବରୀଟିଏ

ଅନ୍ତତଃ ସେଇ ଗରିମା ଟିକକ
ମୋତେ ଉଜ୍ଜୀବିତ ରଖିଛି ।

ପିଲାଦିନର ବାଲିଘର ଖେଳ ପରି
କେତେ ଉଜୁଡି ଯାଇ, କେତେ ଗଢା ହେଉଛି
ବେଳାଭୂଇଁରୁ ଯେତେସବୁ ପଦଚିହ୍ନ
ଲହଡିରେ ଧୋଇ ଯାଇ
ସାଗର ଗର୍ଭରେ ନିଶ୍ଚିହ୍ନ ହେଉଛି
ସକାଳର କଅଁଳ ଖରାରେ
ଶେଫାଳୀର ସବୁ ଅପେକ୍ଷା ଓ
ଅଧିକାରର ଅନ୍ତ ଘଟୁଛି
ଏବଂ ତୁମକୁ ଭୁଲିଯିବା ଖିଆଲରେ
ଯେବଠୁ ମୁଁ ନିଜକୁ ଭୁଲିଛି
ସେବଠୁ ଜାଣେନା
କାହା ବଂଶୀର ବିରହ- ବେଦନା ଧ୍ୱନି



ଅହରହ ମୋ କାନରେ ବାଜୁଛି
ଲାଗୁଛି, କେହି ଜଣେ ବାଟବଣା ପଥିକ
କାହିଁ କେତେଦୂରୁ
ମୋତେ ହାତଠାରି ଡାକୁଛି ॥

+ କ୍ୱା.ନଂ. ଆଇ.ଭି. ୪୫୧,
ୟୁନିଟ – ୧, ଭବେନଶ୍ୱର .
(ମୋ) ୯୮୫୩୫୨୩୮୮୩

### ଧନଞ୍ଜୟ ସ୍ୱାଇଁ

### ॥ ପକ୍ଷୀଗୀତ ॥



ଧୂଳିମାଟିରେ ତୋଳିପାରେ ପକ୍ଷୀ
ସବୁଜ ତୃଣର ଘର
(ତା) ପକ୍ଷ ମେଲିଲେ ସକାଳ ପିନ୍ଧଇ
କାକରର କାନଫୁଲ ।

ତା' ଲାଗି ଆକାଶ ନୀଳ ଓ ନିବିଡ
ଝରାଇ ମେଘରୁ ପାଣି
ପୂର୍ବାଶାର ଘନ ଅନ୍ଧାର ଚିରି
ସୂରୁଜ ଦେଖାଏ ଠାଣି
ପକ୍ଷୀ ଜାଣେନାହିଁ ମନ୍ଦିର, ମସଜିଦ୍
ଗୀର୍ଜା କି ଗୁରୁଦ୍ୱାର
ସବୁଜ ତୃଣରେ ଘର ।

(ତାର) ପାଖୁଡେ ଗୀତରେ ଫୁଲ ଓଠେ ଅବା
ସ୍ମିତ ଧାରେ ଯାଏ ଖେଳି
ଥଣ୍ଡଖୁମ୍ପାରେ ତା' ସାରା ଖରାବେଳ
ନିମିଷକେ ଉଠେ ଥରି
ପକ୍ଷୀ ଜାଣେନାହିଁ ରାଜା, ରଙ୍କ କିଏ
କଟୁଆଳ, କିଏ ଚୋର
ସବୁଜ ତୃଣରେ ଘର ।

+ସ୍ୱତନ୍ତ୍ର ଶାସନ ସଚିବ, ଶକ୍ତି ବିଭାଗ,
ଖାରବେଳ ଭବନ, ଭୁବନେଶ୍ୱର-୧
(ମୋ) ୯୪୩୭୦୦୦୬୩୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୧ ଅଗଷ୍ଟ, ୨୦୨୧


## ■ ଆଲୋଚନା ■

# ମାନବିକତାର ଦୀପ ଏବେବି ଦେଦୀପ୍ୟମାନ


### ଅଧ୍ୟାପକ ଶରତ କୁମାର ଦାସ




ଶୋଭାର ଭଣ୍ଡାର ଏ ସବୁଜ ପୃଥିବୀ ଚିର ସୁନ୍ଦର । ସୁନ୍ଦର ତା'ର ଗଛଲତା, ବଣ, ପାହାଡ ଓ ସକଳ ଜୀବଜନ୍ତୁ। ଏ ସୁନ୍ଦର ପୃଥିବୀର ଶ୍ରେଷ୍ଠ ସାମାଜିକ ଜୀବ ମଣିଷ ସବୁଠୁ ସୁନ୍ଦର । ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, ଉଦାରତା, ମାନବିକତା ଆଦି ମଂଜୁଳ ସାମାଜିକ ଗୁଣାବଳୀକୁ ନେଇ ମଣିଷର ସୁନ୍ଦରତା ଚିର ବିଦ୍ୟମାନ। ବିବେକର ଅଧିକାରୀ ବୋଲି ତ ସେ ଶ୍ରେଷ୍ଠ । କଥା କହିବାର ଶକ୍ତି, ଭଲ ମନ୍ଦ ବିଚାର କରିବାର ଭରପୁର ଜ୍ଞାନ ପ୍ରବଣତା ଓ ଧିଶକ୍ତି ସମ୍ପନ୍ନ ନିରପେକ୍ଷ ଆଦର୍ଶ ବୋଧ ପ୍ରଭୃତି ମଣିଷକୁ ଅନ୍ୟ ପ୍ରାଣୀ ଠାରୁ ସମ୍ପୂର୍ଣ୍ଣ ଅଲଗା କରି ଗଢିତୋଳିବା ସହିତ ତାକୁ ସମାଜରେ ଶ୍ରେଷ୍ଠତ୍ୱରେ ପ୍ରତିପାଦନ କରେ। ସେହି ଶ୍ରେଷ୍ଠତ୍ୱର ଅଧିକାରୀ ମଣିଷ ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ବିବେକ ତଥା ମଣିଷପଣିଆର ପ୍ରମାଣ ଦେଇ ନିଜକୁ ମହାମାନବ ରୂପେ ସାବ୍ୟସ୍ତ କରେ । ଆଉ ତାହା ନକରିପାରିଲେ ତା'ର ଶ୍ରେଷ୍ଠତ୍ୱର ପରାକାଷ୍ଠା ଅଧୁରା ହୋଇ ରହିଯାଏ ଚିରଦିନ ପାଇଁ । ଅନ୍ୟ ପାଇଁ ଉଦାହରଣ ପରିବର୍ତ୍ତେ ଘୃଣା ତଥା ଉପହାସର ପାତ୍ର ପାଲଟିଯାଏ ସେ ଆପଣା ଛାଏଁ ଛାଏଁ ।

ମଣିଷ ଏକ ସାମାଜିକ ଜୀବ ହିସାବରେ ପରିଚିତ । ସମାଜରେ ରହିବା ତା'ର ସହଜାତ ପ୍ରବୃତ୍ତି । ଥରେ ପ୍ରଖ୍ୟାତ ଗ୍ରୀକ ଦାର୍ଶନିକ ଆରିଷ୍ଟୋଟଲ କହିଥିଲେ 'ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ଯେ ବଂଚିପାରେ ସେ ହୁଏତ ପଶୁ କିମ୍ବା ଦେବତା ହୋଇପାରେ।' ଏହି ଉକ୍ତିଟି ମଣିଷର ସାମାଜିକତା ସମ୍ପର୍କର ସୂଚନା ପ୍ରଦାନ କରେ । ସାମାଜିକ ଜୀବ ରୂପେ ମଣିଷ ଅନ୍ୟମାନଙ୍କ ସହିତ ସମାଜରେ ଶୃଙ୍ଖଳିତ ଜୀବନଯାପନ କରେ । ମଣିଷ କେବେ ଏକା ରହିପାରିବ ନାହିଁ । ନିଜ ପରିବାର, ଗାଁ, ସହର,ସାହି, ଗୋଷ୍ଠୀ, ରାଜ୍ୟ ତଥା ନିଜ ଦେଶକୁ ନେଇ ସେ ନିଜର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜୀବନଯାପନ ଆରମ୍ଭ କରିବା ସହିତ ପରିପୁଷ୍ଟ ମଧ୍ୟ କରିଥାଏ। ଦୁଃଖରେ ସୁଖରେ ସେ ଅନ୍ୟମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ତା'ର ନୈତିକ କର୍ତ୍ତବ୍ୟ । ଅନ୍ୟର ହସଖୁସିରେ ନିଜକୁ ସାମିଲ୍ କରିବା ତା'ର ପ୍ରକୃତ ଧର୍ମ । ତା'ରି ଭିତରେ ପ୍ରଜ୍ୱଳିତ ହେଉଥାଏ ମଣିଷପଣିଆର ଜାଜ୍ୱଲ୍ୟମାନ ଦୀପଶିଖା । ଆଉ ଉଜ୍ଜୀବିତ ହୁଏ ତା'ର ସାମାଜିକତା।

ସାମ୍ପ୍ରତିକ ପରିସ୍ଥିତିରେ ସମାଜର ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଓଲଟପାଲଟ ହୋଇଯାଇଛି ମଣିଷପଣିଆର ଚିତ୍ରିତ ଛବି । କରୋନାର କରାଳତା ସତେ ଯେମିତି ମଣିଷ ଠାରୁ ତା'ର ମଣିଷପଣିଆ ଯୋର୍ ଜବରଦସ୍ତ ଛଡେଇ ନେଇଛି । ମଣିଷ ହୋଇଯାଇଛି ସମ୍ପୂର୍ଣ୍ଣ ନିଃସ୍ୱ । କରୋନାର ଜଟିଳ କଟକଣା ଭିତରେ ତାକୁ ଏକା ଏକା ନିଃସଙ୍ଗ ଜୀବନ ବଂଚିବାକୁ ପଡୁଛି । ସାହି, ଭାଇ, ବନ୍ଧୁ ବାନ୍ଧବ,ସାଙ୍ଗସାଥୀ,ଏପରିକି ନିଜ ଆତ୍ମୀୟସ୍ୱଜନ ବି ଦୂରେଇ ଯାଉଛନ୍ତି ଆକ୍ରାନ୍ତଙ୍କ ଠାରୁ । ସଂକ୍ରମିତ ହେବାଠାରୁ ମଣିଷକୁ ସଙ୍ଗରୋଧରେ ରହିବାକୁ ପଡୁଛି କେବଳ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଂକ୍ରମଣରୁ ରକ୍ଷାକରିବା ପାଇଁ । ଏହା କରିବା ବି ବାଧ୍ୟ । ହୋଇପାରେ ଜୀବନ ବଂଚେଇବାକୁ ଏହାର ସତତ ଆବଶ୍ୟକତା ଅଛି, ଯାହାକି ମଣିଷକୁ ମାନସିକ ସ୍ତରରେ ଦୁର୍ବଳ କରିଦେଉଛି । ମାତ୍ର ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ବର୍ତ୍ତମାନର ଦୁର୍ଗତି ସମୟରେ ପରସ୍ପରକୁ ଶାରୀରିକ ସ୍ତରରେ ନହେଲେ ମଧ୍ୟ ମାନସିକ ସ୍ତରରେ ଆମକୁ ସାହାଯ୍ୟ କରିବାକୁ ପଡିବ। ମାନସିକ ସ୍ତରରେ ଯୋଡି ହୋଇ ରହିବା ସମୟର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟେ । ରୋଗୀଙ୍କର ମନୋବଳ ବୃଦ୍ଧିକରିବା ପାଇଁ ଆମ ସମସ୍ତଙ୍କୁ ସହଯୋଗର ହାତ ବଢାଇବା ନିତାନ୍ତ ଜରୁରୀ । ସିଧାସଳଖ ନହେଲେ ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ଆମେ ରୋଗୀଙ୍କର ମନୋବଳ ବୃଦ୍ଧି କରିପାରିବା। ଫୋନ୍, ମେଲ୍, ଫେସବୁକ୍ ଇତ୍ୟାଦି ମାଧ୍ୟମରେ ଆମେ ରୋଗୀଙ୍କ ସହ ମାନସିକ ସ୍ତରରେ ମିଶିପାରିବା ।ରୋଗୀର ଭଲ ମନ୍ଦ ବୁଝିବାକୁ ସମର୍ଥ ହୋଇପାରିବା ।ଏହା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଟି ନିଜକୁ ଅସହାୟ ମନେ କରିବ ନାହିଁ । ତା' ସହିତ ଅନ୍ୟମନେ ଅଛନ୍ତି ଭାବି ରୋଗ ସହ ଲଢିବାର ସାହାସ ବାନ୍ଧିବାରେ ସମର୍ଥ ହୋଇପାରିବ ।

ମାତ୍ର କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ବ୍ୟକ୍ତି କରୋନାରେ ଆକ୍ରାନ୍ତ ହେବାଠାରୁ ସେ ଯେପରି ଅନ୍ୟର ଘୃଣାର ପାତ୍ର ପାଲଟିଯାଉଛି । ପୁନଶ୍ଚ ସେହି ରୋଗୀ ବା ସେହି ପରିବାରକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି । ଆ..ହା.. ବୋଲି କହିବାକୁ କେହି ନାହାଁନ୍ତି । କେବଳ ସାମାଜିକ ସ୍ତରରେ ନୁହେଁ ବରଂ ମାନସିକ ସ୍ତରରେ ମଧ୍ୟ ତାଙ୍କୁ ଓ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ବାସନ୍ଦ କରାଯିବାର ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳୁଛି । ବିଶେଷକରି ଗାଆଁ ଗହଳିରେ ସଂଜ ନହେଉଣୁ ତାଟିକବାଟ ପଡିଯିବା ଅତି ବିଡମ୍ବନାର ବିଷୟ । ଏଭଳି ହେବା ଆଦୌ ଉଚିତ୍ ନୁହେଁ । ଏ କ୍ଷେତ୍ରରେ ଆମକୁ ଆମ ସାମାଜିକତା ତଥା ମାନବିକତାର ପରିଚୟ ଦେବାକୁ ପଡିବ। ମଣିଷପଣିଆର ପରୀକ୍ଷା ଦେବାକୁ ପଡିବ। ଦୂରେଇ ଯିବା ପରିବର୍ତ୍ତେ ସହଯୋଗର ହାତ ବଢାଇବାକୁ ପଡିବ। ଆମେ ନିଜେ ନକରିପାରିଲେ ବି ଆମର କୌଣସି ଚିହ୍ନା ପରିଚିତ ବ୍ୟକ୍ତି, ସାଙ୍ଗସାଥୀ, ବନ୍ଧୁ ବାନ୍ଧବ, ସାହି ଭାଇ ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାହାଯ୍ୟରେ ସହଯୋଗ କରିବାରେ ଆଦୌ ଅସୁବିଧା ନାହିଁ । ଅର୍ଥାତ୍ ମିଳିତ ଭାବେ ଆମେ ସଂକ୍ରମଣର ବ୍ୟାପକତାକୁ ସମସ୍ତ ନୀତିନିୟମ ମାନି ପ୍ରତିହତ କରିବାକୁ ପଡିବ । ଏହା ଦ୍ୱାରା ରୋଗୀ ଓ ରୋଗୀଙ୍କ ପରିବାର ଦମ୍ଭ ଓ ସାହାସ ଏକଜୁଟ୍ କରିବା ସହିତ ସେମାନଙ୍କ ମନରେ ଥିବା ଭୟ ଲୋପ ପାଇବ ।

ଅବଶ୍ୟ ଏହି ମହାବିପତ୍ତିର ସୁଯୋଗ ନେଇ କେତକ ଅସାଧୁ ତଥା ଖଳ ପ୍ରକୃତିର ଲୋକ ରୋଗୀଙ୍କୁ ସାହାଯ୍ୟ ଯୋଗାଇ ଦେବା ନାଆଁରେ ବିଭିନ୍ନ ଉପାୟରେ ଠକିବାରେ ଲିପ୍ତ ଥିବାର ଦେଖାଯାଉଛି ।କାହାକୁ ଅକ୍ସିଜେନ ସିଲିଣ୍ଡର, ଔଷଧ, ଅକ୍ସିମିଟର, ହସପିଟାଲରେରେ କ୍ୟାବିନ ଇତ୍ୟାଦି ଯୋଗାଇ ଦେବା ନାଆଁରେ ଆକ୍ରାନ୍ତ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକୁଥିବାର ଘୃଣ୍ୟ ଚିତ୍ର ନଜରକୁ ଆସୁଛି। ଏସବୁ ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ତଥାପି ଏ ସକଳ ଦୁଃସ୍ଥିତି ମଧ୍ୟରେ ମାନବିକତାର ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଆମ ସମସ୍ତଙ୍କୁ ଆହ୍ଲାଦିତ କରୁଛି । ଅନ୍ୟ ଅର୍ଥରେ କହିଲେ ଏବେବି ମରିନି ମଣିଷପଣିଆ । ହଜିନି ବିବେକ। ନିର୍ବାପିତ ହୋଇନି ସାମାଜିକତାର ଦେଦୀପ୍ୟମାନ ଦୀପାଳି। ଏବେବି ବଂଚିଛି ବଦାନ୍ୟତା । ଏବେବି ଉଜ୍ଜୀବିତ ଉଦାରତାର ଦିବ୍ୟ ସମ୍ଭାର । ଆମ ସମାଜରେ ଏଭଳି ବ୍ୟକ୍ତିତ୍ୱ ତଥା ଅନୁଷ୍ଠାନମାନ ଅଛନ୍ତି ଯେଉଁମାନେକି ଅନ୍ୟର ସେବାରେ ନିଜକୁ ତିଳ ତିଳ କରି ଦଗ୍ଧ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ସରକାରୀ ସଂସ୍ଥା ବା ବ୍ୟକ୍ତି ନୁହଁନ୍ତି, ଅନେକ ବେସରକାରୀ ସଂଗଠନ, ଯୁବକ ସଂଘ, ବଦାନ୍ୟ ବ୍ୟକ୍ତି ଓ ସାହାଯ୍ୟକାରୀ ଦଳ ଘର ଘର ବୁଲି ରୋଗୀ ଓ ତାଙ୍କ ପରିବାରକୁ ନିଃସର୍ତ୍ତରେ ସହଯୋଗର ହାତ ବଢାଉଛନ୍ତି । ରୋଗୀମାନଙ୍କ ତଥା ସେମାନଙ୍କ ପରିବାର ନିକଟରେ ପହଞ୍ଚି ଭଲ ମନ୍ଦ କଥା ବୁଝିବା ସହିତ


ସବୁ ପକାର ସାହାଯ୍ୟ ଯୋଗାଇ ଦେବାକୁ ସତେ ଯେମିତି ପ୍ରତିଜ୍ଞାବଦ୍ଧ । ଶୁଖିଲା ତଥି ରନ୍ଧା ଖାଦ୍ୟ ପହଂଚେଇବା ଠାରୁ ଆରମ୍ଭ କରି ଔଷଧପତ୍ର, ଆମ୍ବୁଲାନସ, ଅକ୍ସିଜେନ, ଅକ୍ସିମିଟର ଇତ୍ୟାଦି ଯୋଗାଇ ଦେବାରେ ସାହାଯ୍ୟ କରୁଛନ୍ତି । କେବଳ ରୋଗୀଙ୍କୁ ସେବାଯୋଗାଉ ନାହାଁନ୍ତି ବରଂ ରୋଗୀର ମୃତ୍ୟୁ ପରେ ଯେତେବେଳେ ନିଜ ସାହି ଭାଇ ଆତ୍ମୀୟସ୍ୱଜନ ପାଖ ନମାଡି ଦୂରେଇ ଯାଉଛନ୍ତି, ଠିକ୍ ସେତିକିବେଳେ ଏମାନେ ଦେବଦୂତ ସାଜି ଆଗେଇ ଆସୁଛନ୍ତି ଓ ଶବ ସଂସ୍କାର ସମେତ ଯାବତୀୟ କାର୍ଯ୍ୟ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ।

କେବଳ ରୋଗୀଙ୍କ କ୍ଷେତ୍ରରେ ନୁହେଁ, ଏ ମହାମାରୀ ସମୟରେ ଯେତେବେଳେ ଖାଦ୍ୟର ଘୋର ଅନାଟନ ଦେଖାଦେଇଛି ଏଭଳି ପରିସ୍ଥିତିରେ ଏ ସହାଯ୍ୟକାରୀ ଦଳଗୁଡିକ ବୁଲି ବୁଲି ବିଭିନ୍ନ ପଶୁପକ୍ଷୀମାନଙ୍କୁ ଖାଦ୍ୟ ବିତରଣ କରି ନିଜର ବଦାନ୍ୟତା ପ୍ରକାଶ କରୁଛନ୍ତି। ଏତଦବ୍ୟତୀତ ବିଭିନ୍ନ ମାନସିକ ଅନଗ୍ରସର ବ୍ୟକ୍ତି ହୁଅନ୍ତୁ ବା ଦାରିଦ୍ର୍ୟ ଅନାଟନରେ ବଂଚୁଥିବା ଦୁଃଖୀରଙ୍କୀ ହୁଅନ୍ତୁ,-ସମସ୍ତଙ୍କୁ ସାହାଯ୍ୟର ହାତ ବଢାଇ ଏକ ବିରଳ ଉଦାହରଣ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟୁଛନ୍ତି। ବାସ୍ତବରେ ଏମାନେ ବି କରୋନା ଯୋଦ୍ଧାଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । କୋଟି କୋଟି ନମନ ସେମାନଙ୍କ ମନୋଭାବକୁ ।

ତେବେ ଯେଉଁମାନେ ମଣିଷପଣିଆକୁ ନେଇ ସର୍ବଦା ଅଙ୍ଗୁଳି ଉଠାନ୍ତି ସେମାନଙ୍କ ପାଇଁ ବୋଧହୁଏ ଭାବିବାର ସମୟ ଆସିଛି । ଆମକୁ ଅନେକ ସମୟରେ ନକାରାତ୍ମକ ପରିବର୍ତ୍ତେ ସକାରାତ୍ମକ ହେବାକୁ ପଡିବ। ନାସ୍ତିକତା ବଦଳରେ ଆସ୍ତିକତାକୁ ପୁଂଜି କରି ମହାମାରୀ ସହିତ ଲଢିବା ଏକାନ୍ତ ଆବଶ୍ୟକ । ମଣିଷପଣିଆ କେବେ ମରିନଥିଲା, ମରିନାହିଁ ବା ମରିପାରିବ ନାହିଁ । ଅବଶ୍ୟ ସ୍ଥଳବିଶେଷରେ ବିଭିନ୍ନ କାରଣରୁ ଏହାର ରୂପ ପରିବର୍ତ୍ତନ ହୋଇପାରେ। ମାତ୍ର ଭାରତ ଭଳି ଦେବଭୂଇଁର ମହାନ ପବିତ୍ର ପୀଠରେ ମଣିଷପଣିଆ ବା ମାନବିକତାର କେବେବି ମୃତ୍ୟୁ ହୋଇପାରେନା। ଏହା ନିଃସନ୍ଦେହ ।


+ ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଧାରାବାହିକ ଉପନ୍ୟାସ



# ନାତି


ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**

ଭାଗ-୩୮
(ପୂର୍ବ ପ୍ରକାଶିତ ଉତ୍ତାରୁ..)

"କୌଣସି ଅସୁବିଧା ନାହିଁ ନାତିର । ମନେ ହେଉଛି ସେ ଯେମିତି ଅନେକ କ୍ଲାନ୍ତ ଓ ଅବସନ୍ନ ।"

"ଈଶ୍ୱରଙ୍କ କରୁଣା ଅବ୍ୟାହତ ରହିଲେ ଖୁବ୍ ଶୀଘ୍ର ସେ ଠିକ୍ ହୋଇଯିବ । ନାହିଁ ନଥିବା ବାତ୍ୟାଟେ ତା' ଉପର ଦେଇ ସତେ ଯେମିତି ପ୍ରବାହିତ ହୋଇଯାଇଛି । ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି ତା' କୁନି ଦେହଟି । ଏମିତି ଟିକେ ଅବସ୍ଥା ଲାଗି ରହିବ କିଛିଦିନ । ସବୁ ସେହି କାଳିଆର ଇଚ୍ଛା ।" - କେମିତି ଆର୍ଦ୍ର ଶୁଣାଯାଉଥିଲା ଦୀନନାଥଙ୍କ କଣ୍ଠସ୍ୱର ।

"ସତକଥା ସମୁଦି । ତାଙ୍କ ଇଚ୍ଛା ଅନିଚ୍ଛାର ଖେଳ ତ ଲାଗିରହିଛି ଏ ସାରା ବିଶ୍ୱରେ । ସେଥିକୁ ହାତ ବା କାହାର, ନା ଆପଣଙ୍କର ନା ମୋର ? ଆଉ ବା କିଏ ତାଙ୍କ ଇଚ୍ଛାରୁ ଅନ୍ତର ହୋଇପାରିବ ?" ପୁଣି -

"ହଁ, ଆଉ ଗୋଟିଏ କଥା ସମୁଦି । ତିରିଶ ତାରିଖରେ ନାତିର ଏକୋଇଶା ପାଳିତ ହେବ। ଶୁଭକାନ୍ତ ଆଉ ସମୁଦୁଣୀଙ୍କୁ ଧରି ନିଶ୍ଚୟ ପହଞ୍ଚିବେ ଆମ ଘରେ ।" - କହିଲେ ଦେବାନନ୍ଦ ବାବୁ ।

"କେବଳ ସୂଚନା ମାତ୍ର ହିଁ ମୋ ପାଇଁ ଯଥେଷ୍ଟ । ତେବେ ଶୁଭ କଥା ମୁଁ କହିପାରୁନି।" - କହିଲେ ଦୀନନାଥ ।

ଫୋନ୍‌ରୁ ଅବ୍ୟାହତି ପାଇ ପୁଣି ଟି.ଭି. ଦେଖାରେ ମନ ଦେଲେ ଦୀନନାଥ । ସେତେବେଳକୁ ଦୃଶ୍ୟପଟ୍ଟ ବଦଳି ଯାଇଥିଲା ଟି.ଭି.ରେ ।

କିଛିକ୍ଷଣ ପରେ ଶୁଭକାନ୍ତ ମା' ସହିତ ବଜାରରୁ ଫେରିଲା । ଆଣିଥିବା ଜିନିଷଗୁଡ଼ିକ କହ୍ଲଲତା ଗୋଟିଗୋଟି କରି ବ୍ୟାଗ୍‌ରୁ ବାହାର କରି ଥୋଇଲେ ଦୀନନାଥଙ୍କ ସାମ୍ନାରେ । ମନକୁ ମନ କହୁଥାନ୍ତି -

"ସଂସାରରେ ଆଉ ଚଳିବା ଦୁଷ୍କର । ଜିନିଷପତ୍ରର ଦରଦାମ ଯେପରି ଦିନକୁ ଦିନ ହୁ-ହୁ ହୋଇ ବଢ଼ିଚାଲିଛି, ସେଥିରେ ଖୁସି ମନରେ ଜିନିଷ କିଣିବ କ'ଣ ? ଖାଲି ମନ ଖରାପ ହେବା କଥା ।"

"କ'ଣ ମନ ମୁତାବକ ଜିନିଷ କିଣିହେଲା ନାହିଁକି ?" - ପଚାରିଲେ ଦୀନନାଥ ।

"କେଜିକିଆ ହରଲିକ୍ସଟେ ସାଢ଼େ ଚାରିଶହ ଟଙ୍କା ! କି ଯୁଗ ହେଲାରେ ବାବା !" - ଅଭିଯୋଗଭରା କଣ୍ଠରେ କହିଲେ କହ୍ଲଲତା ।

ଜ୍ୱରରୁ ଉଠି ଦେହ ଦୁର୍ବଳ ହୋଇଯାଇଛି କହ୍ଲଲତାଙ୍କର । ସେଥିରେ ହର୍‌ଲିକ୍ସଟେ ନ ହେଲେ ନ ହୁଏ । କି ଅଦ୍ଭୁତ କିମିଆଁ ଅଛି କେଜାଣି ସେ ଗହମ ଗୁଣ୍ଡରେ ! ଆବାଳ ବୃଦ୍ଧବନିତାଙ୍କର ଏଇଟା ହୋଇଛି ଆଜି ପୁଷ୍ଟିସାଧନର ଏକମାତ୍ର ମାଧ୍ୟମ । ହେଲେ ତା'ର ଦର ପ୍ରତି ସପ୍ତାହରେ ଥରେ ବୃଦ୍ଧି ଘଟେ । ଏ କଥା ବୋଧହୁଏ ଜାଣନ୍ତି ନାହିଁ କହ୍ଲଲତା । ଆମ ଦେଶର ଶାସନ ବ୍ୟବସ୍ଥାରେ ଦରଦାମ ନିୟନ୍ତ୍ରଣକୁ ସରକାର ନିଜର ପ୍ରାଥମିକ କର୍ତ୍ତବ୍ୟ ବୋଲି ଯେଉଁଠି ବିଚାର କରନ୍ତି ନାହିଁ, ସେଠି ପ୍ରତି ସପ୍ତାହରେ ଦରବୃଦ୍ଧି ଘଟିବା ସ୍ୱାଭାବିକ । ଏ ପ୍ରସଂଗରେ ଦୀନନାଥ ଆଉ ଆଗକୁ ନ ବଢ଼ି କଥାର ଖିଅ ବଦଳେଇ ଦେଲେ । କହିଲେ -

"ସମୁଦି ଫୋନ୍ କରିଥିଲେ ।"

"କ'ଣ କହୁଥିଲେ ? ନାତି କେମିତି ଅଛି ?" - ଉତ୍ସୁକତାର ସହ ପଚାରିଲେ କହ୍ଲଲତା ।

"ସ୍ୱାଭାବିକ ଅଛି । ତେବେ ଆଗାମୀ ତିରିଶ ତାରିଖରେ ତା'ର ଏକୋଇଶା ପାଳିବେ । ଏଇଦିନ ଶୁଭଦା ଡେଲିଭରୀର ଏକୋଇଶ ଦନ ପୂରିଯାଉଛି । ବିଧିମୁତାବକ ଏଇଦିନ ହିଁ ଏକୋଇଶା ପାଳିବା କଥା । ସମସ୍ତଙ୍କୁ ଯିବାକୁ କହିଛନ୍ତି । ଶୁଭ ବି ।" - କହିଲେ ଦୀନନାଥ ।

"ମୁଁ ଯାଇପାରିବି ନାହିଁ ବାପା ! ପହରଦିନ ସକାଳେ ମୁଁ ଚେନ୍ନାଇ ଫେରିଯିବି ।" - ଘର ଭିତରୁ ଶୁଭ ବାହାରି ଆସୁ ଆସୁ କହିଲା ।

"ଏକୋଇଶା ପରେ ଗଲେ ହୁଅନ୍ତା ନାହିଁ ? ଝିଅଟା କେତେ ଆଶା କରିଥିବ, ଭାଇ ଆସିବ ଏକୋଇଶାକୁ ! ଆଉ କେଇଟା ବା ଦିନ ! ଶନିବାର ଶୁଭଦା ଘରକୁ ଯାଇ ରବିବାର ସକାଳେ ଗଲେ ହୁଅନ୍ତା ନି ?" - ପୁଅ ପାଖରେ ଏକରକମ ବିନୀତ ହୋଇ କହୁଥିଲେ କହ୍ଲଲତା ।

ତାଙ୍କ ମନକଥା ଯେପରି ପ୍ରକଟ ହୋଇଗଲା ଏଇ କେଇପଦ କଥାରେ । ଅନେକ ଦିନପରେ ପୁଅ ଆସିଥିଲା ଓଡ଼ିଶା । ଦୁଇଦିନ ବି ଭଲରେ ଘରେ ରହିପାରିଲା ନାହିଁ । ପରିସ୍ଥିତି ଏମିତି ହେଲା ଯେ ଖାଇବା ଶୋଇବାରେ କିଛି ଠିକ୍ ଠିକଣା ରହିଲା ନାହିଁ । ଦୁଇ ଚାରିଦିନ ଘରେ ରହିଥିଲେ ଭଲକରି ଟିକେ ଖିଆପିଆ କରିଥାନ୍ତା ! ସେତକ ହୋଇପାରିବ ନାହିଁ ବୋଲି ହଠାତ୍ କହ୍ଲଲତାଙ୍କର ମୁହଁ ଶୁଖିଗଲା । ବଡ଼ କରୁଣ ଦିଶିଲା ଜ୍ୱର ପ୍ରପୀଡ଼ିତ ତାଙ୍କ ସାନ ମୁହଁଟି ।

"ନାଇଁ, ବଡ଼ ଅସୁବିଧା ହେବ ମା' । ଆଉ ମୁଁ ଅଧିକ ଗୋଟିଏ ଦିନ ବି ରହି ପାରିବି ନାହିଁ । ପନ୍ଦରଦିନ କାଳ ସେମାନଙ୍କ ପାଖରେ ତ ରହିଲି। ଆଉ ସେଇ ଦିନଟି ରହିଲେ ଅଧିକା ବା କ'ଣ ହେବ ?" - କହିଲା ଶୁଭକାନ୍ତ ।

"କ'ଣ ଫ୍ଲାଇଟ୍‌ରେ ଯିବୁ ନା ଟ୍ରେନ୍‌ରେ ?" - ପଚାରିଲେ ଦୀନନାଥ ।

"ଫ୍ଲାଇଟ୍‌ରେ । ଟ୍ରେନ୍‌ରେ ବେଶି ସମୟ ଲାଗୁଛି । ବୁଧବାର ସକାଳେ ଏଠୁ ଗଲେ ଭୁବନେଶ୍ୱରରୁ ଏଗାରଟାବେଳେ ଫ୍ଲାଇଟ୍ ଧରି ପାରିବି ।" - ଶୁଭକାନ୍ତ ।

"ନାତିପାଇଁ ସୁନା ଜିନିଷ କ'ଣ ଦେବ ?" - ମୃଦୁ ହସି କହ୍ଲଲତା ପଚାରିଲେ ଦୀନନାଥଙ୍କୁ ।

ପ୍ରଶ୍ନଟି ଉ ।ପନ କରିବା ପଶ୍ଚାତରେ କହ୍ଲଲତା ଯେପରି ତାଙ୍କୁ ମନେ ପକେଇ ଦେଉଥିଲେ ଜନ୍ମବେଳେ ଶୁଭକାନ୍ତକୁ ତା' ଅଜା ଦେଇଥିବା ସୁନାହାର ଓ ମୁଦି କଥା । ସେକଥାକୁ ଆଖି ଆଗରେ ରଖି ଦୀନନାଥ କହିଲେ -

"ଶୁଭକୁ ତା' ଅଜା ଦେଇଥିବା ଜିନିଷଠାରୁ ଆମ ନାତି ପାଇଁ କିଛି ଅଧିକ ହେବ ନିଶ୍ଚୟ । ସେ ବାବଦରେ ତୁମେ ନିଶ୍ଚିତ ରହିବା ଉଚିତ୍ ।"

"ବାପା ! ଶୁଭଦାର ପୁଅପାଇଁ ଓଜନିଆ ସୁନାହାର, ଲକେଟ୍ ଓ ମୁଦିଠାରୁ ଆଉ କ'ଣ ବା ଅଧିକ ହୋଇପାରିବ ? ସାଧରଣତଃ ଏଇଆ ହିଁ ଚାଲିଛି । ମୋତେ ଯଦି ଅନୁମତି ଦେବେ ତ, ଏସବୁ ସୁନା ଜିନିଷ ମୋ ତରଫରୁ ମୁଁ କିଣି ଦେଇଯିବି ।" - ମୁହଁରେ ହସ ଫୁଟେଇ କହିଲା ଶୁଭକାନ୍ତ ।

"ନାଇଁ, ନାଇଁ । ତୁ କାହିଁକି କିଣିବୁ ? ପ୍ରଥମ ନାତି ମୋର ସେ । ଅଜା ହିସାବରେ ମୁଁ ଦେବା ଅନ୍ତତଃ ଠିକ୍ ହେବ । ଏ ସୁଯୋଗ ମୁଁ ଆଉ କାହାକୁ ହସ୍ତାନ୍ତର କରିପାରିବି ନାହିଁ । ବରଂ ଅନ୍ନପ୍ରାଶନ ବେଳକୁ ତୁ ଦେଲେ ଚଳିବ । ଏବେ ଏ ସବୁ ଜିନିଷ ଚଏସ୍ କରିବାର ଅଧିକାର ତୋର ଅଛି, ତୋ ମାଆର ବି ।" ଆବେଗପ୍ରବଣ ହୋଇ କହିଲେ ଦୀନନାଥ ।

ଏଇ ମୁହୂର୍ତ୍ତରେ ଲତିକା ପଶି ଆସିଲେ ଘର ଭିତରକୁ । ହାତରେ ଟିଫିନ୍ ବାକ୍ସ ।

"ଶୁଭ ବୋଧହୁଏ କାଲି ଚେନ୍ନାଇ ଫେରିଯିବେ । ସେଥି ସକାଶେ ତାଙ୍କ ପାଇଁ କେକ୍ ତିଆରି କରି ଆଣିଛି ।"

ଲତିକା ଭଲ କେକ୍ କରି ପାରନ୍ତି । ତାଙ୍କ କେକ୍ ପାଖରେ ଦୀନନାଥଙ୍କୁ ଅନ୍ୟ କିଛି ଖାଇବା ଦରବ ଫିକା ଦିଶେ ।

ନାତିର ଏକୋଇଶା ପ୍ରସଂଗରେ ଆଲୋଚନା ସେ ପର୍ଯ୍ୟନ୍ତ ସରି ନଥିଲା । ଲତିକା ବି ଭାଗନେଲେ ସେ ଆଲୋଚନାରେ । ସ୍ଥିରହେଲା ଆସନ୍ତାକାଲି କେବଳ ଶୁଭ ପସନ୍ଦରେ ସବୁ ଜିନିଷ ହାର, ଲକେଟ୍, ମୁଦି, ଦାମୀ ଝୁଲଣା, ନାତିର ଭଲ ଦୁଇ ଚାରିହଳ ଡ୍ରେସ୍, ଝିଅ ଜ୍ୱାଇଁ ଓ ସମୁଦି ସମୁଦୁଣୀଙ୍କ ପାଇଁ ଲୁଗା କିଣା ଯିବ । ସେଦିନକୁ କେବଳ ବାକି ରହିବ ନଡ଼ିଆ,କଦଳୀ, ଫଳ, ମିଠା ଏବଂ ଆଉ ସବୁ ଦରବ ।

ଆଲୋଚନା ପରେ ଫେରିବାକୁ ଉଦ୍ୟତ ହେଲେ ଲତିକା । ଆଉ ଗଲାବେଳେ ଲଘୁ ଏକ ମନ୍ତବ୍ୟ ଛାଡ଼ିଗଲେ -

"ଉଭୟ ଅଜା ଓ ମାମୁ ରୋଜଗାରିଆ । ନାତି ନାତୁଣୀଙ୍କୁ ଯେତେ ଦେଲେ ବି କିଛି ଊଣାହେବ ନାହିଁ, ବରଂ ବଢ଼ିବ ।"

॥ ୨୧ ॥

ପୂର୍ବସୂଚନା ଅନୁଯାୟି ମଣ୍ଟୁ ସେଦିନ ଚାରିଟାବେଳକୁ ଦୀନନାଥଙ୍କ ଘର ସାମ୍ନାରେ ଗାଡ଼ି ଲଗେଇଲା । ପୂର୍ବାହ୍ନରେ ଜୀତେଶ ଓ ଲିପୁଙ୍କ ସହାୟତାରେ ଭୋଗ ସରଞ୍ଜାମ ସହିତ ମିଠାମିଠି ଦୀନନାଥ କିଣିଦେଇଥିଲେ ଏବଂ ଚାରି ପାଞ୍ଚଗୋଟି କାର୍ଟୁନ୍‌ରେ ସେ ସବୁର ପେକିଂ କାମ ସାରିଦେଇଥିଲେ । ଖାଲି ଗାଡ଼ି ପହଞ୍ଚିଲେ ବାହାରିବା କଥା ।

ପ୍ରଥମରୁ କଥା ହୋଇଥିଲା ନାତିର ଏକୋଇଶାକୁ ଦୁଇଖଣ୍ଡ ଗାଡ଼ିରେ ଦଶପନ୍ଦର ଜଣ ଯିବେ । ଖଣ୍ଡେ ଗାଡ଼ି ଦୀନନାଥଙ୍କ ଗାଁରୁ ଯିବ ଏବଂ ସେଥିରେ ମା'ଙ୍କ ସମେତ ଘରଲୋକେ ଯିବେ । ଆଉ ଖଣ୍ଡେ ଗାଡ଼ି ବାଲେଶ୍ୱରରୁ ବାହାରିବ, ଯେଉଁଥିରେ ଦୀନନାଥ ଓ କହ୍ଲଲତାଙ୍କ ସହିତ ଲତିକା, ସୁମତି, ତାଙ୍କ ଦୁଇପୁଅ, ପ୍ରମୋଦ, ଲିପୁ ଓ ଜୀତେଶ ଯିବେ । କାରଣ ଏମାନଙ୍କ ଭିତରୁ ସେତେବେଳେ କେହି ମିଠା ଭାରରେ ଯାଇପାରି ନଥିଲେ । କିନ୍ତୁ ହଠାତ୍, ଦୁଇଦିନ ପୂର୍ବରୁ ଏ ଯୋଜନା ବଦଳିଗଲା ।



ଗୁରୁବାରଦିନ ଶୁଭଦା ଫୋନ୍ କରି ବାପାଙ୍କୁ କହିଲା -

"ବାପା ! ତୁମର ତ ସବୁବେଳେ ବଡ଼ ନଜର। ଶୁଣିଲି ଦୁଇଖଣ୍ଡ ଗାଡ଼ିରେ ପୁଅ ଏକୋଇଶାକୁ ସମସ୍ତେ ଆସୁଛନ୍ତି । ସମସ୍ତଙ୍କୁ ଲୁଗାପଟା ବେଭାର କରିବାଟା ବଡ଼କଥା ନୁହେଁ । ତୁମ ଜ୍ୱାଇଁ ଓ ସମୁଦି ସେତକ ଅନାୟାସରେ କରିପାରିବେ । ହେଲେ ପରିସ୍ଥିତିକୁ ତ ଆମୂଳଚୂଳ ତୁମେ ବୁଝିଛ । ଯେଉଁ ଘଟଣା ଆମ ଉପର ଦେଇ ଝଡ଼ପରି ବୋହିଗଲା, ସେଥିରେ କାହା ମନରେ ସରାଗ ଅଛି ଯେ, ତୁମେ ବସିଛ ବିରାଟ ଆୟୋଜନରେ ନାତିର ଏକୋଇଶା ପାଳିବ ? ସବୁଆଡ଼େ ତ ଗୋଟାଏ ପ୍ରକାର ଥମ୍ ଥମ୍ ପରିବେଶ । ତୁମ କାମକାର୍ଯ୍ୟ ଓ ଡାକରାକୁ ତ ସଭିଏଁ ସହଯୋଗ କରିବେ । ହେଲେ ପରିସ୍ଥିତିର ସ୍ୱାଭାବିକତା ଥିଲେ, ଏଠି ତ ଖୁସିର ଏକ ଝରଣା ବୋହିଯାଉଥାନ୍ତା ! ଅମୁହାଁ ପୋଖରୀ ଭଳି ଏବେ ପରିସ୍ଥିତି ଭାରି ଗମ୍ଭୀର ଓ ସ୍ଥିର । ଭେଣ୍ଟିଲେଟର୍ ଭିତରେ ପନ୍ଦରଦିନ କାଳ ରହି ପୁଅର ଯେମିତି ଅବସ୍ଥା ହୋଇଛି ଓ ଶୁଖିଯାଇଛି, ସେଥିରେ ମୋ ମନ ଭଲ ରହୁନାହିଁ । ପୁଅକୁ ଧରି କାହା ସାମ୍ନାରେ ଖୁସିରେ ଛିଡ଼ା ହୋଇ ପାରିବି ? କଥାଟିକୁ ଆଉ ଟିକେ ଗମ୍ଭୀରତାର ସହ ବିଚାର କରି ଯାହା କରିବେ । ତୁମେ ଜଣେ ବିଚାରବନ୍ତ ଲୋକ ବୋଲି ମୁଁ ଜାଣିଛି । ଯାହା ଉଚିତ୍ ମଣିବେ, ତାହା ହିଁ କରିବେ ।"

ଝିଅର ଏଇ କେଇପଦ କଥାରେ ଦୀନନାଥଙ୍କର ଆଖି ଖୋଲି ଯାଇଥିଲା ଯେମିତି । ଆରେ ସତେ ତ ! ଏ ପର୍ଯ୍ୟନ୍ତ କଥାଟିକୁ ଖୁବ୍ ଆବେଗପୂର୍ଣ୍ଣ ଭାବେ ଦେଖି ଆସୁଥିଲେ ଦୀନନାଥ । ଚକିତ ହେଲେ ନିଜ ଝିଅର ଏମନ୍ତ ବିଚାର ଓ ବୁଦ୍ଧିରେ । ମନେ ମନେ ଖୁବ୍ ତାରିଫ୍ କଲେ ଝିଅକୁ, ଉଚିତ୍ ସମୟରେ ଉଚିତ୍ କଥାଟିଏ କହିପାରିଛି ବୋଲି ।

କହ୍ଲଲତା ବି ଝିଅ କଥାକୁ ସମର୍ଥନ କଲେ । ଏଣୁ କଥାହେଲା ଦୀନନାଥ, କହ୍ଲଲତା, ଦୀନେଶ, ଲିପୁ ଏବଂ ଗାଁରୁ ଦୀନନାଥଙ୍କର ଦୁଇ ଝିଆରୀ ହିଁ ଯିବେ । ଏଥିପାଇଁ ଖଣ୍ଡିଏ ମାତ୍ର ଗାଡ଼ି ହେବ । ବାଲେଶ୍ୱରରୁ ବାହାରି ଗାଁରୁ ଦୁଇ ଝିଆରୀକୁ ଧରି ସମସ୍ତେ ଯିବେ ଏକୋଇଶାକୁ ଖଣ୍ଡିଏ ମାତ୍ର ଗାଡ଼ିରେ । କାର୍ଯ୍ୟତଃ ସେଇଆ ହିଁ ହେଲା । ଦୀନନାଥଙ୍କ କହିବା ମୁତାବକ ମଣ୍ଟୁ ବଲେରୋ ଗାଡ଼ିଟେ ଧରି ଆସି ପହଞ୍ଚିଲା ଚାରିଟା ବେଳେ, ଦୀନନାଥଙ୍କ ଘରେ । ଗୋଟି ଗୋଟି କରି ସମସ୍ତ ଜିନିଷ ଜୀତେଶ ଆଉ ଲିପୁ ଘରୁ ବୋହିନେଇ ଗାଡ଼ି ପାଖରେ ରଖିଲେ । ନାତିର ବିଛଣା ସଜଠାରୁ ଆରମ୍ଭ କରି ଡ୍ରେସ୍ ଓ ସଭିଙ୍କ ଲୁଗାପଟା, ମିଠାପେଟି, ଭୋଗପେଟି, ଦୋଳି ଝୁଲଣା ଇତ୍ୟାଦିକୁ ମଣ୍ଟୁ ଗୋଟି ଗୋଟି କରି ଗାଡ଼ି ଭିତରେ ସଜେଇ ରଖିଲା । ପାଞ୍ଚଟାରେ ଛାଡ଼ିଲା ଗାଡ଼ି । ସଭିଙ୍କୁ ବସେଇ ସାରି ଘରେ ଚାବି ଲଗେଇ ଦୀନନାଥ ସବାଶେଷରେ ଆସି ବସିଲେ ଗାଡ଼ିରେ । ଭଦ୍ରକରେ ପହଞ୍ଚିଲା ବେଳକୁ ରାତିପ୍ରାୟ ସାତଟା । ସଂଧ୍ୟା ଉତ୍ତୀର୍ଣ୍ଣ ପ୍ରାୟ ।

ଦେବାନନ୍ଦ ବାବୁ ସେତେବେଳେ ଉତ୍ସୁକତାରେ ପ୍ରତୀକ୍ଷା କରୁଥିଲେ ଗାଡ଼ିର ଆଗମନକୁ । ଘର ସମ୍ମୁଖରେ ଉଜ୍ଜ୍ୱଳ ଆଲୋକମାଳା ତଳେ ଛିଡ଼ା ହୋଇଥିଲେ ଏକାକୀ । ଘରର ଅନ୍ୟମାନେ ବୋଧହୁଏ କାର୍ଯ୍ୟବ୍ୟସ୍ତ ଥିଲେ ।

ଗାଡ଼ିରୁ ଓହ୍ଲେଇଲା ବେଳକୁ ଦୁଇ ସମୁଦି ପରସ୍ପର ପରସ୍ପରକୁ ନମସ୍କାର ଜଣେଇବା ପ୍ରାୟତଃ ଏକକାଳୀନ ହିଁ ଘଟିଗଲା । ଆବେଗରେ ଦୀନନାଥ କୁଣ୍ଢେଇ ପକେଇଲେ ଦେବାନନ୍ଦ ବାବୁଙ୍କୁ । କେଉଁ ଭାଷାରେ ଦେବାନନ୍ଦବାବୁ ଦୀନନାଥଙ୍କୁ ସଂଭାଷଣ ଜଣେଇବେ, ବୁଝିପାରୁ ନ ଥିଲେ । ସେମିତି କୋଳାକୋଳି ଅବସ୍ଥାରେ ଉଭୟେ ଘର ଭିତରକୁ ମୁହେଁଇଲେ । ଦେଖିଲେ ଏମିତି ମନେ ହେବ, ଯେପରି ଦୁଇଟି ଲୋକ ନୂଆକରି ଜୀବନ୍ନ୍ୟାସ ପାଇଛନ୍ତି !(କ୍ରମଶଃ)

# ଚାଲାକ୍ ଝିଅ

**ଅନୁବାଦ ଗଳ୍ପ**

ମୂଳହିନ୍ଦୀ- ଶିଖର ଚନ୍ଦ ଜୈନ

ଅନୁବାଦ: ବିନୟ କୁମାର ଦାସ

ଝିଅଟି ବେଶ୍ ସୁନ୍ଦରୀ ଥିଲା ।

ବସ୍ ରୁ ଓହ୍ଲାଇ ସିଧା ଚାଲିଲା ରାଜରାସ୍ତାରେ । ବେଶ ପରିପାଟୀରେ ଶାଳୀନତା ରହିଥିଲା । କାନ୍ଧରେ ଥିଲା ଏକ ଦାମୀ ଭେନିଟି ବ୍ୟାଗ ।ଚଂଚଳ ସ୍ୱବାବର ଝିଅ ବୋଲି ତା ଚାଲିରୁ ସ୍ପଷ୍ଟ ଜଣା ପଡିଯାଉଥିଲା । କାହାରିକୁ ସାମାନ୍ୟତମ ଲକ୍ଷ୍ୟ ନ କରି ସେ ତାର ଗନ୍ତବ୍ୟ ପଥରେ ଆଗେଇ ଚାଲିଥିଲା । କାନରେ ତାର କିନ୍ତୁ ଲାଗିଥିଲା ଇଅର ଫୋନ୍ । ବୋଧେ ହିନ୍ଦୀ ଫିଲ୍ମ ଗୀତ ଶୁଣୁଥିଲା ଝିଅଟି । ତା ପଛେପଛେ ଯେଉଁ ଭଦ୍ରମହିଳା ଜଣକ ଚାଲିଥିଲେ, ତାଙ୍କୁ ହୁଏତ ଏ ଝିଅର ରୀତିଗତି ଭଲ ଲାଗିଲା ନାହିଁ । ସେ ନିଜର ଗତି ଆଉ ଟିକେ ବଢାଇ ଦେଇ ଝିଅ ପାଖ ପହଂଚିଗଲେ ଆଉ କହିଲେ, " ଝିଅ, ଗୋଟେ କଥା କହିବି , କିଛି ଖରାପ ଭାବିବୁ ନାହିଁ ତ ?"

ଝିଅଟି ତାଙ୍କୁ ଚାହିଁଲା । ତାପରେ ନିଜର ଗତି କମାଇ ଦେଇ ଚାଲିବାକୁ ଆରମ୍ଭ କରି କହିଲା, " ଖରାପ ଭାବିବି କଣ ପାଇଁ ? କହୁ ନାହାନ୍ତି ।"

" ମୁଁ କଣ କହୁଥିଲି କି...ଦେଖୁଚୁ ତ କେତେ ଗହଳଚହଳ ରାସ୍ତା । ଗାଡିଘୋଡା ଯୋଉ ସ୍ପୀଡ୍‌ରେ ଯା' ଆସ କରୁଚି, କେତେବେଳେ ଯେ କି ଦୁର୍ଘଟଣା ଘଟିବ , କେହି ଭାବି ପାରିବେନି ।"

"ହଁ, ଆପଣ ଠିକ୍ କହିଛନ୍ତି ଆଂଟି । ଆଜିକାଲି ସମସ୍ତେ ବ୍ୟସ୍ତ...ନିଜ ନିଜ ଗନ୍ତବ୍ୟସ୍ଥଳରେ ପହଂଚିବା ପାଇଁ ସମସ୍ତେ ବ୍ୟଗ୍ର । ତେଣୁ ସ୍ପୀଡ୍ ରହିବା ସ୍ୱାଭାବିକ ।"

"ସେଇଥିପାଇଁ କହୁଥିଲି, ରାସ୍ତାରେ ଚାଲିବା ସମୟରେ ସାବଧାନ ହୋଇ ଚାଲିବା ଦରକାର । କାନରେ ଇଅର ଫୋନ୍ ଲଗାଇ ଗୀତ ଶୁଣି ଚାଲିଲେ ଅନ୍ୟମନସ୍କ ହୋଇଯିବା ନିଶ୍ଚିତ କଥା । ପଛପଟୁ କେତେବେଳେ ଯେ ଗାଡି ଚାଲି ଆସିବ ଜାଣି ହେବନି । ରାସ୍ତାରେ ଯିବା ସମୟରେ ଗୀତ ନ ଶୁଣିଲେ କଣ ଚଳନ୍ତା ନାହିଁ ? ମାନେ..ମୁଁ ତୋର ଭଲ ପାଇଁ କହୁଥିଲି ।"

ଝିଅଟି ତା କାନରୁ ଇଅର ଫୋନ୍ ବାହାର କରିଦେଲା । ତା ଆଗପଛକୁ ଚାହିଁଲା । ଟିକେ ହସି ଦେଇ କହିଲା , " ଆଂଟି, ଆପଣ ଭାବୁଛନ୍ତି ମୁଁ ଗୀତ ଶୁଣୁଛି ? ନା, ଆପଣଙ୍କ ଧାରଣା ଭୁଲ । ଏ ଇଅର ଫୋନ୍‌କୁ ଖାଲି ମିଛରେ କାନରେ ଲଗାଇଛି । ମୋତେ ଏ ରାସ୍ତାରେ ଏକାକୀ ଯିବାକୁ ପଡୁଛି ଆଉ ରାସ୍ତା ସାରା ଷ୍ଟ୍ରୀଟ୍ ରୋମିଓଙ୍କ ଭିଡ । ଝିଅ ଦେଖିଲେ ସେମାନଙ୍କର ଯେତେ ସବୁ ଫାଲତୁ ଗୀତ ଆଉ କମେଂଟ୍...ସେ ଅଶ୍ଳୀଳ କମେଂଟ୍‌ରୁ ନିଜକୁ ବଂଚାଇବା ପାଇଁ ଏ ଇଅର ଫୋନ୍ ।...। ସେମାନେ ଯେତେବେଳେ ଦେଖିଦିଅନ୍ତି ଝିଅଟି କାନରେ ଇଅର ଫୋନ୍ ଲଗାଇ ଗୀତ ଶୁଣୁଛି, ସେମାନେ ଆଉ କମେଂଟ୍ ଦିଅନ୍ତି ନାହିଁ । କାରଣ ସେମାନଙ୍କର ଧାରଣା ତାଙ୍କ କମେଂଟ୍‌ତ ମୁଁ ଶୁଣି ପାରିବିନି... ବାସ୍.. ତାପରେ ଟିକେ ସାବଧାନ ହୋଇ ମୁଁ ସେମାନଙ୍କ ପାଖରୁ ଖସିଯିବାରେ ସକ୍ଷମ ହୁଏ ।"

ଏତକ ଶୁଣିବା ପରେ ମହିଳାଜଣକ ହସିଦେଇ ତା ପିଠିରେ ହାତ ଥାପୁଡେଇ ଦେଇ କହିଲେ, "ସାବାସ୍ ଝିଅ । ପ୍ରକୃତରେ ତୁ ବେଶ୍ ଚାଲାକ୍ ।"

ଝିଅଟି ବି ହସିଦେଲା ଆଉ ଦୁହେଁ ନିଜ ନିଜର ଚାଲିର ବେଗ ବଢାଇ ଦେଇ ଆଗେଇ ଚାଲିଲେ ।


ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩




## ଚିନ୍ତା ଅନୁଚିନ୍ତା (୧୯)

# ଲାଞ୍ଚମୁକ୍ତ ଭାରତ କେବେ ନୁହେଁ ସମ୍ଭବ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ଭାରତବର୍ଷର ଗୌରବାବହ ଗାଥା ଶତଶତ ବର୍ଷଧରି ବିଶ୍ୱରେ ସୁବିଦିତ । ଏହାର ପରମ୍ପରା, ରୀତିନୀତି, ଚାଲିଚଳନ, ପୋଷାକ ପରିଚ୍ଛଦ, ଖାଦ୍ୟପେୟ ସହ ଲୋକମାନଙ୍କ ପରୋପକାରୀ ମନୋଭାବ ସବୁବେଳେ ଭାରତବର୍ଷକୁ ସ୍ୱତନ୍ତ୍ରଭାବେ ଚିହ୍ନିତ କରାଇ ଆସିଛି ।

ଯେଉଁଠି ଉଚ୍ଚାରିତ ହୋଇଛି "ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍ ଏବଂ ବସୁଧୈବ କୁଟୁମ୍ବକମ୍" ଭଳି ମହାମନ୍ତ୍ର । ଯେଉଁ ଭୂମିରେ ସର୍ବଧର୍ମୀ ସମନ୍ୱୟର ବାର୍ତ୍ତା ଦେଇ ଧର୍ମନିରପେକ୍ଷ ସର୍ବଭୌମ ଗଣତନ୍ତ୍ରର ବିଜୟକେତନ ଉଡ୍ଡୀୟମାନ ପୁଣି ସତ୍ୟମେବ ଜୟତେ କୁହାଯାଇ ଆସୁଛି ସେହି ଦେଶ କିନ୍ତୁ ଏକ ଭୟାନକ ସଂକ୍ରାମକ ରୋଗରେ ଆଜି ସଂକ୍ରମିତ ହୋଇ ବିଶ୍ୱବାସୀଙ୍କ ସମ୍ମୁଖରେ ନିଜର ମୁଣ୍ଡ ତଳକୁ କରିବାକୁ ବାଧ ହେଲାଣି । ତାହା ହେଲା ଲାଞ୍ଚ କାରବାର । ଏହି ଲାଞ୍ଚ କାରବାରରେ ଏସିଅ-ପ୍ରଶାନ୍ତ ମହାସାଗରୀୟ ଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ସବୁଠୁ ଆଗରେ । ବିଶେଷ ଭାବେ ବିଭିନ୍ନ ସରକାରୀ ସୁବିଧା ହାସଲ ପାଇଁ ପ୍ରତି ଦଶଜଣରେ ସାତଜଣଙ୍କୁ ଲାଞ୍ଚ ଦେବାକୁ ପଡ଼ିଥାଏ ବୋଲି ଏକ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହୋଇଛି ।

୨୦୧୭ ମସିହାରେ ଆନ୍ତର୍ଜାତୀୟ ସ୍ୱଚ୍ଛତା ସର୍ଭେ ଯେଉଁ ରିପୋର୍ଟ ପ୍ରଦାନ କଲେ ତହିଁରେ ଦର୍ଶାଯାଇଥିଲା ଯେ ସରକାରୀ ସାହାଯ୍ୟ ଓ ସୁବିଧା ପାଇଁ ଦୁଇ ତୃତୀୟାଂଶ ଭାରତୀୟଙ୍କୁ ଚା' ପାଣି ଖର୍ଚ୍ଚ ଓ ହାତଗୁଞ୍ଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଲାଞ୍ଚ ଦେବାକୁ ପଡ଼ିଥାଏ । ସର୍ଭେରେ ସ୍ପଷ୍ଟ କରାଯାଇଥିଲା ଯେ ୬୯ ପ୍ରତିଶତ ଭାରତୀୟଙ୍କୁ ଲାଞ୍ଚ ଦେବାକୁ ପଡ଼ିଥାଏ । ସେହି ରିପୋର୍ଟରେ ସମଗ୍ର ଏସିଅ-ପ୍ରଶାନ୍ତ ମହାସାଗରୀୟ ଦେଶ ସମୂହ ମଧ୍ୟରେ ଲାଞ୍ଚ କାରବାରରେ ଭାରତ ପ୍ରଥମସ୍ଥାନରେ ରହିଥିଲାବେଳେ ଭିଏତନାମ ଦ୍ୱିତୀୟରେ ରହିଥିଲା । ସବୁଠୁ କମ୍ ଲାଞ୍ଚ କାରବାରର ଦେଶ ହେଉଛି ଜାପାନ । ଏଠାରେ ମାତ୍ର ୦.୨ ପ୍ରତିଶତ ଲୋକ ଲାଞ୍ଚ ଦେଇଥାନ୍ତି । ଏହା ପଛକୁ ଦକ୍ଷିଣ କୋରିଆ, ଏଠାରେ ୩ ପ୍ରତିଶତଙ୍କୁ ଲାଞ୍ଚ ଦେବାକୁ ପଡ଼ିଥାଏ । ଚୀନରେ ୨୬ ପ୍ରତିଶତ, ପାକିସ୍ଥାନରେ ୪୦ ପ୍ରତିଶତ ଲୋକେ ଲାଞ୍ଚ ଦେଇଥାନ୍ତି । ୧୬ ଗୋଟି ଏସିଅ-ପ୍ରଶାନ୍ତ ମହାସାଗରୀୟ ଦେଶଙ୍କୁ ନେଇ ଏଇ ସର୍ଭେ କରାଯାଇଥିଲା । ଏଥିରେ ଦର୍ଶାଯାଇଥିଲା ସବୁଠୁ ଅଧିକ ଲାଞ୍ଚ କାରବାର ହୋଇଥାଏ ପୁଲିସ ବିଭାଗରେ, ଏ ଭିତରେ ଏହି ରିପୋର୍ଟ ପ୍ରକାଶନକୁ ୪ବର୍ଷ ବିତିବାକୁ ବସିଲାଣି । ସମଗ୍ର ଦେଶରେ ପ୍ରତ୍ୟହ ବିଭିନ୍ନ ଗଣମାଧ୍ୟମ ଓ ନ୍ୟାୟାଳୟରେ ଦାଖଲ ମାମଲା ସମୂହରୁ ଆମ ଦେଶର ଲାଞ୍ଚ କାରବାରର ଯେଉଁ ବିବରଣୀ ଦେଖିବାକୁ ମିଳେ, ମନେହୁଏ ଭାରତରେ ଲାଞ୍ଚ କାରବାର ସତେଅବା ୯୦ ପ୍ରତିଶତକୁ ଛୁଇଁ ଯିବଣି । ଏହା ତ ଏକ ଅଘୋଷିତ ଆଇନରେ ପରିଣତ ହେବାକୁ ବସିଲାଣି । ସାଧାରଣ ପଞ୍ଚାୟତ ସ୍ତରରୁ ବ୍ଲକ୍, ତହସିଲ, ଜିଲ୍ଲା ଓ ରାଜ୍ୟ ସଦର ମହକୁମାର ବିଭିନ୍ନ ଦପ୍ତରରେ ନିଜ ନିଜର କାମଗୁଡ଼ିକୁ କରାଇ ନେବାକୁ ହେଲେ ପିଅନଠାରୁ ଆରମ୍ଭ କରି ହାକିମ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଲାଞ୍ଚ ପ୍ରଦାନ କରିବାକୁ ପଡ଼ିଥାଏ । ସାଧାରଣ ଲୋକଟିଏ ଦଉଡ଼ି ଦଉଡ଼ି ହାଲିଆ ହେବା ଅପେକ୍ଷା ବରଂ ଲାଞ୍ଚ ଦେଇ କାମ କରିନେବାକୁ ଶ୍ରେୟସ୍କର ମଣୁଛି । ପ୍ରତିଦିନ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ, ପିଅନଠାରୁ ବଡ଼ ଅଧିକାରୀ ପର୍ଯ୍ୟନ୍ତ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବନ୍ଧା ହେଉଛନ୍ତି । ଏଭଳିକି ଭାରତର ନ୍ୟାୟାଳୟର ବିଚାରପତି ମଧ୍ୟ ଏଥିରୁ ବାଦ ପଡ଼ି ନାହାଁନ୍ତି । ନ୍ୟାୟ ପ୍ରଦାନକାରୀ ବ୍ୟକ୍ତି ଯେବେ ଲାଞ୍ଚ ଗ୍ରହଣ କରି ନ୍ୟାୟ ପ୍ରଦାନ କରେ ତେବେ ସେଥିରେ କେତେ ସ୍ୱଚ୍ଛତା ରକ୍ଷା ହୋଇପାରିଲା ଯେ ? ସାଧାରଣ ପିଅନ, ଶିକ୍ଷକ, ଅଧ୍ୟାପକ, ଡାକ୍ତର ସଭିଏଁ ଏହି ଅଭିଯୋଗ ଅନ୍ତର୍ଭୁକ୍ତ । ଜେଲ ଜୋରିମାନା ତ' ଭାରତରେ ବିଳମ୍ବିତ ପ୍ରକ୍ରିୟା, ଆଇନ ଭିତରେ ଏତେ ଗଳାବାଟ ରହିଛି ଯେ ସେମାନଙ୍କୁ ଦୋଷମୁକ୍ତ ହେବାକୁ ଖୁବ୍ ବେଶି ସମୟ ଲାଗେ ନାହିଁ । ଯଦିଓ ଭାରତରେ ଲାଞ୍ଚ ନେବା ଓ ଲାଞ୍ଚ ଦେବା ଧର୍ତ୍ତବ୍ୟ ଅପରାଧ ରୂପେ ପରିଗଣିତ ମାତ୍ର ତାହାର ସଠିକ୍ ପ୍ରତିଫଳନ ପରିଲକ୍ଷିତ ହୁଏନା । ସାଧାରଣ ଲୋକ ଅଭ୍ୟସ୍ତ ହୋଇଗଲେଣି ଏହି ଲାଞ୍ଚ କାରବାର ସହିତ, ସରକାର ଯେତେ ଆଚାର ସଂହିତା ତିଆରି କଲେ ବା ନିୟମ କଠୋର କଲେ ମଧ୍ୟ ଦାତା ଓ ଗ୍ରହୀତାଙ୍କ ଭିତରେ ଏହାକୁ ଏକ ଚିରଚରିତ ବ୍ୟବସ୍ଥା ସ୍ୱରୂପ ଗ୍ରହଣ କରିନେଲେଣି । ଯାହାଫଳରେ କି ଭାରତର ଲାଞ୍ଚ କାରବାର ଏସିଅ-ଉପସାଗରୀୟ ଦେଶ ସମୂହଙ୍କ ମଧ୍ୟରେ ଶ୍ରେଷ୍ଠତମ ସ୍ଥାନରେ ରହିବା ଆଉ ବିସ୍ମୟକର ବିଷୟ ହୋଇ ରହିନାହିଁ । ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ, ଲାଞ୍ଚମୁକ୍ତ ଭାରତ କେବେ ନୁହେଁ ସମ୍ଭବ । ଏହାର ନିରାକରଣ ଖୁବ୍ କଷ୍ଟସାଧ୍ୟ ।

ସରକାରଙ୍କ ପ୍ରଚଳିତ ଆଇନରେ ପରିବର୍ତ୍ତନ ଆଣି କଠୋର ଦଣ୍ଡବିଧାନ କରିବାର ସମୟ ଉପନୀତ । ଗତ କେତେବର୍ଷ ତଳେ ଓଡ଼ିଶାର ପୁଲିସ ଅଧିକାରୀ ସମ୍ମିଳନୀରେ ସେତେବେଳର ଡି.ଜି. ଡା. ଆର.କେ ଶର୍ମା କହିଥିଲେ ଯେ ୯୫ ପ୍ରତିଶତ ମାମଲାରେ ଆସାମୀ ନିର୍ଦ୍ଦୋଷରେ ଖଲାସ ହୋଇ ଯାଉଛନ୍ତି । ଏଥିରୁ ସ୍ପଷ୍ଟ ହୁଏ, ତଦନ୍ତକାରୀ ପୁଲିସ ଅଧିକାରୀଙ୍କ ଆନ୍ତରିକତା ଅଭାବ ଓ ଲାଞ୍ଚ କାରବାର ହେତୁ ଦୋଷୀ ଏଠାରେ ଦଣ୍ଡିତ ହୋଇପାରୁ ନାହିଁ । ଦେଶର ସମୂହ ଅର୍ଥ ଲୁଟ୍‌କାରୀ ବ୍ୟକ୍ତିକୁ ଯେବେ ମୃତ୍ୟୁଦଣ୍ଡ ଏବଂ ଲାଞ୍ଚ ନେବା ବ୍ୟକ୍ତିକୁ ଆଜୀବନ ଜେଲଦଣ୍ଡ ଦେବାରେ ସମର୍ଥ ହେଉନାହୁଁ ସେତେବେଳେ ଆଇନକୁ ଭୟ ରହିବ କେଉଁଠୁ ? କ୍ଷମତାର ଦୁରୋପଯୋଗ କରି ରାଜନେତା ଓ ଅଫିସରମାନେ କୋଟି କୋଟି ଅର୍ଥ ଲୁଟ୍ କଲେ ବି ସେମାନେ ଛାଡ଼ ପାଇ ଯାଉଛନ୍ତି । ଏହି ମାରାତ୍ମକ ଲାଞ୍ଚ ବ୍ୟାଧିରୁ ମୁକ୍ତିର ବାଟ ସାଧାରଣ ନାଗରିକଙ୍କ ଅଧିକ ସଚେତନତା ଉପରେ ନିର୍ଭର କରେ । କଠୋର ଦଣ୍ଡବିଧାନ ପ୍ରଣୟନ ହୁଏତ ଅନେକଙ୍କୁ ଲାଞ୍ଚ ମାଗିବାର ସାହାସ ଜୁଟାଇବାଠାରୁ ଦୂରେଇ ରଖିବ । ସେମାନେ ଆତ୍ମସମ୍ମାନ ଭୟରେ ଯାହା ଆଇନଗତ ପନ୍ଥା ତହିଁରେ ଲୋକଙ୍କୁ ସହଯୋଗ କରିବାକୁ ବାଧ ହେବେ । ଆମ ଦେଶରେ ଆଇନ ବ୍ୟବସ୍ଥାରେ ଏତେ ଫାଙ୍କ ଯେ ତାହା ସମସ୍ତଙ୍କୁ ସୁହାଉଚି । ପୁନଶ୍ଚ ବ୍ୟକ୍ତି ମଧ୍ୟରେ କ୍ଷଣସ୍ଥାୟୀ ଜୀବନଯାତ୍ରାରେ ଅସତ୍‌ମାର୍ଗରେ ଉପାର୍ଜିତ ଧନସମୂହ ଯେ ତା' ପାଇଁ କେତେ ପୀଡ଼ାଦାୟକ ଏହି ସଚେତନତା ଆସି ପାରିଲେ ସେ ହୁଏତ ନିଜକୁ ସଜାଡ଼ି ପାରନ୍ତା, କିନ୍ତୁ ବୈଷୟିକ ସୁଖସମୃଦ୍ଧିର ଦୌଡ଼ରେ ସେ ତ କ୍ରମଶଃ ଲାଞ୍ଚ ଭଳି ବ୍ୟାଧି ପ୍ରପୀଡ଼ିତ ହେବାକୁ ବାଧ ହେଉଛି ।

---

## ପ୍ରେମରେ ପ୍ରେମରେ ଗୀତି ....(୧୨)



■ ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ମନୋଇ ଝିଅର ପ୍ରୀତି ॥

ସ୍ମୃତି ତୁମେ ମୋର ଅଧୁରା ପ୍ରେମର
ସ୍ୱପ୍ନଭରା ଅମାରାତି,
ମୁକୁଳା ଶେଯରେ ବିଞ୍ଚି ପଡ଼ିଥିବା
ମନୋଇ ଝିଅର ପ୍ରୀତି ।

ଅନ୍ଧାରକୁ ଚିରି ଆସ ତୁମେ ଥିରି
ମନର ମାନସୀ ସାଜି,
ଜଳୁଥିବା ତୁମ ସ୍ମୃତିର ସଳିତା
ଆଉ ଟିକେ ଦିଅ ତେଜି,
ଶୂନ୍ୟ ଶେଯରେ ମୋ' ମୁଠାଏ ପାଉଁଶ
ଗାଉଛି ଜୀବନ ଗୀତି ।

ପ୍ରତିଟି ରାତିରେ ତୁମରି ସ୍ମୃତିରେ
ପିତୁଳାଟିଏ ମୁଁ କରି,
ଜୀବନ୍ୟାସ ଦେଇ ଛାତିରେ ଜଡ଼ାଇ
ହସେ କାନ୍ଦେ ମନ ଭରି,
ତଥାପି ମୋ' ପାଇଁ ତରଳିଲା ନାହିଁ
ତୁମରି ପାଷାଣ ଛାତି ।

---

## କଥା କିଞ୍ଚିତ

# କବିତାର ଏକ ଶବ୍ଦ ବନାମ ଅନେକ ଅର୍ଥ ଓ ଅର୍ଥାନ୍ତର

ଯାହା ସହଜରେ ବୁଝି ହୋଇଯାଏ ତାହା ସବୁବେଳେ କବିତା ହୁଏ ନାହିଁ । କବିତା ବେଳେବେଳେ ସନ୍ଧ୍ୟାର ରାଗ ପରି । ଅନେକାଂଶରେ ଝାପ୍ସା ଝାପ୍ସା । ଟିକିଏ ଛାଇ ଓ ଆଲୁଅର ମିଶାମିଶି ଅନୁଭବ । ସେଠି ଯାହା ଦିଶେ, ତାହା ଦୃଶ୍ୟ ନୁହେଁ । ଦୃଶ୍ୟ ବାହାରେ ଆହୁରି ଅନେକ ଦୃଶ୍ୟ ଥାଏ । ଦୃଶ୍ୟ ଓ ଆର ଦୃଶ୍ୟର ଖେଳକୁ କବିତା ବୋଲି କୁହାଯାଇପାରେ। ତେବେ ସବୁବେଳେ କବିତାରେ ଆର ଦୃଶ୍ୟର ଅନୁଭବ ଆସେ ନାହିଁ । ଆର ଦୃଶ୍ୟର ଅନୁଭବ ଦେବାକୁ ହେଲେ କବିକୁ ସ୍ୱୟଂ ଆର ଦୃଶ୍ୟର ଅଂଶୀଦାର ହେବାକୁ ପେଡ଼ । କବି ଯାହା ଲେଖେ ତାକୁ ପାଠକ ଚଟ କିନା ବୁଝିଯିବ ବୋଲି ଭାବିନେଲେ ଉଭୟ କବିତା ଓ ଗ୍ରାହକତାର ମୃତ୍ୟୁ ଘଟେ । କବିକୁ ପଢ଼ିବା ପାଇଁ ଯେତିକି ଅନୁରାଗ ଦରକାର, କବିତାକୁ ବୁଝିବା ଲାଗି ସେତିକି ପ୍ରଜ୍ଞାର ମଧ୍ୟ ଆବଶ୍ୟକତା ରହିଛି । ସହଜରେ ବୁଝି ହେଇଯାଉଥିବା କବିତାରେ ହୁଏତ ଗୀତର ଧର୍ମ ଥାଇପାରେ । ସେ କବିତାର ଆବେଦନ ନିଆରା । ତାହା ବୋଲି ସେଇଟା ହିଁ କବିତା, ଅନ୍ୟ କିଛି କବିତା ନୁହେଁ, ସେକଥା କହିହେବ ନାହିଁ । ଭାବି ଦେଖନ୍ତୁ ତ କବି ଗୋଟେ ଗାଈର ବର୍ଣ୍ଣନା କରୁଛନ୍ତି । ସାଧାରଣ ଭାବରେ ରଚନା ଲେଖିଲାବେଳେ ହୁଏତ କହିହେବ ଗାଈ ଗୋଟେ ଗୃହପାଳିତ ପଶୁ । ତା'ର ଚାରୋଟି ଗୋଡ଼, ଗୋଟିଏ ଲାଞ୍ଜ, ଦୁଇଟି ଆଖି, ଦୁଇଟି କାନ ଇତ୍ୟାଦି । ରଚନା ଲେଖିବା ସହଜ କଥା । ସେଇ ଗାଈକୁ ନେଇ ଯେତେବେଳେ ପର୍ଶୁରାମ ବିହାରୀ କବିତା ଲେଖନ୍ତି, ସେ କ'ଣ କହନ୍ତି, ଆସନ୍ତୁ ଦେଖିବା –

କପିଳା ବୋଲିଣ ଗାଈ ସେ ସଦା ସର୍ବଦା ଯୁବା
ଷଡମୁଖ ତିନି ଲୋଚନ ଏକପାଦରେ ଉଭା।

କପିଳା ବୋଲିଣ ଗାଈ ସେ, ଅଦ୍ଭୁତ ସେ ଗାଈ ତା'ର ଛଅଟି ମୁଖ, ତିନି ଲୋଚନ ଓ ଗୋଟିଏ ବୋଲି ପାଦ । କଳ୍ପନା କରି ହେଉଛି ଗୋଟେ ଗାଈର ଚେହେରା କେମିତି । ଗୋଟିଏ ମୁହଁରେ ଅଧା ଆଖି ଏବଂ ସମୁଦାୟ ଦେହଟି ଗୋଟିଏ ପାଦରେ ଭରା ଦେଇ ରହିଛି । ପୁଣି କବି କହୁଛନ୍ତି – ଭଲା ବିପରୀତ ଗାଈ ସେ, ଲାଞ୍ଜ ବାଟେ ଚରଇ ମୁଖ ବାଟେ ମଳ ଯେ ଚକ୍ଷୁ ବାଟେ ପ୍ରସଇ ।

ବଡ଼ ଅଦ୍ଭୁତ ପରିକଳ୍ପନା । ଏହାକୁ ନେଇ କେତେ ଭେଦ ଗଢା ହୋଇଛି । କିଏ କହେ ସେ ଗାଈଟି ଭିତରେ ଜୀବ ଓ ପରମର ଖେଳା ଚାଲିଛି । ଷଡମୁଖ ହୁଏତ ଷଡରିପୁ ହୋଇପାରେ । କେହି କେହି କହନ୍ତି ପାଞ୍ଚଟି ଇନ୍ଦ୍ରିୟ ଓ ମନ ମିଶି ଛଅଟି ମୁଖ । ଯେତେ ପାଠକ ସେତେ ବିଚାର । ଯେତେ ପଢାଳି ସେତେ ପ୍ରକାର ତର୍ଜମା । କବି ଲେଖିଦେଲେ ତାଙ୍କ କାମ ସରିଲା । ତାକୁ ପଢି କିଏ କେତେ ତତ୍ତ୍ୱ ନିର୍ମାଣ କଲେ । ଏଇଟା ହେଉଛି ଭାରତୀୟ କବିତାର ନିଆରାପଣ । କବିତା କେବଳ ଗୋଟିଏ ପକ୍ଷର ଆଲୋକ ଦେଖାଏ ନାହିଁ । ସବୁ ପକ୍ଷର ଆଲୋକ କବିତାରେ ଏକାକାର । ତତ୍ତ୍ୱ ଓ ତା'ର ତର୍ଜମା କବିତାରେ ସବୁବେଳେ ହେଇଛି ଏବଂ ହେବ । ତାକୁ ବାଟ କାଟି ଆମେ ଯାଇ ପାରିବା ନାହିଁ । ଗୋଟିଏ କବିତା ଯାହା ଲେଖେ, ତା'ର ପରବର୍ତ୍ତୀ କବି ଜଣକ ସେହି କବିତାରୁ ଆଉ ଏକ ଅର୍ଥ ନିଗାଡ଼ି ଆଣି ପାରେ । ଆଉ ଏକ ଉଦାହରଣ ଦିଆଯାଇପାରେ ।

କବି ମାର୍କଣ୍ଡ ଦାସ । ତାଙ୍କର ପ୍ରସିଦ୍ଧ କବିତା ଭିତରେ 'କେଶବ କୋଇଲି' । କବିତାଟି ଓଡ଼ିଶାର ଜନଜୀବନରେ ବେଶ୍ ପରିଚିତ । କୋଇଲି ଲୋ କେଶବ ଯେ ମଥୁରାକୁ ଗଲା । କାହା ବୋଲେ ଗଲା ପୁତ୍ର ବାହୁଡ଼ି ନୋଇଲା । ଅତି ସରଳ ଓ ମାର୍ମିକ ବର୍ଣ୍ଣନା । ମା' ଯଶୋଦା କୃଷ୍ଣଙ୍କ ବିଚ୍ଛେଦରେ ନିଜର ମର୍ମବେଦନା ପ୍ରକାଶ କରୁଛନ୍ତି । ଏତେ ସରଳ କବିତା ଭିତରେ ଜୀବ ପରମର କେତେ ଗୂଢ ଅର୍ଥ ଅଛି ଓ ତା'ରି ଭିତରେ ପରସ୍ତ ପରସ୍ତ ତତ୍ତ୍ୱର ବଚନିକା ଲୁଚି ରହିଛି, ଏକଥା ଆମେ ଜାଣିଥିଲୁ କି ? ଏହି କବିତାକୁ ନେଇ ତାଙ୍କର ପରବର୍ତ୍ତୀ ପିଢିର କବି ଜଗନ୍ନାଥ ଦାସ (ସେ ଭାଗବତକାର ଜଗନ୍ନାଥ ଦାସ କି ନୁହନ୍ତି, ତାକୁ ନେଇ ବିବାଦ ରହିଛି) ଲେଖିଲେ – 'ଅର୍ଥ' କୋଇଲି' । ମାର୍କଣ୍ଡ ଦାସଙ୍କ ପ୍ରତ୍ୟେକ ପଦକୁ ନେଇ ନୂଆ ଏକ ତତ୍ତ୍ୱର ବଖାଣ କଲେ ଜଗନ୍ନାଥ ଦାସ । କବିତାର ପାଠକ ଭାବରେ ତାଙ୍କୁ ଯଶୋଦାଙ୍କର ମର୍ମବେଦନା ତୁଳନାରେ କବିତାର ପ୍ରତିଟି ଚିତ୍ରରେ ନୂଆ ଏକ ରହସ୍ୟ ଦୃଶ୍ୟମାନ ହେଲା । ଏଥିର ପ୍ରମାଣିତ ହୁଏ ଆମ କବିତା ପରମ୍ପରାରେ ଆବିଷ୍କାରର ମଞ୍ଜିଟି କ'ଣ ? ପ୍ରତି କବିତା ପ୍ରତି ପାଠକ ପାଖରେ ନୂଆ ହେବାକୁ ବାଧ ।

ପ୍ରତି କବିତା ଗୋଟିଏ ସମୟରେ ଗୋଟିଏ ଅର୍ଥ ବହନ କରେ ନାହିଁ । ପ୍ରତି କବିତା ନିଜ ସମୟ ଓ ସମୟ ବାହାରେ ଆଉ ଏକ ଅର୍ଥର ପ୍ରତିଶ୍ରୁତି ବହନ କରିଥାଏ । ପ୍ରତି କବିତା ନିଜ ସରଳତା ଭିତରେ ଜଟିଳ ଅର୍ଥର ସୂତ୍ରମାନଙ୍କୁ ଆତ୍ମସ୍ଥ କରି ରଖିଥାଏ । ପ୍ରତି କବିତାରେ କବି କେବଳ ଜଣେ କବି ନୁହେଁ । ଗୋଟିଏ କବିତାକୁ ବହୁ ବାଗରେ, ବହୁ ଅର୍ଥରେ ଓ ବହୁ ଭାବରେ ପଢାଯାଇପାରେ ।

ତେଣୁ କବିତାକୁ ଏକମୁଖୀ ଓ ଏକଦେଶୀ ବୋଲି କହିବା ଆଦୌ ଉଚିତ୍ ହେବ ନାହିଁ ।



ଆଲେଖ୍ୟ : କେଦାର ମିଶ୍ର
ବିନୋଦିନୀ ନିବାସ, ୨୬୭/
୧୭୩୬-ଏ, ଶାସ୍ତ୍ରୀନଗର, ୟୁନିଟ-୪,
ଭୁବନେଶ୍ୱର-୯
(ମୋ) ୯୪୩୭୩୮୯୭୭୦

---




# ॥ ଦାଦା ଠାକୁର୍ ॥

● ଦୀପକ ରଂଜନ ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ମାସୀମା ଥିଲେ ଅନ୍ଧୁଣୀ । ବାଲ୍ୟକାଳରୁ ବିଧବା ହେବାପରେ ସିଏ ଆକ୍ରାନ୍ତ ହୋଇଥିଲେ ବେରିବେରି ରୋଗରେ । ନଷ୍ଟ ହୋଇଯାଇଥିଲା ତାଙ୍କର ଦୁଇଟି ଯାକ ଆଖି । ସେ କିନ୍ତୁ ପ୍ରସ୍ତୁତ କରି ପାରୁଥିଲେ ଖୁବ୍ ସ୍ୱାଦିଷ୍ଟ ବ୍ୟଞ୍ଜନ । ସେ ବେଲୁଥିବା ରୁଟି ପାଖରେ କମ୍ପାସ୍ ବି ହାର ମାନୁଥିଲା । କ୍ଲାସ୍‌ଉଠା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାନ୍ତି । ଏଇଟା ସେଇ ଅଷ୍ଟମ ଶ୍ରେଣୀ ଯେଉଁଠିକୁ ଯିବାପାଇଁ ବାପା ବାରଣ କରି କହିଥିଲେ, "ତୁଟା ବକଟେ ପିଲା । କୌଣସି କାମ ନିଜ ହାତରେ କରି ଜାଣିନୁ । ଢେଙ୍କାନାଳରେ ଯାଇ ଛାତ୍ରାବାସରେ ରହି କେମିତି ପଢ଼ିବୁ ?" ସିଏ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ସାରିଛନ୍ତି । ଏଥର ତାଙ୍କୁ ତାଙ୍କର ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ହେବ । ଆଉ ଭଟ୍ଟାଚାର୍ଯ୍ୟ ଘରେ ଖାଇବେ କାହିଁକି ବା ଜମିଦାରଙ୍କ ଉଆସରେ ରହିବେ କାହିଁକି ? ଭୈରବ ନଦୀ କୂଳରେ ଥିବା ଫେରିଘାଟ ପାଖରେ ଦୋକାନଟିଏ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥାନ୍ତି । ମୁଢ଼ି, ବିସ୍କୁଟ, ଚା' ତଥା ବରାଦ ମୁତାବକ ଭାତ ତରକାରୀ ଇତ୍ୟାଦିର ଦୋକାନଟିଏ କଲେ ଭଲ ଚାଲିବ ନିଶ୍ଚିତ । ମାସୀମା'ଙ୍କୁ ବୁଝାଇ ତଥା ଆପଣା ବନ୍ଧୁମାନଙ୍କ ସହାୟତା ନେଇ ସିଏ ଗୋଟେ ଝୁମ୍ପୁଡ଼ି ଘର ତିଆରି କରନ୍ତି ସେଇ ଫେରିଘାଟ ପାଖରେ । ଆଉ ସେଇଠି ରହି ପଢ଼ାପଢ଼ି ବି କରନ୍ତି । ୧୯୪୩ ମସିହାରେ ବଙ୍ଗଳାରେ ଦୁର୍ଭିକ୍ଷ ପଡ଼ିବା ବେଳକୁ ସେ ତାଙ୍କ ଦୋକାନ କରି ସାରିଥିଲେ । ତାଙ୍କ ବ୍ୟବହାର ଯୋଗୁଁ ସେଇ ଆଖପାଖ ଅଞ୍ଚଳର ସମସ୍ତେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥାନ୍ତି । ଫେରିଘାଟର ନାବିକମାନଙ୍କ ସହିତ ତାଙ୍କର ଖୁବ୍ ଆତ୍ମୀୟ ସମ୍ପର୍କ । ସବୁଠୁ ଘନିଷ୍ଠ ଥିଲା ଫକୀର ମାଝି । ଗାଁରେ ତା'ର କେହି ନଥାନ୍ତି ନିଜର ବୋଲି । ବିବିର ବିୟୋଗ ପରେ ଫକୀର ମିଆଁ ଏକୁଟିଆ ରହିବା ଶିଖି ଯାଇଥାଏ । ତା'ର ସବୁକିଛି ଥିଲା ସେଇ ଭୈରବ ନଦୀ । ତା'ରି କୂଳରେ ବସିଥାଏ, ତା'ରି ପାଣିରେ କାତ ମାରି ଡଙ୍ଗା ବାହୁଥାଏ, ଆଉ ତା'ରି କୂଳରେ ଦୋକାନ କରିଥିବା ଲକ୍ଷ୍ମଣଙ୍କ ସହ ବସି ଗପେ ଆଉ ତାଙ୍କରି ପାଖରେ ଦୁଇଓଳି ଖାଏ ମଧ୍ୟ । ଆଦର ତଥା ସମ୍ମାନରେ ତାଙ୍କୁ ଡାକେ 'ଦାଦା ଠାକୁର' ।

ଆସ୍ତେ ଆସ୍ତେ ସମୟର ଚକ ଆଗକୁ ଗଡ଼ିଚାଲେ । ସ୍କୁଲରେ ସବୁ ଶିକ୍ଷକଙ୍କର ଅତି ଆପଣାର ବନିଯାଆନ୍ତି ଲକ୍ଷ୍ମଣ ଠାକୁର । ଦୋକାନଘରେ ଆସି ଦୁଲାଲ ଓ ଘେଦୋ ତାଙ୍କ ପାଖରେ ରହି ପଢ଼ାପଢ଼ି କରନ୍ତି । ନିଃସଙ୍ଗତା ଦୂରେଇ ଯାଏ । ମୁଣ୍ଡ ଉପରେ ଦାୟିତ୍ୱର ବୋଝ ଅନେକ । ଠାକୁରପୂଜା, ରନ୍ଧାବଢ଼ା, ଦୋକାନ ବିକା ଠାରୁ ଆରମ୍ଭ କରି ପାଠ ପଢ଼ିବା ପର୍ଯ୍ୟନ୍ତ । ବାପା ଏସବୁ ଦେଖୁଥାଆନ୍ତେ କି ? ଠିକ୍ ବୁଝି ପାରନ୍ତେ ତାଙ୍କ ପୁଅ ସବୁକିଛି କରିବାକୁ ସମର୍ଥ । କପଡ଼ା କାଚିବା କି ବାସନମାଜିବା ତା'ଦେଇ ହେବନି ବୋଲି ତୁମେ ତାକୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିବା କ'ଣ ଠିକ୍ ? ନାକ ପୋଛିବାକୁ ତର ନଥିବା ବେଳେ ବି କେବେ କେମିତି ଘରଲୋକ ତଥା ସାଙ୍ଗସାଥୀଙ୍କ କଥା ଭାରି ମନେପଡ଼େ । ନିରୁଦ୍ଦିଷ୍ଟ ପୁଅ ବିଷୟରେ ଚିନ୍ତା କରି କେତେ କଷ୍ଟ ପାଉ ନଥିବେ ମା' ? ବାପାଙ୍କ କଥା କହି ହେବନି । ସିଏ କେବେ ବି ଖୁସି ନଥିଲେ ଲକ୍ଷ୍ମଣଙ୍କ ପ୍ରତି । ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କିମ୍ବା କୌଣସି ପ୍ରତିଯୋଗୀତାରେ ପୁରସ୍କୃତ ହୋଇ ଘରକୁ ଫେରିଲେ ବି ବାପା ଆନନ୍ଦିତ ଜଣାପଡ଼ୁ ନଥିଲେ । ସବୁବେଳେ ଶକ୍ତ ଶାସନ ତାଙ୍କର । ଦିନେନା ଦିନେ ସେ କୃତକାର୍ଯ୍ୟ ହୋଇ ଘରକୁ ଫେରିବେ । ଦେଖାଇ ଦେବେ ବାପାଙ୍କୁ ଯେଉଁ ପୁଅ କୁ ସେ ଅପାରଗ ମଣୁଥିଲେ ସିଏ କେମିତି ନିଜ ଶିଙ୍ଗରେ ମାଟି ତାଡ଼ି ରାସ୍ତା ତିଆରି କରି ଆଗକୁ ଆଗେଇ ପାରିଛି । ହେଲେ ଲକ୍ଷ୍ମଣଙ୍କ ମେଟ୍ରିକ୍ ପଢ଼ିବା ବର୍ଷ ଇଂରେଜ୍‌ଙ୍କ କବଳରୁ ଭାରତ ସ୍ୱାଧୀନ ହୁଏ ଆଉ ତା' ସାଙ୍ଗକୁ ଖଣ୍ଡ ଖଣ୍ଡ ହୋଇ ବିଭାଜିତ ହୁଏ ଧର୍ମ ଭିତ୍ତିରେ । ଗଢ଼ାହୁଏ ପାକିସ୍ଥାନ । ସେତେବେଳେ ବେତାର ଯନ୍ତ୍ର ସେଇ ଅଞ୍ଚଳରେ ନଥିଲା । ସାଙ୍ଗମାନଙ୍କ ସହ ସେ ଯାଆନ୍ତି ଖୁଲ୍‌ନା ସହରକୁ ଦେଶ ସ୍ୱାଧୀନ ହେବାର ତଥା ପାକିସ୍ଥାନ ବନିବାର ଘୋଷଣା ଶୁଣିବା ପାଇଁ ରେଡ଼ିଓରେ । ସେଇଠି କେତେଜଣ ବାଣ ଫୁଟାଇ ଉତ୍ସବ ମନାନ୍ତି ତ କେତେକ ବୋମା ଫୁଟାଇ ବିରୋଧର ପ୍ରଦର୍ଶନ ମଧ୍ୟ କରନ୍ତି । ଦୁଇଗୋଷ୍ଠୀଙ୍କ ମଧ୍ୟରେ ଦଙ୍ଗା ଆରମ୍ଭ ହୋଇଯାଏ । ଲକ୍ଷ୍ମଣ ତାଙ୍କ ବନ୍ଧୁମାନଙ୍କ ସହ ସେଠାରୁ ଲୁଚି ଷ୍ଟେସନ୍‌କୁ ପଳାଇ





ଆସନ୍ତି । ପରିସ୍ଥିତିର ଆବଶ୍ୟକତାକୁ ବୁଝି ନିର୍ଘଣ୍ଟ ସମୟର ଯଥେଷ୍ଟ ପୂର୍ବରୁ ବରିସାଲ ଏକ୍ସପ୍ରେସ୍ ଛାଡ଼ିଦିଏ ଷ୍ଟେସନ୍ । ରକ୍ତାକ୍ତ ଆକ୍ରମଣରୁ ବର୍ତ୍ତି ଯାଆନ୍ତି ସେମାନେ । ନାକ ବଦଳରେ ନୋଥ ର ପ୍ରାପ୍ତି ଥିଲା ଏଇ ସ୍ୱାଧୀନତା । କ'ଣ ମିଳିଲା ସେଥିରୁ ? ସେଇ ଅଞ୍ଚଳରେ ଜମି ମାଲିକ ଥିଲେ ହିନ୍ଦୁମାନେ ଓ ମୁସଲମାନମାନେ ଥିଲେ ଦିନ ମଜୁରିଆ ତଥା ଶ୍ରମିକ ଶ୍ରେଣୀର । ସ୍ୱାଧୀନତାର ସୂର୍ଯ୍ୟ ଉଦୟ ନହେଉଣୁ ବୈରଭାବ ତେଜିଉଠେ ଦୁଇ ସମ୍ପ୍ରଦାୟ ମଧ୍ୟରେ । ନବଗଠିତ ପୂର୍ବ ପାକିସ୍ଥାନରେ ଆପଣା ଧନ ଜୀବନକୁ ଅସୁରକ୍ଷିତ ମଣି ହିନ୍ଦୁମାନେ ସପରିବାର ଭାରତ ଅଭିମୁଖେ ପଳାୟନ କରିବାକୁ ଲାଗନ୍ତି । ଲକ୍ଷ୍ମଣ ଠାକୁରଙ୍କ ସହ କିନ୍ତୁ ଉଭୟ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀର ଭଲ ସମ୍ପର୍କ । ତାଙ୍କ ଦୋକାନ ଆଗରେ ସବୁକଥା ଆଲୋଚନା କରାହୁଏ । ଇଏ ଆଦିଲ୍‌ପୁରରେ ଗୋଟିଏ ଶାନ୍ତିସେନା ଗଢ଼ି ସମସ୍ତଙ୍କୁ ପରିବର୍ତ୍ତିତ ପରିସ୍ଥିତି ବୁଝାଇବା ସହ କିଛି ଦିନ ମଧ୍ୟରେ ଏଇ ଅଶାନ୍ତି ଦୂର ହୋଇଯିବ ଓ ସେମାନେ ଆରାମ୍‌ରେ ପୂର୍ବ ପାକିସ୍ଥାନର ନାଗରିକ ଭାବରେ ରହି ପାରିବେ ବୋଲି କହୁଥାନ୍ତି । ମୁସଲମାନ ମାନେ ଆସି ତାଙ୍କ ଦୋକାନରୁ ଚା'ମୁଢ଼ି ଖାଇ ଯୋଜନା କରନ୍ତି ମଧ୍ୟରାତ୍ରିରେ କୋଉ ହିନ୍ଦୁ ଘର ଉପରେ ଚଢ଼ାଉ କରିବେ । ଲକ୍ଷ୍ମଣ ସବୁ ଶୁଣନ୍ତି ଆଉ ସନ୍ଧ୍ୟାରେ ପୂଜା କରିଯିବା ଆଳରେ ଯାଇ ଠିକଣା ଜାଗାରେ ଉପଯୁକ୍ତ ଖବର ଦେଇ ତାଙ୍କୁ ସଚେତନ କରେଇ ଦିଅନ୍ତି । ଯାହାଦ୍ୱାରା ଏମାନଙ୍କ ଯୋଜନା ଆଉ ସଫଳ ହୋଇ ପାରେନି । କିଛିଦିନ ଏଇ ପ୍ରକ୍ରିୟା ଚାଲିଲା ପରେ ଥରେ ମୁସଲମାନ ମାନଙ୍କର ସନ୍ଦେହ ହୁଏ ଏଇ ଦାଦା ଠାକୁର ଉପରେ । ଉତ୍ତ୍ୟକ୍ତ ହୋଇ ଅଧରାତିରେ ଆସି ପାଟିତୁଣ୍ଡ କରିବା ସହ କବାଟ ବାଡ଼େଇବାକୁ ଲାଗନ୍ତି । ସାରାଦିନର ହାଡ଼ଭଙ୍ଗା ପରିଶ୍ରମ ତଥା ପାଠପଢ଼ା ପରେ ଠିକ୍ ସେତିକିବେଳକୁ ହିଁ ତାଙ୍କର ଆଖି ଲାଗିଯାଇଥାଏ । ହୋ ହଲ୍ଲା ଶୁଣି ଛାନିଆଁ ହୋଇ ଉଠି ପଡ଼ନ୍ତି ହେଲେ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ବିଛଣାରେ ହିଁ ପଡ଼ିରହନ୍ତି । ସମସ୍ତେ ତାଙ୍କର ଚିହ୍ନା ଥିଲେ ବି ଏବେ ରକ୍ତ ତାତିକରି ଅଛି ସେମାନଙ୍କର । ସାମ୍ନାରେ ପାଇଲେ ହାଣି ବି ଦେଇ ପାରନ୍ତି । କିଛି ସମୟ ବିତିଗଲେ ତାଙ୍କ ରାଗ ଆପେ କମିଯିବ ଯେ । ସେଇ ଆଶାରେ ଘାଲେଇକରି ପଡ଼ି ରହିଥାନ୍ତି ନିଜ ବିଛଣାରେ । ସେମାନେ ବାହାରେ ଥାଇ ଚିତ୍କାର କରୁଥାନ୍ତି, "ଏଇ ଶଳା ଲକ୍ଷ୍ମଣ ଠାକୁର ଆମ ସବୁକଥା ଯାଇ ହିନ୍ଦୁ ବସ୍ତିରେ କହିଦେଉଛି । ସେଥିପାଇଁ ଆମେ ବାରମ୍ବାର ବିଫଳ ହେଉଛୁ ଆମ ଉଦ୍ୟମରେ । ଯଦି ବାହାରକୁ ନବାହାରୁଛି ତେବେ ତା'ର ଏଇ ଘରେ କିରାସିନି ଢାଳି ନିଆଁ ଲଗାଇ ଦିଅ । ମରିଯାଉ ଶଳା, ପାଜୀ କୋଉଠିକାର । ଏଠି ଆସି ନାଟ ଲଗାଇଛି ।" ଆଉ ଅପେକ୍ଷା କଲେ ବିପଦ । ପଠାଣଗୁଡ଼ା ରାଗି ଯଦି ନିଆଁ ଲଗାଇ ଦିଅନ୍ତି ତେବେ କଥା ସରିଲା । ଧଡ଼ପଡ଼ ହୋଇ ଉଠି ଲକ୍ଷ୍ମଣ ଆଖି ଲାଗିଯାଇଥିବାରୁ ସେମାନଙ୍କ ଡାକ ଶୁଣି ପାରି ନାହାନ୍ତି ବୋଲି କହିବା ସହ ବିସ୍କୁଟ ଓ ମୁଢ଼ି ଡବା ସେମାନଙ୍କ ଆଡ଼କୁ ବଢ଼ାଇ ଦେଇ କାଳେ ଭୋକ ଲାଗିଥିବାରୁ ତାଙ୍କୁ ସେମାନେ ଡାକୁଥିଲେ ବୋଲି କହି ଖାଇବାକୁ ଆଗ୍ରହ କରିବାକୁ ଲାଗନ୍ତି । ଉପସ୍ଥିତ ଅଧା ଲୋକଙ୍କ ରାଗ ୟା'ଙ୍କ ବ୍ୟବହାରରେ ଥଣ୍ଡା ପଡ଼ିଯାଏ । ଆଉ ଅଧକ ଟିକିଏ ପରେ । ସମସ୍ତେ ମିଶି ମୁଢ଼ି ବିସ୍କୁଟ ଖାଇ ଖାଦ୍ୟ ବାବଦକୁ ପାଞ୍ଚଟଙ୍କା ତାଙ୍କ ହାତରେ ଦେଇ ନଦୀଘାଟ ଆଡ଼କୁ ଚାଲିଯାଆନ୍ତି ।

ଆଖପାଖ ଗାଁରେ ହିଂସାକାଣ୍ଡ ବୃଦ୍ଧି ପାଉଥିବା ବେଳେ ଆଦିଲ୍‌ପୁରରେ ଅପେକ୍ଷାକୃତ ଶାନ୍ତି ଥାଏ ଲକ୍ଷ୍ମଣଙ୍କ ଶାନ୍ତିସେନାର ସକ୍ରିୟ କାର୍ଯ୍ୟକଳାପ ପାଇଁ । ହେଲେ ହିନ୍ଦୁମାନେ ନିଜକୁ ଅସୁରକ୍ଷିତ ମଣି କଲିକତା ଆଡ଼କୁ ପଳାୟନ କରିବାକୁ ଲାଗିଥାନ୍ତି । ଜଣେ ପରିଚିତ ଲୋକ ଡଙ୍ଗାରେ ଦୁଇବସ୍ତା ଚାଉଳ ଆଣି ତା'ଘରକୁ ନେବାକୁ ସୁବିଧା ନହେବାରୁ ରାତିକ ସେଇଠି ଲକ୍ଷ୍ମଣଙ୍କ ଦୋକାନରେ ରଖିଦେଇଥାଏ । ଅଧରାତି ବେଳକୁ କିଛି ଅସାମାଜିକ ଲୋକ ସେଇ ଚାଉଳ ବସ୍ତା ଉଠାଇ ନେବାପାଇଁ ମସୁଧା କରି ମାରଣାସ୍ତ୍ର ଧରି ପହଞ୍ଚନ୍ତି । ସେଦିନ ବାଦଲ କି ଘେଦୋ କେହି ନଥାନ୍ତି ପାଖରେ । ଏକା ଶୋଇଥାନ୍ତି ଲକ୍ଷ୍ମଣ ଠାକୁର । ପ୍ରଥମେ ସେ ନିଜକୁ ମୁକାବିଲା ପାଇଁ ପ୍ରସ୍ତୁତ କରନ୍ତି । ହେଲେ ସାହସ ହୁଏନି ତାଙ୍କର । ପୋଷା ବିରାଡ଼ି ଟି ତାଙ୍କର ରକ୍ଷାକର୍ତ୍ତା ସାଜେ । କବାଟ ପଛରେ କାତିଟିଏ ହାତରେ ଧରି ଠିଆହୋଇ ଭୟରେ ଥରୁଥିବା ବେଳେ ତାଙ୍କ ଗୋଡ଼କୁ ଆସ୍ତେ ଆସ୍ତେ ଆମ୍ପୁଡ଼ି ପଛପଟ ଝରକା ବାଟେ ବାହାରକୁ ବାରମ୍ବାର ଚାଲି ଯାଉଥାଏ । ପ୍ରଥମେ ପ୍ରଥମେ ତା'ଉପରେ ବିରକ୍ତ ହୁଅନ୍ତି ଲକ୍ଷ୍ମଣ। ପଛକୁ ଏହା ହିଁ ଭଗବାନଙ୍କର ଦିଶା ନିର୍ଦ୍ଦେଶ ବୋଲି ଭାବି ସେଇ ବିଲେଇ ପଛରେ ନିଜେ ବି ବାହାରକୁ ବାହାରିଆସି ସିଧା ସ୍କୁଲର ଛାତ୍ରାବାସକୁ ପଳାଇ ଯାଆନ୍ତି ରାତି ଅନ୍ଧାରରେ । ପିଲାଙ୍କୁ ସେଠାରୁ ଡାକି ଦୋକାନକୁ ଫେରିବା ବେଳେ ଚାଉଳ ବସ୍ତା ସେମିତି ଥାଏ ହେଲେ ଖଟ ଉପରୁ ତାଙ୍କ ଟଙ୍କା ମୁଣି ତଥା ଦୋକାନରୁ କିଛି ଜିନିଷ ନେଇ ସେଇ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥାନ୍ତି । ଆଉ ସେଇ ଫେରିଘାଟ ପାଖରେ ଏକୁଟିଆ ରହିବା ପାଇଁ ତାଙ୍କର ସାହସ ହୁଏନି । ସିଏ କିଛିଦିନ ତାଙ୍କ ବନ୍ଧୁ ସ୍ୱଦେଶ ଘଟକ୍‌ଙ୍କ ଘରେ ରହିବା ପରେ କଲିକତା ଆସି ସେଇଠି ମେଟ୍ରିକ୍ ପରୀକ୍ଷା ଦେବାପାଇଁ ମନସ୍ଥ କରନ୍ତି । ନକୁଳେଶ୍ୱର ଭଟ୍ଟାଚାର୍ଯ୍ୟଙ୍କ ଘର ସେତେବେଳେ ଖାଲି ହୋଇଯାଇଥାଏ । ଜମିଦାର ଘରେ ବି କେବଳ ମାମିମା' (ମାଈଁ) ରହୁଥାନ୍ତି । ତାଙ୍କ ବୋଲହାକ କରୁଥାଏ କୁନେମିଆଁ ନାମକ ଜଣେ ବୃଦ୍ଧ ।

କଲିକତା ଆସି ମାମିମା'ଙ୍କ ଭାଇ ସନତ୍‌ବାବୁଙ୍କ ଘରେ ପହଞ୍ଚନ୍ତି । ପାକିସ୍ଥାନରୁ ଚାଲିଆସିଥିବା ଶରଣାର୍ଥୀମାନଙ୍କ ଭିତରୁ ଯେଉଁମାନେ ମେଟ୍ରିକ୍ ପରୀକ୍ଷା ଦେବାପାଇଁ ଚାହିଁବେ ସେମାନଙ୍କ ପାଇଁ କଲିକତାରେ ପରୀକ୍ଷା ଦେବାର ବ୍ୟବସ୍ଥା କରିଥାନ୍ତି ସରକାର । ଫର୍ମ ପୂରଣ କରି ସନତ୍ ବାବୁଙ୍କ ଘରେ ରହି ତାଙ୍କ ପୁଅଙ୍କ ସହ ପରୀକ୍ଷା ଦେବାକୁ ନିଷ୍ପତ୍ତି ନିଅନ୍ତି ଲକ୍ଷ୍ମଣ । କିନ୍ତୁ ପରୀକ୍ଷା ଆଉ ସାତଦିନ ଥିଲା ବେଳକୁ ତାଙ୍କ ଘରର ଜଣେ ସଦସ୍ୟ ଆକ୍ରାନ୍ତ ହୁଅନ୍ତି ବସନ୍ତ ରୋଗରେ । ଦୁଇ ପରୀକ୍ଷାର୍ଥୀଙ୍କ ରହିବା ପାଇଁ ଦୂର କୌଣସି ବନ୍ଧୁଙ୍କ ଘରେ ବ୍ୟବସ୍ଥା କରିଦିଆଯାଏ । କିନ୍ତୁ ସ୍ୱାଭିମାନୀ ଲକ୍ଷ୍ମଣ ଆଉ କାହାଘରେ ରହିବାକୁ ଉଚିତ୍ ନମଣି ନିଜେ ନିଜର ବ୍ୟବସ୍ଥା କରିବାକୁ ଚେଷ୍ଟା କରନ୍ତି । ସହର ତଳି ଅଞ୍ଚଳରେ ଥିବା ଓଡ଼ିଆ ବସ୍ତିରେ ଯାଇ ଶ୍ରମିକମାନଙ୍କ ସହ କିଛିଦିନ ରହି ପରୀକ୍ଷା ଦେଇ ପୁଣି ଚାଲିଯାଆନ୍ତି ଆଦିଲ୍‌ପୁର । ଏଥର ଆଉ ଏକୁଟିଆ ସେଇ ଫେରିଘାଟ ନିକଟରେ ଥିବା ଦୋକାନଘରେ ନରହି ସେ ରହନ୍ତି ବନ୍ଧୁ ସ୍ୱଦେଶ ଘଟକ୍‌ଙ୍କ ଘରେ । କଲିକତାରେ ଶରଣାର୍ଥୀଙ୍କ ନାହିଁ ନଥିବା ଦୁର୍ଦ୍ଦଶା କଥା ଜାଣି ଅନେକ ହିନ୍ଦୁ ଭାରତ ଆସିବାକୁ ଅମଙ୍ଗ ହେବାସହ ସେଇଠି ମୁସଲମାନଙ୍କ ହଁ ରେ ହଁ ଭରି ସେଇଠି ହିଁ ରହିଯିବାକୁ ଉଚିତ୍ ମଣୁଥାନ୍ତି । କେବେ କେବେ ଗଣହତ୍ୟା ବି ଘଟୁଥାଏ ସେମାନଙ୍କର । ସୁନାର ଦେଶ ପୂର୍ବବଙ୍ଗ ଦିନ କେଇଟାରେ ଶ୍ମଶାନରେ ପରିଣତ ହୋଇଯାଇଥାଏ । ଦେଶରେ ଅରାଜକତା, ମୂଲ୍ୟବୃଦ୍ଧି, ଅଭାବ, ହିଂସା ଇତ୍ୟାଦି ଯୋଗୁଁ ରହିବା ଅସମ୍ଭବ ମନେ ହେଉଥାଏ । ଆପଣା ଦୁଇବନ୍ଧୁ ମଣିଦା' ଓ ସୁକୁମାର ସାଙ୍ଗରେ ଲକ୍ଷ୍ମଣ ସବୁଦିନ ପାଇଁ ଆଦିଲ୍‌ପୁର ଛାଡ଼ି କଲିକତା ଚାଲିଯିବେ ବୋଲି ନିଷ୍ପତ୍ତି ନିଅନ୍ତି । କାହାକୁ କିଛି ନଜଣାଇ ରାତ୍ରୀର ଅନ୍ଧକାର ଭିତରେ ସେମାନେ ଗାଁ ଛାଡ଼ି ଚାଲିଯିବେ । ନକୁଳଦା'ଙ୍କ ମୃତ୍ୟୁପରେ ଖୁବ୍ ଅସୁବିଧାରେ ଚଳୁଥାନ୍ତି ତାଙ୍କ ପରିବାର । ତେଣୁ ତାଙ୍କ ପୁଅ ଦୁଲାଲ୍‌କୁ ଦୋକାନ ଘରଟି ଦେଇଦିଅନ୍ତି ସେଠି ସିଏ ଦୋକାନ କରିବ ବୋଲି । ତାଙ୍କର ସେଇଠି ଥିବା ସବୁ ଜିନିଷପତ୍ର ବି ସେଠିକାର ଲୋକମାନଙ୍କୁ ବାଣ୍ଟି ଦିଅନ୍ତି । ଯେମିତି ଏକବସ୍ତ୍ରୀ ହୋଇ ସେ ଦିନେ ଆସିଥିଲେ ସେମିତି ଏକବସ୍ତ୍ରୀ ହୋଇ ସେ ଏଠାରୁ ଫେରିଯିବେ । କିଏ କ'ଣ ଏଇ ଦୁନିଆକୁ ନେଇକରି ଆସିଛି ଯେ ସାଙ୍ଗରେ ନେଇକରି ଯିବ । ସାଙ୍ଗରେ ଥାଏ କେବଳ ନିଜର ହାତ । ଦୁଇଟି ହାତ ସକ୍ଷମ ଥିଲା ବେଳେ କ'ଣ ଗୋଟିଏ ପେଟ କେବେହେଲେ ଅପୂରା ରହିବ ?

କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ଅଗଷ୍ଟ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଉଜା କବାଟ (୪୫)



# ସକାଳ ନଅରେ ଆସୁଥିବା ଟ୍ରେନ୍ (୧)

ଡ. ରାଧାରଂଜନ ପଟ୍ଟନାୟକ

ନିଧି ବସ୍ତିଆ ମଧ୍ୟାହ୍ନ ଭୋଜନ ପରେ ନିଜ ସିଟ୍ ଉପରେ ବସି ସିଗାରେଟ୍ ଲଗାଇଲା। ଧୂଆଁର ଧାର ଛାଡୁ ଛାଡୁ ପାର୍ଶ୍ୱରେ ବସିଥିବା ନିଜ ବିଭାଗର କର୍ମଚାରୀମାନଙ୍କ ପ୍ରତି ଉନ୍ମୁଖ ହୋଇ କହିଲେ - "କାଲି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀଜୀ ନିଶାମୁକ୍ତ ଭାରତ"ର ସମ୍ବାଦ ଆପଣ ମାନେ ଶୁଣିଥିବେ। କହିବାର ମନମୁଗ୍ଧକର ଶୈଳୀ ଏବଂ ଅଦ୍ଭୁତ ଚିନ୍ତାଧାରା ତାଙ୍କର। ସେ ଲୋକମାନଙ୍କୁ ବୁଝାଇଲେ କି ନିଶାର ଉଚ୍ଛଳତା ଭଲ ଭଲ ମନୁଷ୍ୟଙ୍କୁ ରାକ୍ଷସ ବନାଇଦେବ। ଯେଉଁ ନିଶାଯୁକ୍ତ ପଦାର୍ଥ ଲୋକେ ନିଅନ୍ତି, ସେମାନେ ଅର୍ଜିତ ଆତ୍ମାର ଆତଙ୍କବାଦୀଙ୍କ ପରି ଭୟାବହ କାର୍ଯ୍ୟ କରନ୍ତି। ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରନ୍ତି। ସତରେ କେତେ ସନ୍ଥ ମଣିଷ ଆମ ପ୍ରଧାନମନ୍ତ୍ରୀ ! ଯେଉଁ କାର୍ଯ୍ୟ ସମାଜସେବୀ ସଂଗଠନ, ସନ୍ଥ ଏବଂ ମହାତ୍ମାମାନେ କରିବା ଜରୁରୀ, ସେମାନଙ୍କ କାମ ପ୍ରଧାନମନ୍ତ୍ରୀଙ୍କୁ କରିବାକୁ ପଡୁଛି।

ତାଙ୍କ ସାମ୍ନାରେ ଥିବା ଚେୟାରରେ ଉପବେଶନ କରିଥିବା ରାଧୁ ଅଗସ୍ତି କିଛି ସମୟ ନୀରବରେ ରହି ହଠାତ୍ କହିଲେ, "ପୁଣି ବି ତାଙ୍କ କଥାରେ କୌଣସି ପ୍ରଭାବ ପଡୁଥିବାର ଦେଖାଯାଉ ନାହିଁ। ଆପଣ ସ୍ୱୟଂ ସିଗାରେଟ ପିଉଛନ୍ତି, କେବଳ ଏତିକି ନୁହେଁ ଇଚ୍ଛା ନଥିଲେବି ଆମେ ସମସ୍ତଙ୍କୁ ସିଗାରେଟ ଅଫର୍ କରୁଛୁ ଏବଂ ନିଜେବି ଖୁବ୍ ସ୍ମାର୍ଟ ମଣିଷଟିଏ ଭଳି ଧୂମପାନ କରୁଛୁ। ଆପଣର ଜାଣିବା ଦର୍କାର ନିଶାର ଗଭୀର ପ୍ରଭାବ ହେତୁ ଲୋକମାନଙ୍କର ଚାରିତ୍ରିକ ପତନ ହେଉଅଛି, ଯେଉଁଥିରେ ଭଳିକି ଭଳି ସାମାଜିକ ବିଚ୍ଛିନ୍ନତା ସୃଷ୍ଟି ହେଉଛି। କ'ଣ ଆପଣ କେବେ ଏହା ଉପରେ ଚିନ୍ତା କରିଛନ୍ତି ? ଆପଣତ ....

ମିଃ ଅଣାକାର ମଝିରେ କହି ଉଠିଲେ ଆପଣତ ତାଙ୍କ ଠାରୁ ଖୁବ ସନ୍ଥ ଜଣା ପଡୁଛନ୍ତି। ଚାରି ଦିନର ଜୀବନ, ମୌଜରେ ବିତାଇ ଦିଅ। ଗୋଟିଏ ଦିନ ଖାଲି ହାତରେ ଚାଲିଯିବା ଅର୍ଥ ଜୀବନ ବେକାର ହେବା। ଜୀବନ ଅଛିତ ଉପଭୋଗ କର। ସନ୍ଥ - ଅସନ୍ଥ କେହିବି ଚିରସ୍ଥାୟୀ ରହିବା ବାଲା ନୁହେଁ। ଆପଣ କୁହନ୍ତୁତ, ପ୍ରଧାନମନ୍ତ୍ରୀତ 'ମନ୍‌କି ବାତ'ରେ ଖୁବ୍ ଲମ୍ବା ଚଉଡ଼ା ଭାଷଣ ଜାତି ଉଦ୍ଦେଶ୍ୟରେ ଦେଉଛନ୍ତି ହେଲେ ନିଶାଯୁକ୍ତ ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଉ ନାହାନ୍ତି କାହିଁକି ! ମୂଳ ଚେରକୁ କାଟିବା ଦର୍କାର। ଶାଖା ପ୍ରଶାଖା କାହିଁକି କଟା ହେଉଛି। ଏମିତି କାଟିବା ଦ୍ୱାରା କ'ଣ ସମସ୍ୟାର ସମାଧାନ ହୋଇପାରିବ ? ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ! ନା ରହିବ ବାଉଁଶ ନା ବାଜିବ ବଂଶୀ। ମୁଁ କିଛି ଭୁଲ କହୁ ନାହିଁତ !

ଭୁଲ ... ଏବଂ ଆପଣ ! ସାର୍, ଏ ଆମର ଶରୀର, ଏହାର ସୁରକ୍ଷା ଚିନ୍ତା ଆମର ହେବା ଦରକାର। ଆଜିର ଯୁବକ ଦିଗ୍‌ଭ୍ରାନ୍ତ, କୁସଂଗ ବେଷ୍ଟିତ କାରଣ ସେମାନେ ନିଶାର ବିଳାସରେ ଫଶି ଯାଇଛନ୍ତି ଏବଂ ବିବିଧ ଅପରାଧିକ କାର୍ଯ୍ୟରେ ମଧ୍ୟ ସାମିଲ୍ ହେଉଛନ୍ତି। ଯୁବକମାନଙ୍କର ଏତାଦୃଶ ପଥଭ୍ରଷ୍ଟ କାରଣହିଁ ଦେଶ ତଥା ସମାଜ ପାଇଁ ଅଶୁଭ ସଂକେତ ଅଟେ। ଖୁବ୍ ଚୁପ୍ ଚାପ୍ ଏବଂ ନୀରବ ହୋଇଯାଇଥିଲେ ରାଧୁ ଅଗସ୍ତି।

କିଛି ସମୟ ଯାଏ ନୀରବରେ ବସିଥାନ୍ତି ସେ। ଠିକ୍ ଏହି ସମୟରେ ନିଧି ବସ୍ତିଆ ନୀରବତା ଭଂଗ କରି କହିଲେ - ଆପଣ ତ ମୋ କଥାକୁ ଖୁବ୍ ଗମ୍ଭୀରତାର ସହ ନେଇଗଲେ। ମୁଁ ତ ହସ ମଜାରେ ଏକଥା କହୁଥିଲି। କ'ଣ କରିବି ରାଧୁ ? ବର୍ତ୍ତମାନ ଏହି ଖରାପ ଅଭ୍ୟାସ ଯାହାକି ଜୋକ ଭଳି ଚିପି ଯାଇଛି ମୋ ଜୀବନରେ। ଇଚ୍ଛା ହେଲେବି ଛାଡ଼ି ପାରୁନି - ଏହି ଖରାପ ଅଭ୍ୟାସକୁ। ମୁଁ ତ ହାରିଯାଉଛି।

କି କଥା କହୁଛନ୍ତି ଆପଣ ସାର୍ ! ହୃଦୟରେ ଯେଉଁ ଜିନିଷ ଚାହିଁବ ତାକୁ ଆପଣାଇବା କିଛି ଅସମ୍ଭବ ନୁହେଁ। ମୁଁ ମୋ ଜୀବନର ଘଟଣା ଆପଣଙ୍କୁ ଶୁଣାଉଛି। ସେହି ଘଟଣାକୁ ସ୍ମରଣ କଲାମାତ୍ରେ ଆଜିବି ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ସମଗ୍ର ଶରୀରରେ ଶିହରଣ ଆସିଥାଏ।

ଆଇ.ଏସି ପରେ ଉଚ୍ଚ ଶିକ୍ଷା ପାଇଁ ଗୋଟିଏ ଛୋଟ ସହରକୁ ଆସିଲି। ସର୍କାରୀ ଚାକିରୀରେ ଥିବା ସ୍ୱଚ୍ଛଳ ମଣିଷ ନିଜ ନିଜ ପିଲାଙ୍କୁ ଉତ୍ତମ ଶିକ୍ଷା ପାଇଁ ପାହାଡ଼ ତଳି ଅଞ୍ଚଳରୁ ଆସି ଏଠାରେ ରହିବା ଆରମ୍ଭ କରି ଦେଇଥିଲେ। ଅତଏବ ସହରର ବିସ୍ତାର ଖୁବ୍ କ୍ଷୀପ୍ର ଗତିରେ ହେଉଥିଲା। ଖୁବ୍ ଭଲ କରିଥିଲେ ଇଂରାଜୀ ଲୋକ। ରେଳ ଲାଇନ୍ ଆପାତତଃ ଏହି ସହର ପର୍ଯ୍ୟନ୍ତ ବିଛାଇ ଦେଇଥିଲେ। ସ୍ୱାଧୀନତାର ଛଅ ଦଶନ୍ଧି ପରେବି ରେଲଲାଇନ୍‌ର ବିସ୍ତାର ସେମିତି ଆଖିଦୃଶିଆ ବଢ଼ିନଥିଲା। ଏପରିକି ଏହି ପାହାଡ଼ ତଳ ଅଞ୍ଚଳରୁ ରେଳଧାରଣା ଆଗକୁ ବଢ଼ି ନଥିଲା। ଏହାର ମୁଖ୍ୟ କାରଣ ଥିଲା, ଏହିଠାରୁ ସଭିଏଁ ରେଳଗାଡ଼ି ଧରୁଥିଲେ। ପାହାଡ଼ ତଳର ଏହା ପ୍ରମୁଖ ବଜାର ମଧ୍ୟ।

ଏହି ସହରକୁ ପ୍ରବେଶ ସମୟରେ ବାପାବି ମୋ ସହ ଆସିଥିଲେ। ସମସ୍ତ ବ୍ୟବସ୍ଥା କରିସାରିବା ପରେ ସେ ନିଜ କାମରେ ଦିଲ୍ଲୀ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ। ମୋତେ ତାଙ୍କରି ପାଖରେ ବସାଇ କହିବାକୁ ଲାଗିଲେ - "ଦେଖ ପୁଅ ରାଧୁ, ଏବେ ତୁ ମହାବିଦ୍ୟାଳୟରେ ପ୍ରବେଶ କଲୁ। ବିଭିନ୍ନ ପ୍ରକାର ବିଦ୍ୟାର୍ଥୀ ତୋତେ ମିଳିବେ। ଉଦଣ୍ଡ ବି ମେଧାବୀବି। ସଂଗତର ବହୁତ ପ୍ରଭାବ ପଡ଼େ। ସତର୍କ ହୋଇ ରହିବୁ। ଏ ଆମ ମଫସଲ ନୁହେଁ। ଶିକ୍ଷା ହିଁ ସବୁଠାରୁ ପ୍ରଥମ। ଜୀବନର ଅମୋଘ ଅସ୍ତ୍ର। ତୋ ପାଖକୁ ଟଙ୍କା ବରାବର ପଠାଇବି। ଖାଇବା ପିଇବାରେ ଅବହେଳା କରିବୁ ନାହିଁ। ଏଇମିତି ଅନେକ ନୀତିପୂର୍ଣ୍ଣ ଏବଂ ଆବଶ୍ୟକ କଥା କହି ପିତୃସୁଲଭ ତଥା ବିଚ୍ଛେଦର ଭାବ ନେଇ ବାପା ମୋ କୋଠରୀରୁ ପ୍ରସ୍ଥାନ କଲେ।

ମୁଁ ମହାବିଦ୍ୟାଳୟ ଯିବାକୁ ଆରମ୍ଭ କଲି। ଏକ ଆଶ୍ଚର୍ଯ୍ୟଜନକ ପରିବେଶ ଦେଖିବାକୁ ମିଳିଲା। ଏଠାରେ ଅନୁଶାସନ ନାମକ କୌଣସି ଜିନିଷ ନାହିଁ। ଛାତ୍ରଛାତ୍ରୀମାନଙ୍କର ଅଲଗା ଅଲଗା ଦଳ ଗପ ମାରିବାରେ ବ୍ୟସ୍ତ। ସତେ ଯେମିତି ସେମାନେ କାହାଣୀ ଚର୍ଚ୍ଚାରେ ତଲ୍ଲୀନ ହୋଇ ଯାଇଛନ୍ତି। କ୍ଲାସ୍ ରୁମ୍‌ର ପ୍ରତିଟି କୋଣ ଗୁଟ୍‌କା, ପାନ ମସଲାର ଛେପରେ ରଙ୍ଗୀନ୍ ହୋଇଯାଇଛି। ବହୁତ ସ୍ୱଳ୍ପ ସଂଖ୍ୟକ ଛାତ୍ର କ୍ଲାସ୍‌ରେ ବସିଥିବାର ଦେଖିଲି। ବର୍ତ୍ତମାନ ସୁଧା ମୋର କୌଣସି ସାଙ୍ଗ ନଥିଲେ। ବଜାରରୁ କିଛି ଦୂରରେ ମୋର ଘର ଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ସଘନ ଆମ୍ବର ବଗିଚା ଥିଲା। ସେହି ରାସ୍ତାରେ ଯାଉଥିବା ଲୋକ ଆମ୍ବ ପଡ଼ିବା ସମୟରେ ଡରି ଯାଉଥିଲେ। ସଞ୍ଜ ନଇଁ ଆସିଲେ ସେହି ରାସ୍ତାରେ ଯିବାକୁ ସଭିଏଁ ଭୟ ପାଉଥିଲେ। ମୋ ପାଇଁ ଏହା ଅପରିଚିତ ଜାଗା ଥିଲା। ଏକଲା ରୁମ୍‌ରେ ମନ ଲାଗୁନଥିଲା। ଘର କଥା ସବୁବେଳେ ମନେ ପଡୁଥିଲା। ଆଖିରେ ଅଶ୍ରୁ ଭରି ଯାଉଥିଲା। ପାଠପଢ଼ା ଚୁଲିକି ଯାଉ, ଏହା ଭାବି ଘରକୁ ଫେରି ଆସିଲି।"

ଗାଁରେ ପ୍ରତିଟି ମୁହୂର୍ତ୍ତ ଖୁବ୍ ହସ ଉଲ୍ଲାସରେ କଟୁଥାଏ। ଏକ ସପ୍ତାହ ବିତିଗଲା। ମୁଁ ଭୁଲି ଯାଇଥିଲି ଯେ, ମୋତେ ପୁଣି ଫେରିବାକୁ ପଡ଼ିବ। ମା' ମୋର ସ୍ଥିତି ଏବଂ ମାନସିକ ଅବସ୍ଥାକୁ ପରଖି ସାରିଥିଲା। ସେ ମୋତେ ଗାଳି ଦେଇ କହିଲା - ପୁଅରେ ! ଜୀବନସାରା କେହି କାହାରି ସହିତ ରହିପାରେ ନାହିଁ। ବ୍ୟକ୍ତିକୁ ନିଜ ଜୀବନ ସ୍ୱୟଂ ଗଢ଼ିବାକୁ ପଡ଼ିବ ଏବଂ ଜୀଇଁବାକୁ ବି। ପକ୍ଷୀକୁ ଦେଖ ! ଯେମିତି ସେମାନଙ୍କର ଶାବକ ବଡ଼ ହୋଇଯା'ନ୍ତି ସେମାନେ ନିଜ ଡେଣାରେ ସବାର ହୋଇ ଦୂରକୁ ଚାଲିଯାନ୍ତି ନିଜ ନିଜ ଜୀବନ ପାଇଁ। ବର୍ତ୍ତମାନ ତୁ ସେଠାରେ ଧୀରେ ଧୀରେ ରହିବାର ଅଭ୍ୟାସ କର।"

ମା'ର ଏଇ କଥା ହିଁ ମୋ ଜୀବନରେ ଗଭୀର ପ୍ରଭାବ ପକାଇଲା। ଠିକ୍ ତା'ପରଦିନ ଗାଁରୁ ପୁଣି ଫେରିଲି ସହରକୁ। ରାସ୍ତାରେ ପଡ଼ୋଶୀ ଗାଁର ଏକ ପିଲା ମିଳିଗଲା। ସେ ବି.ଏ. ଦ୍ୱିତୀୟ ବର୍ଷର ଛାତ୍ର ଥିଲା। ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲା। ସେ ତାର ନାମ ସତ୍ୟଜିତ୍ ବୋଲି ଜାଣିଲି। ତା' ସହିତ ମୋତେ ଖୁବ୍ ଆପଣାର ଆପଣାର ମନେହେଲା। ତାର ପ୍ରେମ ପୂର୍ଣ୍ଣ କଥାରୁ ଜାଣିଲି, ସେ ମୋର ସୁଖ ଦୁଃଖରେ ନିଶ୍ଚୟ ମୋ ସାଥି ହେବ। ଯେତେବେଳେ ସେ ତା'ର କୋଠରୀକୁ ଯିବା ପାଇଁ ବାରମ୍ବାର କହିଲା, ମୁଁ ତାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିପାରିଲି ନାହିଁ।

ବର୍ତ୍ତମାନ ତାର କୋଠରୀରେ ପହଞ୍ଚିବାର ଗୋଟିଏ ଘଣ୍ଟା ବିତିଛି କି ନାହିଁ ତାର ଅନ୍ୟ ଦୁଇଜଣ ମିତ୍ର ଆସିଗଲେ। ସତ୍ୟଜିତ୍ ସେହି ଦୁଇଜଣଙ୍କ ସହ ମୋର ପରିଚୟ କରାଇଦେଲା। ସେମାନଙ୍କ ଭିତରୁ ଜଣକ ନାମ ସିଦ୍ଧାର୍ଥ ଏବଂ ଅନ୍ୟ ଜଣଙ୍କ ନାମ ପ୍ରଭଞ୍ଜନ ଥିଲା। ସିଦ୍ଧାର୍ଥ ପାହାଡ଼ ତଳି ଅଞ୍ଚଳର ପିଲା ମାତ୍ର ପ୍ରଭଞ୍ଜନ ଏହି ସହରର ନିବାସୀ। କ'ଣ ଆଣିଛ ଘରୁ ସତ୍ୟଜିତ୍ ? ଆଣ ଏବଂ ଖୁଆଅ।

ସେ ସେମାନଙ୍କ ସାମ୍ନାରେ ଘରେ ପ୍ରସ୍ତୁତ ହୋଇଥିବା ମିଠାଇ ରଖି କହିଲା, "ନିଅ, ଖାଅ।" ଏତେ ଯତ୍ନରେ ତିଆରି ହୋଇଥିବା ମିଠାଇ ତୁମର ଏହି ସହରରେ ମିଳିବ ନାହିଁ। ଏଠାକାର ମିଠାଇରେ ଅପମିଶ୍ରଣ ରହିବ। କିଛି ଦିନର ବଳିଥିବା ମିଠାଇକୁ ଘାଣ୍ଟି ଫେଣ୍ଟି ପୁଣି ତାହା କରି ବିକ୍ରି କରନ୍ତି ଏଠାକାର ଦୋକାନଦାର। ଲୋକମାନେ ଖୁବ୍ ଗର୍ବର ସହିତ ମିଠାଇ ଖର୍ଦ୍ଦି କରି ଖାଆନ୍ତି ଏବଂ ବେମାରି ଫ୍ରି (ମୁକ୍ତ)ରେ ପ୍ରାପ୍ତ କରନ୍ତି। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୦୬



# ନୀଳାଂଜନଙ୍କର ଅନୁଗ୍ରହ (୧)

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ଶ୍ରୀ ଶ୍ରୀ ଜଗନ୍ନାଥ ଯାହାର ନାମ ଅନନ୍ତ, ଯାହାର ଲୀଳା ଅନନ୍ତ, ଯାହାର କଥା ଓ ଚିନ୍ତା ଅନନ୍ତ ସେଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥଯାତ୍ରା ହେଉଛି ସବୁଠାରୁ ବର୍ଣ୍ଣାଳୀମୟ ବୈଭବମୟ ଓ ବୈଚିତ୍ର୍ୟମୟ ଶ୍ରେଷ୍ଠଯାତ୍ରା । ଏହାର ଅନ୍ୟନାମ ପତିତପାବନ ଯାତ୍ରା ଏହି ଗୁଣ୍ଡିଚା ଯାତ୍ରାରେ ସେ' ନିଳାଦ୍ରୀମଣ୍ଡପରୁ ଆଡ଼ପମଣ୍ଡପ ତଥା କର୍ମବେଦୀରୁ ଯଜ୍ଞବେଦୀକୁ ଯାଆନ୍ତି । ଦିଅଁମାନେ ଅଣସର ପିଣ୍ଡିରୁ ଧାଡ଼ିମଣ୍ଡପରେ ଓହ୍ଲାଇ ଆସନ୍ତି ଓ ସାତପାହାଚରେ ଟାହିଆ ପିନ୍ଧନ୍ତି ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସଂସାର ପଥରେ ଚାଲୁଚାଲୁ କେତେବେଳେ ଯେ, ନୀଳାଂଜନ ଘର ଘନନୀଳ ଆଶୀଷ ଟିକକ ମଥା ଉପରେ ଝରିପଡେ, ସେ କଥା ମଣିଷ କେବେହେଲେ ଭାବି ପାରି ନଥାଏ,ସେମିତି ପ୍ରଭୁ ମତେ ନେଇଥିଲେ ବାଣୀ ସେବାର ଅପୂର୍ବ ସୁଯୋଗ ।

ଲକ୍ଷେ ଜଳଧିର ଜଳରେ
ନ ତିନ୍ତେ ଯା'ର ସୂକ୍ଷ୍ମ କଳେବର
ଗୋଟିଏ ଭକ୍ତର, ଦି ଟୋପା ଲୁହରେ
ହୁଏ ଓଦା ସରସର ।

ସେଥିପାଇଁ ତ' ଭକ୍ତର ଲୁହ ତାଙ୍କୁ ଏମିତି ଓଦା କରିଦିଏ ଯେ ସେ କାଠରଥରୁ ଓହ୍ଲାଇ ଆସି ଉଭାହୁଅନ୍ତି, ଭକ୍ତ ବଳରାମ ଦାସଙ୍କର ଲୁହ ଭିଜା ବାଲିରଥରେ । ସେଥିପାଇଁ ବେଳେବେଳେ ମନ ତାଙ୍କର ନଥାଏ ବେଦଗାନ, ସାମଗାନ ଓ ମନ୍ତ୍ରଗାନର ପବିତ୍ର ଉଚ୍ଚାରଣରେ, କିନ୍ତୁ ସେ କାନଡେରି ଶୁଣନ୍ତି ଭକ୍ତ ସାଲବେଗଙ୍କର ଭଜନ, " ଆହେ ନୀଳ ଶଇଳ, ପ୍ରବଳ ମତ୍ତବାରଣ, ମୋ ଆରତ ନଳିନୀବନକୁ କର ଦଳନ ।" ଏବଂ ଭକ୍ତ ଯେତେବେଳେ ଆକୁଳରେ ଡାକେ "ସାତଶ ପଞ୍ଚାଶ କୋଶ ଚାଲି ନ ପାରଇ ମୁଁ ମୋହ ଯିବାଯାଏ ନନ୍ଦୀଘୋଷେ ଥିବ ରହି" - ସେ ବଳଗଣ୍ଡି ପାଖରେ ନିଜ ରଥ ଅଟକାଇ ଦେଇ ଭକ୍ତ ପାଇଁ ଅପେକ୍ଷା କରନ୍ତି ।

ଗୀତଗୋବିନ୍ଦ ତାଙ୍କର ଏତେ ପ୍ରିୟ ଯେ' ତା'ର ଲଳିତ ପଦାବଳୀକୁ ଖଣ୍ଡୁଆପାଟରେ ନିହିତ କରି ବଡ଼ ଶୃଙ୍ଗାର ବେଶ ହୁଅନ୍ତି । ସଙ୍ଗୀତକୁ ବସ୍ତ୍ରରେ ପରିଧାନ କରିବାର ନାନ୍ଦନିକତା ଅନନ୍ୟ ।

ଶ୍ରୀ ଶ୍ରୀ ଜଗନ୍ନାଥ ଯାହାର ନାମ ଅନନ୍ତ, ଯାହାର ଲୀଳା ଅନନ୍ତ, ଯାହାର କଥା ଓ ଚିନ୍ତା ଅନନ୍ତ ସେଇ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ରଥଯାତ୍ରା ହେଉଛି ସବୁଠାରୁ ବର୍ଣ୍ଣାଳୀମୟ ବୈଭବମୟ ଓ ବୈଚିତ୍ର୍ୟମୟ ଶ୍ରେଷ୍ଠଯାତ୍ରା । ଏହାର ଅନ୍ୟନାମ ପତିତପାବନ ଯାତ୍ରା ଏହି ଗୁଣ୍ଡିଚା ଯାତ୍ରାରେ ସେ' ନିଳାଦ୍ରୀମଣ୍ଡପରୁ ଆଡ଼ପମଣ୍ଡପ ତଥା କର୍ମବେଦୀରୁ ଯଜ୍ଞବେଦୀକୁ ଯାଆନ୍ତି । ଦିଅଁମାନେ ଅଣସର ପିଣ୍ଡିରୁ ଧାଡ଼ିମଣ୍ଡପରେ ଓହ୍ଲାଇ ଆସନ୍ତି ଓ ସାତପାହାଚରେ ଟାହିଆ ପିନ୍ଧନ୍ତି । ପ୍ରଥମେ ସୁଦର୍ଶନ କ୍ଷିପ୍ର ପହଣ୍ଡିରେ, ଶ୍ରୀ ଶ୍ରୀ ବଳଭଦ୍ର ରୁଦ୍ରପହଣ୍ଡିରେ, ମା' ସୁଭଦ୍ରା ଶୂନ୍ୟପହଣ୍ଡିରେ ଏବଂ ସବାଶେଷରେ ପ୍ରଭୁ ଜଗନ୍ନାଥ ଝୁଲାପହଣ୍ଡିରେ ରଥଉପରକୁ ଆସନ୍ତି । ବୈଷ୍ଣବ ଧର୍ମ ଅନୁସାରେ, ପହଣ୍ଡି ଯାତ୍ରାରେ ନବଧା ଭକ୍ତିତତ୍ତ୍ୱ ଦେଖାଯାଏ ଯାହା- ଶ୍ରବଣ, କୀର୍ତ୍ତନ, ସ୍ମରଣଂ, ପଦସେବନ, ଅର୍ଚ୍ଚନ, ବନ୍ଦନ ଦାସ୍ୟ, ସୌଖ୍ୟ ତଥା ଆତ୍ମ ନିବେଦନ ଓ ବଚନ ସେବା । ଏହିଭଳି ଭକ୍ତମାନେ ପ୍ରଭୁଙ୍କୁ ଅର୍ଚ୍ଚନା କରିଥା'ନ୍ତି ।

ପ୍ରଭୁଙ୍କର ରୂପ, ଗୁଣ, ତତ୍ତ୍ୱ, ତଥ୍ୟ ଓ ନୀତିକାନ୍ତିକୁ ଅଧରରେ ପ୍ରକାଶ କରି ବଚନସେବା କରିବାର ପୁଣ୍ୟ ଅନନ୍ୟ । ପ୍ରଭୁ କଣ୍ଠରେ ବିଜେ ନକଲେ ତାଙ୍କର ବର୍ଣ୍ଣନା ପାଇଁ ଶବ୍ଦଟିଏ ମଧ୍ୟ ଜୁଟେ ନାହିଁ । ରଥଯାତ୍ରାର ଧାରାବିରଣୀ ଦେବା ଖୁବ୍ କଠିନ । ତେଣୁ ଏହି ରନିଂ କମେଣ୍ଟ୍ରି ଦେବାର ଇଚ୍ଛା ଓ ଆଗ୍ରହ କୁ ଯେ' ନୀଳାଞ୍ଜନ ମଞ୍ଜୁର କରିବେ, ତାହା ମୋର କଳ୍ପନାର ବାହାରେ ଥିଲା । ରଥଯାତ୍ରା ସମୟରେ ରଥଟଣା ହେଲାବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିପାରିଲେ, କୋଟି କୋଟି ଜନ୍ମର ପାପୀଙ୍କୁ ପୁଣ୍ୟ ମିଳିଥାଏ ।

ପ୍ରଭୁ ମୋର ଆକୁଳ ନିବେଦନକୁ ସ୍ୱୀକୃତି ଦେଲେ । ତାଙ୍କରି ଅନୁଗ୍ରହରୁ ପ୍ରାୟ ଚଉଦବର୍ଷ ହେଲା ମୁଁ ବିଭିନ୍ନ ଗଣମାଧ୍ୟମରେ ଧାରାବିବରଣୀ ଦେଇ ଆସୁଚି । ସେ ପ୍ରତ୍ୟକ୍ଷ ଧାରା ବିବରଣୀ ଦେଲାବେଳେ ଅନୁଭବ କରିଛି ତାଙ୍କର ଅନୁଗ୍ରହ । ସେ କଣ୍ଠରେ ବିଜେ ନ କଲେ ମୋର ବଚନ ସେବା ସଂପୂର୍ଣ୍ଣ ହୋଇପାରେ ନାହିଁ । ଆଉ ଗୋଟିଏ କଥା ଉପଲବ୍ଧି କରିଛି, କମେଣ୍ଟ୍ରି ଦେବାଠାରୁ ହିଁ ପ୍ରଭୁଙ୍କୁ ପ୍ରତିବର୍ଷ ରଥ ସମୟରେ ଦର୍ଶନ କରିପାରୁଛି । କେଉଁ ବର୍ଷ ସ୍ନାନରେ ତ' ଆଉ କେତେବେଳେ ଗୁଣ୍ଡିଚା, ବାହୁଡ଼ା, ସୁନାବେଶ, ଅଧରପଣା ତଥା ନିଳାଦ୍ରିବିଜେରେ ଶ୍ରୀକ୍ଷେତ୍ର ଯାଇ ଆଖିପୁରାଇ ଠାକୁରଙ୍କୁ ବନ୍ଦନା କରିପାରୁଛି । ଥରଟିଏ ଇଚ୍ଛାକଲି ଓ ପ୍ରଭୁଙ୍କୁ ପ୍ରାର୍ଥନା କଲି ଯେ, ଗୋଟିଏ ବର୍ଷରେ ମୁଁ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା, ସୁନାବେଶ ତଥା ନିଳାଦ୍ରୀ ବିଜେ ସବୁଗୁଡ଼ିକର ଧାରାବିବରଣୀ ଦେଇପାରନ୍ତି କି ! ତାହାହେଲେ ଠାକୁରଙ୍କୁ ପ୍ରତ୍ୟେକଟି ସ୍ୱତନ୍ତ୍ର ଉତ୍ସବରେ ମୁଁ ଦର୍ଶନ କରିପାରନ୍ତି ।

ଅଲ୍‌ଇଣ୍ଡିଆ ରେଡ଼ିଓରେ ଏକନମ୍ବର ବୁଥରେ ରହିଲେ ମନଲୋଭା ଓ ଚିତ୍ତାକର୍ଷକ ପହଣ୍ଡିଯାତ୍ରା ଖୁବ୍ ସୁନ୍ଦରଭାବରେ ଦର୍ଶନ କରିହୁଏ, ଏହି ବୁଥଟି ରାଧାବଲ୍ଲଭ ମଠ ଉପରେ ସିଂହଦ୍ୱାର ସାମ୍ନାରେ ଥାଏ। ତେଣୁ ମଠ ଉପରେ ପ୍ରଭୁଙ୍କର ମନଲୋଭା ଓ ଚିତ୍ତାକର୍ଷକ ପହଣ୍ଡି ଯାତ୍ରା ଖୁବ୍ ସୁନ୍ଦର ଭାବରେ ଦର୍ଶନ କରିହୁଏ, କିନ୍ତୁ ରଥଉପରେ ପ୍ରଭୁମାନେ ଆରଢ଼ହେବା ପରେ ଆଉ ରଥଟଣା ଦିଶେ ନାହିଁ କିନ୍ତୁ, ଅଲ୍‌ଇଣ୍ଡିଆ ରେଡ଼ିଓର ରାଜନଅର ସାମ୍ନାରେ ଥିବା ଦୁଇନମ୍ବର ବୁଥ୍‌ରୁ କମେଣ୍ଟ୍ରି ଦେଲେ, ପହଣ୍ଡିବିଜେ ଠାରୁ ଆରମ୍ଭ କରି ରାଜନଅରରେ ନୀତିକାନ୍ତି ସହ ଗଜପତିଙ୍କର ଛେରାପହଁରା ପାଇଁ ସଜବାଜ, ତଥା ତାମଜାନ୍‌ରେ ପାଟଛତି ସହ ପ୍ରସ୍ଥାନ ଏବଂ ରଥଉପରେ ଛେରାପହଁରା ଠାରୁ ଆରମ୍ଭ କରି ରଥଟଣାର ଅପୂର୍ବ ଦୃଶ୍ୟ ଦୃଷ୍ଟି ପଥାରଢ଼ ହୋଇଥାଏ । ଯୋଗକୁ ସେଇବର୍ଷ ମତେ ଅଲ୍‌ଇଣ୍ଡିଆ ରେଡ଼ିଓ ତରଫରୁ ଦ୍ୱିତୀୟ ବୁଥ୍‌ରୁ ଧାରାବିବରଣୀ ଦେବା ପାଇଁ ନିର୍ଦ୍ଦେଶ ମିଳିଲା, ତେଣୁ ସବୁ ନୀତିକାନ୍ତି ପ୍ରତ୍ୟକ୍ଷ ଭାବେ ଦେଖିବାର ସୌଭାଗ୍ୟ ପାଇଲି । କିନ୍ତୁ ସବୁଠାରୁ ଅବର୍ଣ୍ଣନୀୟ ଥିଲା ତିନୋଟିଯାକ ରଥଟଣାର ଦୃଶ୍ୟ । ବଡ଼ଠାକୁର ଶ୍ରୀ ଶ୍ରୀ ବଳଦେବଙ୍କର ସବୁଜ ଓ ଲୋହିତ ବର୍ଣ୍ଣର, ତାଳଧ୍ୱଜ ରଥ, ମା' ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କର କୃଷ୍ଣ ଲୋହିତ ବର୍ଣ୍ଣର ଦର୍ପଦଳନରଥ, ଏବଂ ଶେଷରେ କାଳିଆଠାକୁରଙ୍କର ପୀତ ଲୋହିତବର୍ଣ୍ଣର ନନ୍ଦିଘୋଷ ରଥ । ଅପୂର୍ବ ଘଣ୍ଟଘଣ୍ଟା ଖୋଳକରତାଳ, ହରିବୋଲ, ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ ଆରମ୍ଭ ହେଲା ରଥଟଣା । (କ୍ରମଶଃ)

## ପୁସ୍ତକ ସମୀକ୍ଷା


**'ଚେତନାର ଚୌହଦି'**
(ପ୍ରବନ୍ଧ ସଂକଳନ)
ଲେଖକ: ରାଜୀବ ପାଣି
ପ୍ରକାଶକ- ଏଥେନା ବୁକ୍ସ, ଭୁବନେଶ୍ୱର-୨
ମୂଲ୍ୟ-୩୦୦/-

ଉକ୍ତ ପ୍ରବନ୍ଧ ପୁସ୍ତକଟି କବି ଓ ପ୍ରାବନ୍ଧିକ ତଥା ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣିଙ୍କ ଦ୍ୱିତୀୟତମ ପ୍ରବନ୍ଧ ପୁସ୍ତକ । ଏଥିରେ ସର୍ବମୋଟ ୨୨ଟି ପ୍ରବନ୍ଧ ସ୍ଥାନୀତ । ନାଟକରେ ବିଶେଷ ରୁଚି ରଖୁଥିବା ଶ୍ରୀ ରାଜୀବ ପାଣିଙ୍କ କବିତା ତଥା ସମୀକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ବର୍ତ୍ତମାନ ସମୟରେ ଓଡ଼ିଶାରେ ପ୍ରାୟ ମୌଳିକ ପ୍ରବନ୍ଧ ଲେଖା ଯାଉନି । ରତ୍ନାକର ପତି, ଗିରିଜା ଶଙ୍କର ରାୟ, ନୀଳକଣ୍ଠ ଦାସ, ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ମାୟାଧର ମାନସିଂ, ଗୋଲକ ବିହାରୀ ଧଳ, ଗୋକୁଳାନନ୍ଦ ମହାପାତ୍ର, ଡ. ହରେକୃଷ୍ଣ ମହତାବ, କୃଷ୍ଣପ୍ରସାଦ ମିଶ୍ର, ଡ. ମନ୍ମଥ ନାଥ ଦାସ, ଚିତ୍ତରଂଜନ ଦାସ, ଚନ୍ଦ୍ରଶେଖର ରଥ ପ୍ରମୁଖ ମୌଳିକ ପ୍ରବନ୍ଧ ରଚନା କରି ଆମ ସାରସ୍ୱତ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି କି ଯେ, ଏବେ ଆଉ ମୌଳିକ ପ୍ରବନ୍ଧମାନ ଲେଖାଯାଉନି । ସ୍କୁଲ କଲେଜର ପିଲାମାନେ ସେଇ ପୁରୁଣା ପ୍ରବନ୍ଧମାନ ପଢ଼ିବାକୁ ବାଧ ହେଉଛନ୍ତି । ଓଡ଼ିଶାରୁ ଶତାଧିକ ପତ୍ରପତ୍ରିକା ବାହାରୁଛି, ମାତ୍ର କୌଣସିଟିରେ ମୌଳିକ ପ୍ରବନ୍ଧ ପ୍ରାୟ ନାହିଁ କହିଲେ ଚଳେ । ଯାହା ସବୁ ବାହାରୁଛି ତାହା ପ୍ରବନ୍ଧ ନୁହେଁ ସମାଲୋଚନା ଆଉ ପୁସ୍ତକ ଆଲୋଚନା । ମୌଳିକ ପ୍ରବନ୍ଧ ରଚନା ଲାଗି ଯେଉଁ ଧୀଷଣା, ପ୍ରଜ୍ଞା, ମନନଶୀଳ ଅଭିନିବେଶ ତଥା ବିଶ୍ୱ ଦୃଷ୍ଟି ଆବଶ୍ୟକ, ତାହା ଆମ ଲେଖକମାନଙ୍କର ନାହିଁ। ଆମ ସମୟର ଏଇଟା ହିଁ ବଡ଼ ବିଡ଼ମ୍ବନା । ଏ ଦୃଷ୍ଟିରୁ ବିଚାର କଲେ ଶ୍ରୀ ରାଜୀବ ପାଣିଙ୍କର ପ୍ରବନ୍ଧ ସଂକଳନ ନିଶ୍ଚିତ ଏକ ଶୂନ୍ୟତାକୁ କିଛି ଅଂଶରେ ପୂରଣ କରିବ, ଯଦିଓ ଏଥିରେ ଅଧିକାଂଶ ପ୍ରବନ୍ଧ ଆଲୋଚନା ଗୋତ୍ରୀୟ ।

ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧ 'ରବୀନ୍ଦ୍ର ନାଥ ଓ ଓଡ଼ିଆ କବି' । ଏଥିରେ ଶ୍ରୀଯୁକ୍ତ ପାଣି ରବୀନ୍ଦ୍ରନାଥଙ୍କ ଆଧୁନିକ ଭାରତୀୟ ସାହିତ୍ୟର ମହାପୁରୁଷ ବୋଲି ଉଲ୍ଲେଖ କରିବା ସଂଗେ ସଂଗେ, ବିଶ୍ୱ-ମାନବିକତାର ଉଦ୍‌ଗାତା ବୋଲି କହିଛନ୍ତି । ଜର୍ମାନ କବି ଦାର୍ଶନିକ ଗେଟେ (Geothe) ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ Welt-literature (World Literature) କଥା କହିଲେ । ୧୮୨୭ ମସିହାରେ ତାଙ୍କର ପ୍ରିୟ ବନ୍ଧୁ 'Johann Eckermann' ଙ୍କୁ ଲେଖିଥିବା ଏକ ପତ୍ରରେ ସେ ଉଲ୍ଲେଖ କରିଥିଲେ, "National Literature is now a rather unmeaning term, the epoch of world literature at hand, and everyone must strive to hasten its approach" ରବୀନ୍ଦ୍ରନାଥ ଟାଗୋର ମଧ୍ୟ ଗେଟେଙ୍କ ପରି ଜାତୀୟବାଦୀ ସଂକୀର୍ଣ୍ଣତାମୂଳକ ସାହିତ୍ୟରୁ ମୁକୁଳି ବିଶ୍ୱ ଚେତନା ସହ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ରବୀନ୍ଦ୍ର ନାଥଙ୍କ ମହାଜାଗତିକ ଚେତନାର ପ୍ରଭାବ ବିଶେଷ କରି ଗୀତାଞ୍ଜଳିର ପ୍ରଭାବ ଆମ ସାହିତ୍ୟର ଫକୀର ମୋହନ, ରାଧାନାଥ, ଗଙ୍ଗାଧର ମେହେର, ମଧୁସୂଦନ ଦାସ, ମାୟାଧର ମାନସିଂ ତଥା ସବୁଜ ଯୁଗର କବିମାନଙ୍କୁ ପ୍ରଭାବିତ କରିଥିଲା, ତା'ର ତୁଳନାତ୍ମକ ଆଲୋଚନା ଶ୍ରୀଯୁକ୍ତ ପାଣି ଉକ୍ତ ପ୍ରବନ୍ଧ ସଂକଳନରେ କରିଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

\+ + +

'ନାଟ୍ୟନଗରୀର ମଞ୍ଚମାୟା' ପ୍ରବନ୍ଧରେ ଇସ୍‌ପାତ ସହର ରାଉରକେଲାର ନାଟକପ୍ରୀତି ସମ୍ପର୍କରେ ଆଲୋଚନା କରିଛନ୍ତି ଶ୍ରୀଯୁକ୍ତ ରାଜୀବ ପାଣି । ଯେଉଁଠି ଯନ୍ତ୍ର ଦାନବର ଆସ୍ଫାଳନ ଅହରହ ଶୁଭୁଥାଏ, ସେଇଠି ପୁଣି କୁଳୁକୁଳୁ ରାଗିଣୀ ତୋଳି ବହି ଯାଉଥାଏ ଖଣ୍ଡାଧାର । ସେଇଠି ପୁଣି ଶଙ୍ଖ, କୋଏଲ, ଆଉ ବ୍ରାହ୍ମଣୀର ତ୍ରିବେଣୀ ସଂଗମ । ତା'ରି ଭିତରେ ମୁହଁରେ ରଙ୍ଗବୋଳି ମଞ୍ଚମାୟାରେ ବିଭୋର ହେଲେ କିଛି ସହରୀ ମଣିଷ । ତା' ପୂର୍ବରୁ ଇସ୍‌ପାତ ନଗରୀର ବସ୍ତି ଅଞ୍ଚଳର ଅନ୍ନପୂର୍ଣ୍ଣା, ଜନତା, କଳାଶ୍ରୀ ଓଡ଼ିଶା ଥିଏଟର ପ୍ରଭୃତି ପେଶାଦାର ତଥା ସୌଖୀନ ରଙ୍ଗମଞ୍ଚ କିଛି କିଛି ନାଟକ ପରିବେଷଣ କରୁଥିଲେ । ଏସବୁ ସହ ହିନ୍ଦୀ, ବଙ୍ଗଳା, ତେଲୁଗୁ, ସାନ୍ତାଳୀ ଭାଷାଭାଷି ନାଟକ ମଧ୍ୟ ଏଠି ଅଭିନୀତ ହେଉଥିଲା । ୧୯୬୦ ବେଳକୁ ନବନାଟ୍ୟ ଆନ୍ଦୋଳନର ଧାରାଟିଏ ମୁଣ୍ଡ ଟେକିଲା ରାଉରକେଲାରେ । ସତୁରି ଦଶକ ବେଳକୁ ସ୍ରଷ୍ଟା, କଳିଙ୍ଗ କଳା ପରିଷଦ, ଡ୍ରିମ୍‌ଲ୍ୟାଣ୍ଡ, ଉତ୍କଳ କଳା ମନ୍ଦିର ପ୍ରଭୃତି ନାଟ୍ୟସଂସ୍ଥା ଗଢ଼ି ଉଠି ନୂଆ ଧାରାର ନାଟକମାନ ପରିବେଷଣ କଲେ । ତା'ପରେ ପରେ ଲୁ' ନାଟ୍ୟସଂସ୍ଥା, ଚେତନା, ଅଗ୍ରଗାମୀ, ମଞ୍ଚଧାରା, ପ୍ରତିଧ୍ୱନି, ପଞ୍ଚମ ବେଦ, ସମ୍ଭାବନା ପ୍ରମୁଖ ନାଟ୍ୟସଂସ୍ଥା ଏଇ ନୂଆଧାରାର ନାଟକକୁ ଅଗ୍ରଗାମୀ କରାଇଲା । ପରୀକ୍ଷାଧର୍ମୀ ନାଟକ ସହ ଉଦ୍ଭଟ୍ ନାଟକମାନ ଏକାଠି ଅଭିନୀତ ହେଲା । ନାଟକ ମହୋତ୍ସବ ସହ ଲୋକନାଟକ ମହୋତ୍ସବମାନ ଆୟୋଜିତ ହୋଇ ଇସ୍‌ପାତ ନଗରୀକୁ କିପରି ନାଟକୀୟ କରିଦେଲା, ତାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ଏବଂ ଏଇ ସବୁ ନାଟ୍ୟଧାରା ସହ ଅଙ୍ଗାଙ୍ଗୀଭାବେ ସଂପୃକ୍ତ ଅଛନ୍ତି ଶ୍ରୀଯୁକ୍ତ ପାଣି। ନାଟ୍ୟସଂସ୍ଥା ସହ ଦୀର୍ଘ ଏକଶତ ବର୍ଷର ଅଭିନୟ ଧାରା ଏବଂ ବିଭିନ୍ନ ନାଟ୍ୟକାର, ଅଭିନେତାଙ୍କ ନାମ ମଧ୍ୟ ଏ ପ୍ରବନ୍ଧରେ ଉଲ୍ଲେଖ ଅଛି । ଓଡ଼ିଶା ନାଟ୍ୟ ସାହିତ୍ୟକୁ ରାଉରକେଲାର ଅବଦାନ ସମ୍ପର୍କରେ ଜାଣିବା ପାଇଁ ପ୍ରବନ୍ଧଟିର ଅବଦାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ଅଭିନନ୍ଦନୀୟ ।





'ପ୍ରକୃତିର ଅନନ୍ୟ ରୂପକାର: କବି ବିନୋଦ' ପ୍ରବନ୍ଧରେ ଓଡ଼ିଆ କାବ୍ୟଜଗତର ରୋମାଣ୍ଟିକ ବାସ୍ତବବାଦୀ କବି ବିନୋଦଚନ୍ଦ୍ର ନାୟକଙ୍କ ବାଲ୍ୟଜୀବନ, ଜନ୍ମମାଟିର ସାଂସ୍କୃତିକ ତଥା ଅଧ୍ୟାତ୍ମିକ ପରିମଣ୍ଡଳ, କାବ୍ୟ ଜୀବନର ଆଦ୍ୟ ସ୍ଫୁରଣ, ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ତଥା ହୈମନ୍ତୀ, ନନ୍ଦାଦେବୀ, ନୀଳଚନ୍ଦ୍ରର ଉପତ୍ୟକା, ଚନ୍ଦ୍ର ଓ ତାରା, ସାତ ତାରାର ଦ୍ୱୀପ, ଇଳାବୃତ୍ତ, ସରୀସୃପ, ପୋହଳା ଦ୍ୱୀପର ଉପକଥା, ଅନ୍ୟ ଏକ ଅସରପି, କାଞ୍ଚନ କୁନ୍ତଳାର ତରବାରୀ ପ୍ରଭୃତି କାବ୍ୟସୃଜନ ନେପଥ୍ୟରେ ତାଙ୍କର ପ୍ରକୃତି ପ୍ରୀତି, ରୋମାଣ୍ଟିକତା, ବାସ୍ତବବାଦୀ ଅଭିନିବେଶ, ଗ୍ରାମ୍ୟ ପ୍ରେକ୍ଷାପଟ୍ଟରେ ଅପରୂପ ଚିତ୍ରରୂପ କିପରି ଆଙ୍କିଛନ୍ତି, ସେ ସମ୍ପର୍କରେ ପ୍ରାବନ୍ଧିକ ସୁନ୍ଦର ଆଲେଖ୍ୟଟିଏ ନିର୍ମାଣ କରିଛନ୍ତି ।

'ପ୍ରଫେସର ଚିତ୍ତରଂଜନ ଓ ବିଶ୍ୱକୁ ଗବାକ୍ଷ' ଏକ ଉଚ୍ଚମାନର ପ୍ରବନ୍ଧ । ଏଥିରେ ଚିତ୍ତରଂଜନ ଦାସଙ୍କ ମନନଧର୍ମୀ ପ୍ରବନ୍ଧରେ ପ୍ରଜ୍ଞଶୀଳ ଅଭିନିବେଶ ତଥା ଚେତନାଲୋକର ଉର୍ଦ୍ଧ୍ୱାୟିତ ଉତ୍ତରଣ ଅଛି ତାକୁ ଦେଖେଇବାର ପ୍ରୟାସ କରିଛନ୍ତି । ବିଶେଷ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ 'ବିଶ୍ୱକୁ ଗବାକ୍ଷ' ପୁସ୍ତକଟିକୁ ବିଭିନ୍ନ ଦୃଷ୍ଟିକୋଣରୁ ତର୍ଜମା କରିଛନ୍ତି। ଜାତୀୟବାଦର ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ବିଶ୍ୱ ଦୃଷ୍ଟି ପ୍ରସାରିତ ପାଇଁ ଜର୍ମାନ କବି ତଥା ଦାର୍ଶନିକ ଗେଟେ (Geothe) ଆହ୍ୱାନ ଦେଇଥିଲେ । ବିଶ୍ୱକବି ରବୀନ୍ଦ୍ର ନାଥ ମଧ୍ୟ ଏ ବାର୍ତ୍ତା ପ୍ରଚାର କରିଥିଲେ । ଚିତ୍ତରଂଜନ ଦାସ ମଧ୍ୟ ଆମର ଗବାକ୍ଷକୁ ବିଶ୍ୱ ଅଭିମୁଖୀ କରାଇ ବହିର୍ଚେତନାକୁ ଅନ୍ତର୍ମୁଖୀ କରାଇବା ଲାଗି ଏ ପୁସ୍ତକରେ ଆହ୍ୱାନ ଦେଇଛନ୍ତି । ଝରକାକୁ ବିଶ୍ୱ ଆଡ଼କୁ ଖୋଲି ନ ରଖିଲେ ଆମ ଚେତନା ସଂକୀର୍ଣ୍ଣ ତଥା ନିମ୍ନଗାମୀ ହୋଇଯିବ, ଏହାହିଁ ପୁସ୍ତକର ସାରନିର୍ଯାସ ।

'ସୁନ୍ଦରଗଡ଼ର ସୃଜନଧାରା' ପ୍ରବନ୍ଧରେ ସମ୍ବଲପୁର ବୁଢ଼ାରାଜା ରଘୁନାଥ ଶେଖର ଦେଓ 'ଶୁଆଡିହି'କୁ କିପରି 'ସୁନ୍ଦରଗଡ଼'ରେ ନାମିତ କଲେ ତା'ର ସୂଚନା ଦେଇଛନ୍ତି । ୧୯୪୮ ମସିହାରେ ଗାଙ୍ଗପୁର ଓ ବଣେଇ ଗଡ଼ଜାତକୁ ମିଶେଇ ଏହା ବୃହତ୍ତର ସୁନ୍ଦରଗଡ଼ ଜିଲ୍ଲା ସୃଷ୍ଟିହେଲା । ସୁନ୍ଦରଗଡ଼ ଜିଲ୍ଲାର ଭୌଗୋଳିକ ଓ ପ୍ରାକୃତି ପରିବେଶ ବର୍ଣ୍ଣନା ସହ ଏଠି ବସବାସ କରୁଥିବା ଜନଜାତି, ବିଭିନ୍ନ ଉପଜାତି ଓ ସେମାନଙ୍କର ନାନା ସାଂସ୍କୃତିକ ବୈଚିତ୍ର୍ୟ, ନାଚଗୀତ, ପର୍ବପର୍ବାଣୀ ତଥା ବିଭିନ୍ନ ଅଞ୍ଚଳର ସାହିତ୍ୟିକ ପରିବେଶ, ବିଶେଷ କରି ରାଉରକେଲାର ସାହିତ୍ୟିକ ପାଣିପାଗ ସମ୍ପର୍କରେ ଖୁବ୍ ଉଚ୍ଚକୋଟୀର ଆଲୋଚନା କରିଛନ୍ତି । ବହୁ ତଥ୍ୟ ତଥା ଅଜଣା ଅନେକ ଉପାଦାନରେ ପ୍ରବନ୍ଧଟି ଉଚ୍ଚମାନର ହୋଇ ପାରିଛି ।

\+ + +

'ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକ ଅନୁସନ୍ଧିତ୍ସୁ ପର୍ବ' ପ୍ରବନ୍ଧରେ ପ୍ରାବନ୍ଧିକ ବିଶ୍ୱବନ୍ଦିତ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବଠାରୁ ତାଙ୍କର ନବକଳେବର ତଥା ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଗୋଟି ଗୋଟି ଘଟଣାର ଚମତ୍କାର ବର୍ଣ୍ଣନା ଦେଇଛନ୍ତି । ଶ୍ରୀଜଗନ୍ନାଥ ଋକ୍‌ବେଦରେ ଅପୌରୁଷେୟ ଦାରୁବ୍ରହ୍ମ ଭାବରେ ପ୍ରଥମେ ବର୍ଣ୍ଣିତ ।

ଦାରୁବ୍ରହ୍ମ ପୂଜିତ ପୁଣ୍ୟ ନୀଳାଚଳ ଧାମରେ ଦେହତ୍ୟାଗ କଲେ ବୈକୁଣ୍ଠରେ ନିବାସ କରିବାର ସୁଯୋଗ ମିଳେ ବୋଲି କପିଳ ସଂହିତାରେ ଉଲ୍ଲେଖ ଥିବାର ପ୍ରମାଣ ସହିତ ଅନୁରୂପ ତନ୍ତ୍ରଯାମଳରେ ଭୂସ୍ୱର୍ଗ ପୁରୁଷୋତ୍ତମ କ୍ଷେତ୍ରରେ କେଉଁ ଅନାଦି କାଳରୁ ଦାରୁରୂପୀ ଶ୍ରୀଜଗନ୍ନାଥ ପୂଜା ପାଉଥିବାର ଉଲ୍ଲେଖ କରିଛନ୍ତି ।

ଏଥିରେ ଥିବା ୨୨ଟି ପ୍ରବନ୍ଧକୁ ବେଶ୍ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ଶ୍ରୀଯୁକ୍ତ ପାଣି ।

ପ୍ରବନ୍ଧ ଓ ଆଲୋଚନାର ବିଶ୍ଳେଷଣ ଅତ୍ୟନ୍ତ ଯୁକ୍ତିନିଷ୍ଠ ଭାବରେ ପ୍ରତିପାଦିତ ହୋଇଛି । ଆଶା କରୁଛି ବିଭିନ୍ନ ପର୍ଯ୍ୟାୟକୁ ନେଇ ରଚନା କରାଯାଇଥିବା ଏହି ପ୍ରବନ୍ଧ ପାଠକୀୟ ଆଦୃତି ଅବଶ୍ୟ ଲାଭ କରିବ ।

ସମୀକ୍ଷା:
+ ଡ. ହରିଶ୍ଚନ୍ଦ୍ର ବେହେରା
କଲ୍ୟାଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର

# ମହାମାରୀ ସମୟରେ ରାସନ ସାମଗ୍ରୀ ବଂଟନରେ ହୋଇଛି ୩୦୦ କୋଟି ଟଙ୍କାର ଘୋଟାଲା : କଂଗ୍ରେସ

ଭୁବନେଶ୍ୱର,୩୧/୦୭ (ନି.ପ୍ର): କରୋନା ମହାମାରୀ ସମୟରେ ରାଜ୍ୟ ସରକାର ରେସନ ସାମଗ୍ରୀ ବଂଟନରେ ୩୦୦ କୋଟି ଟଙ୍କାର ଘୋଟାଲା କରିଛନ୍ତି। ଲକ୍ଷାଧିକ 'ବୋଗସ୍' ବା ଭୂତ ହିତାଧିକାରୀଙ୍କ କାର୍ଡ ଜରିଆରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ ଚାଲିଥିବା ଖାଦ୍ୟଶସ୍ୟ ସାମଗ୍ରୀ ବଂଟନରେ ଏହି ଦୁର୍ନିତି ଚଳାଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଅଭିଯୋଗ କରିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଆବାହକ ସତ୍ୟପ୍ରକାଶ ନାୟକ ଅଭିଯୋଗ କରି କହିଛନ୍ତି ଯେ ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶହଶହ କୋଟି ଟଙ୍କାର ରାସନ ସାମଗ୍ରୀ ଭୂତ ହିତାଧିକାରୀଙ୍କ ନାଁରେ ଉଠାଇଛନ୍ତି ଏବଂ ଲୁଟ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟରୁ ୯୩ ଲକ୍ଷ ୬ ହଜାର ୨୦୨ ଜଣ ହିତାଧିକାରୀ ଥିବା ବେଳେ କୌଣସି ଗୋଟିଏ ମାସରେ ବି ୯୩ ଲକ୍ଷ ହିତାଧିକାରୀଙ୍କୁ ରାସନ ଚାଉଳ ବଂଟନ କରାଯାଇ ନାହିଁ। ଅଥଚ ପ୍ରତ୍ୟେକ ମାସ ହଜାର ହଜାର ମେଟ୍ରିକ ଟନ ଚାଉଳ ବଂଟା ନହୋଇ ରହିଯାଇଥିବା ବେଳେ ପରବର୍ତ୍ତୀ ମାସମାନଙ୍କରେ କାହିଁକି ବଳକା ଚାଉଳ ପରିମାଣ କଟା ନଯାଇ କେନ୍ଦ୍ରରୁ ସଂପୂର୍ଣ୍ଣ କୋଟା ଚାଉଳ ଉଠାଯାଉଛି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ସେହିପରି ଗତ ୨ଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାନ ନେସନ - ୱାନ ରାସନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଘୋଷଣା କଲେ ଯେ ମାଲକାନଗିରି ଜିଲ୍ଲାରେ ଭିଟାମିନ ଯୁକ୍ତ ଚାଉଳ ବଂଟନ ଦ୍ୱାରା ପୃଷ୍ଟିହୀନତା ଦୂର କରାଯିବ। ଏ ବାବଦରେ ଖୋଲାସା କରି ଶ୍ରୀ ନାୟକ କହିଛନ୍ତି ଯେ ଏହା ହେଉଛି କେନ୍ଦ୍ରସରକାରଙ୍କ ଯୋଜନା। ସମଗ୍ର ଦେଶରେ ୧୫ ଟି ରାଜ୍ୟରୁ ୧୫ ଟି ଦୁର୍ବଳ ଜିଲ୍ଲାରେ ଏହି ପ୍ରକଳ୍ପକୁ ୨୦୧୯-୨୦ରୁ ଆରମ୍ଭ କରାଯାଇଛି ଅଥଚ ଦୁଇବର୍ଷ ବିଳମ୍ବରେ କାହିଁକି ନବୀନ ବାବୁ ଏ ପ୍ରକଳ୍ପକୁ ଆରମ୍ଭ କଲେ ତାର ଯବାବ ରଖନ୍ତୁ ବୋଲି ଶ୍ରୀ ନାୟକ ଦାବି ରଖିଛନ୍ତି। ଆଗକୁ ପଂଚାୟତ ଏବଂ ପୌରନିର୍ବାଚନକୁ ଆଖିରେ ରଖି ନବୀନ ବାବୁ ଭିଟାମିନ ଚାଉଳ ଯୋଜନାକୁ ଦୁଇବର୍ଷ ଚାପି ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସେହିପରି ଦେଶରେ ପ୍ରତ୍ୟେକ ରାଜ୍ୟ ବର୍ଷଓ୍ୱାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ଚିଠା ଅପଡେଟ କରୁଥିବାବେଳ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ତାଗିଦ ସତ୍ୱେ ତିନିବର୍ଷ ହେଲା କାହିଁକି ତାଲିକା ଅପଡେଟ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି କଂଗ୍ରେସ। ମହାମାରୀ ସମୟରେ ରାଜ୍ୟ ସରକାର କାର୍ଡ ହିତାଧିକାରୀମାନଙ୍କୁ ଏକ କାଳୀନ ୧ ହଜାର ଟଙ୍କା ଦେବାପାଇଁ ୯୫୫ କୋଟି ଟଙ୍କା ମଞ୍ଜୁର କଲେ। ଅଥଚ ଦୁଇଲକ୍ଷରୁ ଅଧିକ ହିତାଧିକାରୀ ମିଳିଲେ ନାହିଁ ଯେଉଁଥିପାଇଁ ୨୦ କୋଟି ୭ଲକ୍ଷ ଟଙ୍କା ସରକାର ଫେରସ୍ତ ଆଣିଲେ। ଏହା ସ୍ପଷ୍ଟ କରୁଛି କି ପ୍ରାୟ ୨ଲକ୍ଷ ଭୂତ ହିତାଧିକାରୀଙ୍କ ନାଁରେ ଚାଲିଛି ଶହ ଶହ କୋଟି ଟଙ୍କାର ରେସନ ଚାଉଳ ଘୋଟଲାର ମାସିକ ରିସାଇକ୍ଲି ବୋଲି ଶ୍ରୀ ନାୟକ କହିଛନ୍ତି।

## ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ପୁରୀ,୩୧/୦୭ (ନି.ପ୍ର): ଜଣେବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ପତ୍ନୀ ଓ ଝିଅକୁ ଉଲଗ୍ନ କରି ଅଶ୍ଳୀଳଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ବଳିଆପଣ୍ଡାବସ୍ତି ମହାରଣାସାହିର ଚନ୍ଦନ ଓରଫ ଦୁର୍ଯ୍ୟୋଧନ ସ୍ୱାଇଁ(୨୨)ଙ୍କୁ ବଳିଆପଣ୍ଡାଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ଏକ ପଲସର ବାଇକ୍ ଓ ଗୋଟିଏ କଟୁରୀ ଜବତ କରାଯାଇଛି। ପୁଲିସ ସୁତ୍ରରୁ ପ୍ରକାଶ ଗତ ୨୭ ତାରିଖଦିନ ଦୁର୍ଯ୍ୟୋଧନ ବଳିଆପଣ୍ଡା ମହାରଣାସାହିର ସୁନୀଲ ମହତୋଙ୍କୁ ଚନ୍ଦନ ଆକ୍ରମଣ କରିଥିଲା। ଚନ୍ଦନର ଆକ୍ରମଣରେ ସୁନୀଲଙ୍କ ପାପୁଲି, ପେଟ ଓ ପିଠି ସହିତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପ୍ରତିରୋଧ କରିବାରୁ ଚନ୍ଦନ ତାଙ୍କସ୍ତ୍ରୀଙ୍କୁ ସେ ଟଣା ଓଟରା କରି ଉଲଗ୍ନ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମରିଦେବା ଧମକ ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁନୀଲଙ୍କୁ ସଦର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁନୀଲ ସ୍ତ୍ରୀ ପ୍ରଭାତୀ ମହତୋଙ୍କୁ ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଆଜି ଚନ୍ଦନକୁ ଗରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗଳାପୋଲ ଦାବିରେ ୫ଘଣ୍ଟା ରାଜରାସ୍ତା ଅବରୋଧ

### ପ୍ରତିଶୃତି ପରେ ଆନ୍ଦୋଳନରୁ ଅହରିଲେ ଆନ୍ଦୋଳନକାରୀ



ବାରିପଦା,୩୧/୦୭ (ନି.ପ୍ର): ବାରିପଦା ସହର ଉପକଣ୍ଠରେ ଥିବା ୧୮ ନମ୍ବର ଜାତୀୟ ରାଜପଥର ଦାମୋଦରପୁର ଛକ ଠାରେ ଗଳାପୋଲ ନିର୍ମାଣ ଦାବୀରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିବାର ଦେଖା ଯାଇଛି । ନୂତନ ରାଜପଥ ନିର୍ମାଣ ହେବା ଦିନରୁ ଦିନକୁ ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ସାଇକେଲ, ମଟରସାଇକେଲ, ବିଭିନ୍ନ ଗାଡି ମୋଟରର ଚାଳକଙ୍କ ସହିତ ପାଦଚଲା ଆରୋହି । ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକାର ସ୍ୱରୂପ ଗୋଳାପଲ ନିର୍ମାଣ ହୋଇପାରିନାହିଁ । ଏନେଇ ଶତାଧିକ ସ୍ଥାନୀୟ ବାସିନ୍ଦା ବାରିପଦା ସ୍ଥିତ ଦାମୋଦରପୁର ଦେଇ ଯାଇଥିବା ୧୮ ଜାତୀୟ ରାଜପଥର ଦାମୋଦରପୁର ଛକ ନିକଟରେ ଶୁକ୍ରବାର ସକାଳ ୧୦ଟା ସମୟରୁ ଅପରାହ୍ନ ୨ଟା ସମୟ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ । ଏହା ଦ୍ୱାରା ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ୫ଘଣ୍ଟା ଧରି ଗାଡି ମୋଟର ଲମ୍ବା ଧାଡିରେ ଠିଆ ହୋଇ ରାସ୍ତା ଅବରୋଧ ହୋଇଥିଲା । ଘଟଣା ସ୍ଥଳରେ ବାରିପଦା ଟାଉନ ପୋଲିସ, ବାରିପଦା ତହସିଲଦାର ପହଂଚି ଅବରୋଧକାରୀଙ୍କୁ ବୁଝାସୁଝା କରିଥିଲେ । ସରକାରଙ୍କ ସହିତ କଥା ହୋଇ ସମାଧାନ ପାଇଁ ଏନଏଚଏଆଇ ପିଡ଼ିଙ୍କ ପ୍ରତିଶୃତି ପରେ ଆନ୍ଦୋଳନରୁ ଆନ୍ଦୋଳନକାରୀ ମାନେ ଓହରି ଥିବାର ଜଣା ଯାଇଛି ।

## ଦାଦାବଟି ପାଇଁ ଲୁଟ୍ : ଯୁବକ ଗିରଫ

ପୁରୀ,୩୧/୦୭ (ନି.ପ୍ର): ଦାଦାବଟି ପାଇଁ ତେଜରାତି ଦୋକାନରେ ଭଙ୍ଗାରୁଜା କରିବା ସହିତ ଦୋକାନ ଡ୍ରରୁ ୩୫୦୦ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଟାଉନ୍‌ଥାନା ପୁଲିସ ରମାବଲ୍ଲଭ ରୋଡ଼ ଇନ୍ଦ୍ରମାର୍ଗକଲୋନୀର କାଳିଆ ଓରଫ ତ୍ରିସେନ୍ଦ୍ର ନାୟକ(୨୭)କୁ ଗିରଫ କରିଛି। ଗତକାଲି ପୂର୍ବାହ୍ନରେ କାଳିଆ ଅଶ୍ଳୀଳଭାଷାରେ ଗାଳି ଗୁଲଜ କରିବା ସହିତ ଦେକାନରେ ଭଙ୍ଗଜଗାରୁଜାକରି ଡ୍ରରୁ ଟଙ୍କା ନେଇଯାଇଥିବା ଇନ୍ଦ୍ରମାର୍ଗ କଲୋନୀର ସବିତା ମହାକୁଡ଼ ନାମ୍ନୀ ଜଣେ ବିଧବା ଥାନାରେ ଅଭିଯୋଗ କରିଥିଲେ। ଆଜି ଅଭିଯୁକ୍ତକୁ ଗରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଟାଉନ୍ ଥାନା ଆଇଆଇସି ଜି ଆର ଦାସ କହିଛନ୍ତି।

## ଉଦଳାର ସାପ ଧରାଳିଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ପୂର୍ବତନ ବିଧାୟକ ଶ୍ରୀନାଥ



ଉଦଳା,୩୧/୦୭ (ନି.ପ୍ର): ବିଷଧର ସାପ ଧରିବା ତାଙ୍କର ନିଶା ଓ ପେସା । ନିଜ ଜୀବନକୁ ବିପଦରେ ପକାଇ ଅନ୍ୟ ଲୋକଙ୍କର ଧନ ଜୀବନ ସୁରକ୍ଷା ନାଇଁ ଦିନ ରାତି ସେବା ପ୍ରଦାନ କରୁଥିବା ସାପ ଧରାଳି ଦୁଇ ଯୁବକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ । ମୟୂରଭଞ୍ଜ ଜିଲ୍ଲା ଉଦଳା ଏନ୍.ଏ.ସି.ର ସ୍ଥାୟୀ ବାସିନ୍ଦା ୱାର୍ଡ଼ ନଂ -୯ର ବସନ୍ତ ବେହେରା ଓ ୱାର୍ଡ଼ ନଂ-୭ର ମାନସ ବେହେରା ଆଜକୁ ୫ ବର୍ଷ ହେବ ବିଶାକ୍ତ ସାପ ଧରି ଲୋକଙ୍କୁ ସୁରକ୍ଷା ଦେଉଅଛନ୍ତି । କିଛିଦିନ ହେବ ଉଦଳା ଅଞ୍ଚଳରୁ ବିଭିନ୍ନ ସ୍ଥାନରୁ ବାହାରୁଥିବା ବିଧେର ସାପକୁ ଧରିବାରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଖଣ୍ଡଳମଣି ସ୍ନେକ ହେଲ୍ପଲାଇନର ଦୁଇ ସଦସ୍ୟ ବିନା କୌଣସି ବାଡ଼ି ସାହାଯ୍ୟରେ ସାପ ଧରିବାର ଫେସବୁକ ଓ ସୋସିଆଲ ମିଡ଼ିଆରୁ ଖବର ପାଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଉକ୍ତ ୨ ସାହସୀ ଯୁବକଙ୍କୁ ସ୍ଥାନୀୟ ବିଜୁ ଜନତା ଦଳର କାର୍ଯ୍ୟାଳୟକୁ ଆମନ୍ତ୍ରଣ କରି ସାପ ଧରିବା ପାଇଁ ବାଡ଼ି ଓ ସ୍ୱତନ୍ତ ଯନ୍ତ୍ର ସ୍ନେକ ରେସ୍କ୍ୟୁ ଷ୍ଟିକ ପ୍ରଦାନ କରିଛନ୍ତି । ଏହାସହିତ ଉକ୍ତ ୨ ଯୁବକଙ୍କୁ ଫୁଲତୋଡ଼ା ଅର୍ପଣ କରି ସମ୍ବର୍ଦ୍ଧନା ଜ୍ଞାପନ ମଧ୍ୟ କରିଛନ୍ତି । ଯେ କୌଣସି ସ୍ଥାନରେ ସାପ ଧରିବାକୁ ହେଲେ ଉକ୍ତ ୨ ଯୁବକଙ୍କୁ ଖୋଜା ପଡ଼େ ଆଜି ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ବିଧେର ସାପଙ୍କୁ ଉଦ୍ଧାର କରି ସେ ନିକଟବର୍ତ୍ତି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ତାଙ୍କର ଏତାଦୃଶ କାର୍ଯ୍ୟକଳାପ ପାଇଁ ଏବେ ବିଭିନ୍ନ ମହଲରେ ତାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏହି ପରି ଆହୁରି ଅନେକ ଯୁବକ ସମାଜ ସେବା ପାଇଁ ଆଗଭର ଥିବା ବେଳେ ତାଲିମ ଅଭାବରୁ ସେମାନେ ଏହିଭଳି ସେବା ଯୋଗାଇପାରୁ ନାହାଁନ୍ତି ବୋଲି ଅନେକ ମତ ମଧ୍ୟ ଦେଇଛନ୍ତି ।

# ପାରାଦ୍ୱୀପ ଗସ୍ତରେ ଆସି ବିଭିନ୍ନ ସରକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଜଗତସିଂହପୁର ଜିଲ୍ଲାପାଳ

ପାରାଦ୍ୱୀପ,୩୧/୦୭ (ନି.ପ୍ର): ଜଗତସିଂହପୁର ଜିଲ୍ଲାପାଳସଂଗ୍ରାମ କେଶରୀ ମହାପାତ୍ର ଆଜି ପାରାଦ୍ୱୀପ ଗସ୍ତରେ ଆସି ବିଭିନ୍ନ ସରକାରୀ ପ୍ରକଳ୍ପରଭିତ୍ତିପ୍ରସ୍ତର ସ୍ଥାପନକରିଥିଲେ। ପାରାଦ୍ୱୀପ ସମୁଦ୍ର ବେଳାଭୂମି ର ବାଲିରେ ତିଆରି ହେବ ବୋର୍ଡ ୱାର୍କ ପୋଲ। କାଠ ଦ୍ୱାରା ଏହା ତିଆରି କରାଯିବ। କଳିଙ୍ଗ ବାଲିଯାତ୍ରା ପଡ଼ିଆ ରେ ଏହାକୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ବାଲି ଉପରେ ସମୁଦ୍ର ପର୍ଯ୍ୟନ୍ତ ତିଆରି କରାଯିବ। ଲୋକମାନେ ବାଲିରେ ଚାଲିବା ଅପେକ୍ଷା ଏଥିରେ ଚାଲିବା ସହିତ ସମୁଦ୍ର କୂଳ କୁ ଆସିବା ପାଇଁ ଲୋକେ ପସନ୍ଦ କରିବେ। ଏଥିସହିତ ପର୍ଯ୍ୟଟକଙ୍କୁ ମଧ୍ୟ ଏହା ଆକୃଷ୍ଟ କରିବ। ବାହାର ଦେଶର ସମୁଦ୍ର କୂଳରେ ଏହିପରି ବ୍ୟବସ୍ଥା କରାଯାଇଥିବା ବେଳେ ଓଡ଼ିଶାର କେବଳ ଗୋପାଳପୁର ବେଳାଭୂମି ରେ କରାଯାଇଛି। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ପ୍ରୟାସ ରେ ଜଗତସିଂହପୁର ଜିଲ୍ଲାରେ ସୁଦୃଢ଼ କରାଯାଉଛି ସ୍କୁଲର ଭିତ୍ତିଭୂମି। ଜିଲ୍ଲାର ୨୪ ଟି ସ୍କୁଲରେ ଉନ୍ନତ କ୍ଲାସରୁମ, ସ୍ମାର୍ଟ କ୍ଲାସ ରୁମ ସହିତ ଅନ୍ୟାନ୍ୟ ଭିତିଭୂମି ଗୁଡ଼ିକର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ପାରାଦ୍ୱୀପ ମ୍ୟୁନିସିପାଲଟି ହାଇସ୍କୁଲ ର ଦୁଇଟି ସ୍ମାର୍ଟ କ୍ଲାସ ରୁମ କାର୍ଯ୍ୟ ସହିତ ସ୍କୁଲରେ ଇ ଲାଇବ୍ରେରୀ, ବିଜ୍ଞାନଗାର ଓ ଖେଳ ଭିତ୍ତିଭୂମିର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିପାଇଁ ସ୍କୁଲ ଗୁଡିକୁ ୪୫ ଲକ୍ଷ ଲେଖାଏଁ ଟଙ୍କା ଯୋଗାଇ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମ୍ୟୁନିସିପାଲଟି ହାଇସ୍କୁଲ କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଟଙ୍କା ଯୋଗାଇ ଦିଆଯିବ। ଏହି ଭିତିଭୂମି ତିଆରି ହେବା ପରେ ପିଲାମାନଙ୍କର ପଢିବାରେ ଆଗ୍ରହ ବଢିବ ଏବଂ ଜିଲ୍ଲା ଚଳିତ ବର୍ଷ ପରି ଆଗାମୀ ବର୍ଷରେ ଭଲ ରେଜଲ୍ଟ କରିବ ବୋଲି ଆଶାପ୍ରକଟ କରିଛନ୍ତି। ପାରାଦ୍ୱୀପ ରେ ତିଆରି ହେବ ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ। ଭୂତମୁଣ୍ଡାଇ ନିକଟ ବାହାଦିଆ ନିକଟରେ ଚିହ୍ନଟ ହୋଇଛି ୩୦ ଏକର ଜମି। ପୂର୍ବରୁ ଚିହ୍ନଟ ଜମିରେ ଟ୍ରକ୍ ଟର୍ମିନାଲ କୁ ବିରୋଧ କରିଥିଲେ ସ୍ଥାନୀୟ ଲୋକେ, ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ଲାଗିଥିବା ବାହାଦିଆ ନିକଟରେ ଜମି ଚିହ୍ନଟ କରି ଅନୁମୋଦନ ପାଇଁ ପଠାଯାଇଥିଲା। ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ଏହି ଟ୍ରକ୍ ଟର୍ମିନାଲ ରେ ରହିବ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା। ଟର୍ମିନାଲ ଭିତରେ ହୋଟେଲ, ଗ୍ୟାରେଜ, ଡ୍ରାଇଭର ଓ ହେଲପରଙ୍କ ରହିବା ପାଇଁ ବ୍ୟବସ୍ଥା ସହିତ ୨୪ ଘଣ୍ଟିଆ ଇଲେକ୍ଟ୍ରୀ, ୱାଇଫାଇ ବ୍ୟବସ୍ଥା ମଧ୍ୟ କରାଯିବ। ଏହି ଟର୍ମିନାଲ ତିଆରି ହେଲେ ବନ୍ଦର ନଗରୀ ପାରାଦ୍ୱୀପ ରେ ଟ୍ରାଫିକ ସମସ୍ୟାରେ ସୁଧାରଆସିବ। ପିଲାମାନଙ୍କର ବିଜ୍ଞାନ ସମ୍ପର୍କରେ ଆଗ୍ରହ ବଢାଇବା ପାଇଁ ସାଇନ୍ସ ପାର୍କର ରେ ତିଆରି ହେବ ସ୍ୱତନ୍ତ୍ର ବିଲ୍ଡିଂ। ଅଡିଟୋରିୟମ ଢାଞ୍ଚାରେ ତିଆରି ହେବ ସ୍ୱତନ୍ତ୍ର ବିଲ୍ଡିଂ। ଏଠାରେ ପିଲାମାନେ ବିଜ୍ଞାନ ସମ୍ପର୍କରେ ସମସ୍ତ ସୂଚନା ପାଇପାରିବେ। ଯାହା ଆଗାମୀ ଦିନରେ ପାରାଦ୍ୱୀପ ଓ ଏହାର ଆଖପାଖ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସହାୟକ ହେବ । ଏଥିପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁରୀ କରିଥିବା ବେଳେ ଆଜି ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ବରିଷ୍ଠ ବୈଜ୍ଞାନିକ ମଧ୍ୟ ଉପସ୍ଥିତ ଥିଲେ । ବଦଳିବ ବନ୍ଦର ନଗରୀ ପାରାଦ୍ୱୀପ ର ରାଜପଥ ର ଖଣ୍ଡିଆ ଖାବରା ଚିତ୍ର। ଏ ନେଇ ଆଜି ସମିକ୍ଷା ବୈଠକ କରିଛନ୍ତି ଜଗତସିଂହପୁର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ଦିର୍ଘ ଦିନ ହେଲା ପାରାଦ୍ୱୀପ ର ଅଠରବାଙ୍କି ଠାରୁ ପାରାଦ୍ୱୀପ ଗଡ଼ ପର୍ଯ୍ୟନ୍ତ ରାସ୍ତା , ଟର୍ମିନାଲ ଛକ ନିକଟରୁ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା , ପିପିଏଲ କାରଖାନା ନିକଟରୁ ପିପିଏଲ ଛକ ପର୍ଯ୍ୟନ୍ତ ରାସ୍ତା ଓ ଜିରୋ ପଏଣ୍ଟ ନିକଟରୁ ରଙ୍ଗିଆଗଡ ଆଇଓସିଏଲ ରାସ୍ତା ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏନ୍ ଏଚ ଆଇ କର୍ତ୍ତୃପକ୍ଷ କିମ୍ବା କୌଣସି କମ୍ପାନୀ ଏ ସମ୍ପର୍କରେ ପଦକ୍ଷେପ ନେଉନଥିଲେ। ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମ୍ୟୁନିସିପାଲଟି ସଭାଗୃହ ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଓସିଏଲ, ପିପିଏଲ, ଇଫକୋ, ପାରାଦ୍ୱୀପ ବନ୍ଦର ଓ ଏନ୍ ଏଚ ଆଇ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ସମସ୍ତଙ୍କ ସହଯୋଗ ରେ ବନ୍ଦାରଞ୍ଚଳ ର ସମସ୍ତ ରାସ୍ତା ର ମରାମତି କରାଯିବା ସହିତ ଏହାର ରକ୍ଷଣାବେକ୍ଷଣ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଛି। ଏହାଦ୍ୱାରାଖୁବ୍ ଶୀଘ୍ର ବନ୍ଦରାଞ୍ଚଳର ରାସ୍ତା ସମସ୍ୟା ର ସମାଧାନ ହେବାକୁ ଯାଉଛି। ଅତିରିକ୍ତ ଜିଲ୍ଲାପାଳପାରାଦ୍ୱୀପ, କାର୍ଯ୍ୟନିର୍ବାହି ଅଧିକାରୀପାରାଦ୍ୱୀପପୌରପରିଷଦ ସହ ବିଭିନ୍ନ ସରକାରୀଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କଟକଣା କୋହଳ : ରାତି ୮ଟା....

ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି କୋଭିଡ୍ ନିୟମ କଟକଣା ସହ ମନ୍ଦିର, ଧାର୍ମିକ ସ୍ଥଳ ଓ ପୂଜା ସ୍ଥାନ ଆଦିକୁ ଭକ୍ତଙ୍କ ପ୍ରବେଶ ବିଷୟରେ ନିଷ୍ପତି ନେଇପାରିବେ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରଶାସନ ସଂପୃକ୍ତ ପରିଚାଳନା କମିଟି ଓ ଅନ୍ୟ ଭାଗିଦାର ମାନଙ୍କ ସହ ଆଲୋଚନା କରି ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲିବା ବିଷୟରେ ନିଷ୍ପତି ନେଇପାରିବେ । ତେବେ ମନ୍ଦିରକୁ ଯାଉଥିବା ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ଓ ଭୋଗଲାଗି କରାଇପାରିବେ ନାହିଁ । ଯାତ୍ରା, ଥିଏଟର, ଅପେରା ଓ ମୁକ୍ତାକାଶ ରଙ୍ଗମଂଚ ଆଦିରେ ଦର୍ଶକମାନେ ପରସ୍ପରଠାରୁ ୬ ଫୁଟର ବ୍ୟବଧାନ ରଖିବେ ଏବଂ ସମସ୍ତ କୋଭିଡ୍ ନିୟମ ପାଳନ କରିବେ । ବିବାହ ଓ ବ୍ରତୋପନୟନ କାର୍ଯ୍ୟ ୨୫ ଜଣ ଏବଂ ଅନ୍ତେଷ୍ଟି କ୍ରିୟା ୨୦ ଜଣ ବ୍ୟକ୍ତିଙ୍କୁ ଅନୁଷ୍ଠିତ ହୋଇପାରିବ । ତେବେ ଏ ସବୁ ସ୍ଥାନରେ ଭୋଜିଭାତ ହୋଇ ପାରିବ ନାହିଁ । ଆୟୋଜକ ଚାହିଁଲେ ଅତିଥିମାନଙ୍କୁ ଖାଦ୍ୟ ପ୍ୟାକେଟ୍ ପାର୍ଶଲ ଦେଇପାରିବେ । ସମସ୍ତ ସରକାରୀ ଓ ବ୍ୟବସାୟିକ ସଭାରେ ଅତି ବେଶିରେ ୧୦୦ ଜଣ ଏବଂ ଶିଳାନ୍ୟାସ ଓ ଉଦ୍ଘାଟନ ଆଦି କାର୍ଯ୍ୟକ୍ରମରେ ୩୦ ଜଣ ବ୍ୟକ୍ତି କୋଭିଡ୍ ନିୟମର ପୂର୍ଣ୍ଣ ଅନୁପାଳନସହ ଅଂଶ ଗ୍ରହଣ କରିପାରିବେ । ସମସ୍ତ ଶିକ୍ଷନୁଷ୍ଠାନ , କୋଚିଂ ସେଂଟର ଆଦି ସଂପୃକ୍ତ ପ୍ରଶାସନିକ ବିଭାଗଙ୍କର ଗାଇଡ୍ ଲାଇନ୍ ଅନୁସାରେ ଚାଲିପାରିବ। ସରକାରୀ ଏବଂ ଘରୋଇ ସଂସ୍ଥାମାନେ ମଧ୍ୟ କୋଭିଡ୍ ନିୟମ ଅନୁପାଳନସହ ତାଲିମ ଏବଂ ଦକ୍ଷତା ଅବିବୃଦ୍ଧି ଆଦି କାର୍ଯ୍ୟକ୍ରମ ଆୟୋଜନ କରିପାରିବେ। ପର୍ଯ୍ୟଟନ ସ୍ଥାନ, ସଂଗ୍ରହାଳୟ, ପତ୍ନତାତ୍ୱିକ ସ୍ଥାନ, ଇନଡୋର, ଆମୋଦ କେନ୍ଦ୍ର, ଆମୋଦ-ପ୍ରମୋଦ ପାର୍କ, ୱାଟର ପାର୍କ, ଚିଡ଼ିଆଖାନା, ମୀନାବଜାର, ମାରି-ଗୋରାଉଣ୍ଡ ଦୋଳି, ସୁଇମିଂ ପୁଲ୍ ଆଦି କୋଭିଡ୍ ନିୟମ କଟକଣାସହ ଖୋଲାଯାଇ ପାରିବ । ୨ ଚକିଆ ଓ ୪ ଚକିଆ ଯାନ, ଅଟୋରେକ୍ସା, ଓଲା, ଉବେର ଆଦି ଯାନମାନେ ନିର୍ଦ୍ଧାରିତ ସିଟ୍ ଅନୁସାରେ ଯାତ୍ରୀ ନେବା ଆଣିବା କରିପାରିବେ । ରାତ୍ରିକାଳୀନ କର୍ଫ୍ୟୁ ଏବଂ ସପ୍ତାହନ୍ତ ଲକ୍‌ଡ଼ାଉନ୍ ( କଟକ, ପୁରୀ ଓ ଭୁବନେଶ୍ୱର ) ସମୟରେ ପୂର୍ବପରି କଟକଣା ଜାରିରହିବ । ତେବେ ଏ ସମୟରେ ଜରୁରୀକାଳୀନ ସେବା, ସ୍ୱାସ୍ଥ୍ୟ ସେବା କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁ ରହିବ । ବିଜୁଳି, ବିମାନବନ୍ଦର, ପରିବହନ ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜର ପରିଚୟପତ୍ର ଦେଖାଇ ଯାତାୟତ କରିପାରିବେ।

## ରାଜନୀତିକୁ 'ଗୁଡବାଏ' କହିଲେ....

ପେଜରେ ଲେଖିଛନ୍ତି । ବାବୁଲ ସୁପ୍ରିୟୋଙ୍କ ଜନ୍ମ ୧୯୭୦ ମସିହାରେ ବେଙ୍ଗଲର ଏକ ସମ୍ଭ୍ରାନ୍ତ ପରିବାରରେ ହୋଇଥିଲା । ସେ ତାଙ୍କ ଜେଜେ ମା'ଙ୍କ ଦ୍ୱାରା ବେଶ ପ୍ରଭାବିତ ହୋଇଥିଲେ । ଯିଏ କି ଜଣା ଜଣାଶୁଣା ବେଙ୍ଗଲୀ କମ୍ପୋଜର ଥିଲେ । ଗ୍ରାଜୁଏସନ ଶେଷ କରିବା ପରେ ବାବୁଲ ସୁପ୍ରିୟୋ ଜଣେ ବ୍ୟାଙ୍କ କର୍ମଚାରୀ ଭାବେ କାମ ଆରମ୍ଭ କରିଥିଲେ ହେଲେ ୧୯୯୨ ମସିହାରେ ସେ ନିଜ କାମ ଛାଡି ମୁମ୍ବାଇ ଚାଲିଆସିଥିଲେ । ସେଠାରେ ସେ ସଙ୍ଗୀତରେ ନିଜ କ୍ୟାରିୟର କରିବାକୁ ଲଢିଥିବାବେଳେ ନାନାଦି ଷ୍ଟେଜ୍ ସୋ ଓ ବିଭିନ୍ନ ବଲିଉଡ୍ ଫିଲ୍ମରେ ଗୀତ ଗାଇବାକୁ ଲାଗିଥିଲେ । କହୋ ନା ପ୍ୟାର ହେ, ଦିଲ ନେ ଦିଲ କୋ ପୁକାରା ଭଳି ଫିଲ୍ମରେ ତାଙ୍କର କଣ୍ଠର ଜଲୱା ଦେଖିବାକୁ ମିଳିଥିଲା । ଏହାରି ଭିତରେ ୨୦୧୪ ମସିହାରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ବିଜେପି ଟିକେଟରୁ ସେ ଲୋକସଭା ନିର୍ବାଚନ ଲଢିଥିବାବେଳେ ଆସନସୋଲରୁ ବିଜେପି ସାଂସଦ ଭାବେ ପହଞ୍ଚିଥିଲେ ପାର୍ଲିଆମେଣ୍ଟ । ଏହାପରେ ତାଙ୍କୁ ମୋଦୀ କ୍ୟାବିନେଟରେ ମନ୍ତ୍ରୀପଦ ମଧ୍ୟ ମିଳିଥିଲା । ୨୦୧୯ରେ ମଧ୍ୟ ସେ ବିଜେପି ଟିକେଟରୁ ପୁଣି ସଂସଦକୁ ନିର୍ବାଚିତ ହୋଇଥିଲେ ଆଉ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ହେଲେ ଗତ ମୋଦୀ କ୍ୟାବିନେଟ ସମ୍ପ୍ରସାରଣରେ ତାଙ୍କୁ ମନ୍ତ୍ରୀପଦ ମିଳିନଥିଲା । ଏହାକୁ ନେଇ ଗତ କିଛି ଦିନ ହେଲା ସେ ଖୁସି ନଥିବା ସୂଚନା ମିଳୁଥିଲା ।

## ପ୍ରକାଶ ପାଇଲା ଯୁକ୍ତ ଦୁଇ....

ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୪,୭୫୭ ଜଣ ଛାତ୍ର ଥିବାବେଳେ ୮,୫୩୫ ଜଣ ଛାତ୍ରୀ ରହିଛନ୍ତି । ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ପାସ ୮ ହଜାର ୩୫୫ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୫ ହଜାର ୬୯୨ ଓ ତୃତୀୟ ଶ୍ରେଣୀରେ ୯ ହଜାର ୬୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ ପରୀକ୍ଷାର୍ଥୀମାନଙ୍କୁ ଅଲଟରନେଟିଭ୍ ଆସେସ୍‌ମେଂଟ ସ୍କିମ୍ ଅନୁଯାୟୀ ମାର୍କ ପ୍ରଦାନ କରାଯାଇଛି । କୌଣସି ପରୀକ୍ଷାର୍ଥୀଙ୍କର ଫଳରେ ତଥ୍ୟ-ଆଧାରିତ କୌଣସି ତ୍ରୁଟି ଥିଲେ, ସଂପୃକ୍ତ ପରୀକ୍ଷାର୍ଥୀ ଉପଯୁକ୍ତ ପ୍ରମାଣ ସହ ନିଜର ଅଭିଯୋଗ କଲେଜ୍ ର ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିପାରିବେ । ଅଧ୍ୟକ୍ଷ ଉକ୍ତ ଅଭିଯୋଗର ସତ୍ୟାସତ୍ୟ ଯାଂଚ କରିବା ପରେ ଅଭିଯୋଗ ସତ୍ୟ ହୋଇଥିଲେ ମାର୍କସିଟ୍ ଓ ଅନ୍ୟାନ୍ୟ ପ୍ରମାଣଗତ ଦସ୍ତାବିଜ୍ କୁ ଆଟେଷ୍ଟେଡ୍ କରି ଫରୱାର୍ଡିଂ ଲେଟର ସହ ପରୀକ୍ଷା ନିୟନ୍ତକଙ୍କ ନିକଟରେ ଅନ୍‌ଲାଇନ୍‌ରେ ଦାଖଲ କରିପାରିବେ । ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଅଗଷ୍ଟ ୬ ତାରିଖ ମଧ୍ୟରେ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ଏହି ଫଳ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର M@MM SAMS e-space ରେ ଉପଲବ୍ଧ ହେଉଛି। ପରୀକ୍ଷାର୍ଥୀମାନେ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୦୧୦୯୮ରୁ ମଧ୍ୟ ଆବଶ୍ୟକୀୟ ସୂଚନା ପାଇପାରିବେ। ଯେଉଁ ପରୀକ୍ଷାର୍ଥୀ ପୂର୍ବରୁ କାଉନ୍‌ସିଲ୍ ର କୌଣସି ବାର୍ଷିକ ପରୀକ୍ଷା ଦେଇ ନାହାନ୍ତି, ସେମାନଙ୍କର ପରୀକ୍ଷା ଫଳ ସ୍ଥଗିତ ରଖାଯାଇଛି । ସେମାନେ ଅଫ୍‌ଲାଇନ୍ ମୋଡ୍ ରେ ପରୀକ୍ଷା ଦେଇପାରିବେ । ଯେଉଁ ପରୀକ୍ଷାର୍ଥୀମାନେ ଅଲଟରନେଟିଭ୍ ଆସେସ୍‌ମେଂଟ ସ୍କିମ୍ ଅନୁସାରେ ପ୍ରଦତ ମାର୍କରେ ସନ୍ତୁଷ୍ଟ ନୁହଁନ୍ତି, ସେମାନେ ଇଚ୍ଛାକଲେ ଅଫ୍‌ଲାଇନ୍ ମୋଡ୍ ରେ ପରୀକ୍ଷା ଦେଇପାରିବେ । ଅଫ୍‌ଲାଇନ୍ ମୋଡ୍ ରେ ପରୀକ୍ଷା ସଂପର୍କିତ ସୂଚନା ଓ ବିଜ୍ଞପ୍ତି ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ।

## ରାଜ୍ୟରେ କରୋନାରେ ....

ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ, ମୟୁରଭଂଜ ଜିଲ୍ଲାରେ ୪-୪ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବରଗଡ. ବଲାଙ୍ଗୀର, କେନ୍ଦ୍ରାପଡା, କେନ୍ଦୁଝର, ନୟାଗଡ ଜିଲ୍ଲାରେ ୩-୩ ଜଣଙ୍କର ମୃତ୍ୟୁ ଘଟିଛି । ଭଦ୍ରକ, ଜଗତସିଂହପୁର, କଳାହାଂଡି. ନବରଙ୍ଗପୁର, ସମ୍ବଲପୁର ଜିଲ୍ଲାରେ ୨-୨ ଜଣଙ୍କର ମୃତ୍ୟୁ ଘଟିଛି । ବୌଦ୍ଧ, ଯାଜପୁର, କନ୍ଧମାଳ ଜିଲ୍ଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଭେଟିଲେ....

ଦର୍ଶାଇଛନ୍ତି ମୁଖ୍ୟମନ୍ତ୍ରୀ । ତୁରନ୍ତ ରାଜ୍ୟକୁ ଅଧିକ ସାର ଯୋଗାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟକୁ ଖରିଫ ଋତୁ ସମୟରେ ମାତ୍ର ୧ ଲକ୍ଷ ୪୫ ହଜାର ୧୪୫ ମେଟ୍ରିକ ଟନ୍ ସାର ମିଳିଛି । ଆବଶ୍ୟକ ଚାହିଦାର ମାତ୍ର ୬୨ ପ୍ରତିଶତ ୟୁରିଆ କେନ୍ଦ୍ର ଦେଇଛି । ଅନ୍ୟ ସାର ମାତ୍ର ୬୦ରୁ ୭୪ ପ୍ରତିଶତ ମିଳିଥିବା ଚିଠିରେ ଉଲ୍ଲେଖ ରହିଛି । ବାତ୍ୟା ୟାସ ପାଇଁ ରାଜ୍ୟର ଚାଷୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଉତ୍ପାଦନ ବଢ଼ାଇବା ପାଇଁ ଚାଷୀଙ୍କୁ ସାରର ଆବଶ୍ୟକ ରହିଛି ।

# ଜେଏମଏମର ନୂତନ ଜିଲ୍ଲା କମିଟି ଗଠନ




ବାରିପଦା / ରାଇରଙ୍ଗପୁର, ୩୧/୦୭ (ନି.ପ୍ର): ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ପକ୍ଷରୁ ଆଜି ରାଇରଙ୍ଗପୁର ସ୍ଥିତ ହୋଟେଲ ସସ୍ତିକ ଠାରେ ଓଡିଶା ପ୍ରଦେଶ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଜେଏମଏମକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ କେନ୍ଦ୍ରୀୟ କମିଟି ଏବଂ ରାଜ୍ୟ କମିଟିର ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲ୍ଲା କମିଟି, ସୁନ୍ଦରଗଡ ଜିଲ୍ଲା କମିଟି, ମୟୁରଭଞ୍ଜ ଯୁବମୋର୍ଚ୍ଚା କମିଟି ଏବଂ ମହିଳା ମୋର୍ଚ୍ଚା କମିଟି ଘୋଷଣା କରାଯାଇଛି । ଏଥିରେ ଓଡ଼ିଶା ପ୍ରଦେଶର ଅଧ୍ୟକ୍ଷା ଅଞ୍ଜନୀ ସୋରେନ, କେନ୍ଦ୍ରୀୟ ମୋହିଳା ମୋର୍ଚ୍ଚା ଅଧ୍ୟକ୍ଷା ତଥା ପୂର୍ବତନ ସାଂସଦ ସୁମନ ମହାନ୍ତ, କେନ୍ଦ୍ରିୟ ଯୁବମୋର୍ଚ୍ଚା ଉପସଭାପତି ତଥା ପୁଟକା ବିଧାୟକ ସଞ୍ଜୀବ ସର୍ଦ୍ଦାର, କେନ୍ଦ୍ରୀୟ ଉପସଭାପତି ତଥା ଘାଟଶିଳା ବିଧାୟକ ରାମଦାସ ସୋରେନ, ଓଡିଶା ପ୍ରଦେଶ ସାଧାରଣ ସମ୍ପାଦକ ରାମଚନ୍ଦ୍ର ହାଁସଦାଃ, ଓଡ଼ିଶା ରାଜ୍ୟ କୋଷାଧ୍ୟକ୍ଷ ପ୍ରହ୍ଲାଦ ପୂର୍ତି, କେନ୍ଦ୍ରିୟ ସଦସ୍ୟ ଲାଥା ତିର୍କି , କେନ୍ଦ୍ରିୟ ସଦସ୍ୟ ପବନ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଜିଲ୍ଲାକୁ ଦୁଇଟି ସାଙ୍ଗଠନିକ ଜିଲ୍ଲାରେ ବିଭକ୍ତ କରାଯାଇଛି ତଥା ପୂର୍ବ ସାଙ୍ଗଠନିକ ଜିଲ୍ଲା ଏବଂ ପଶ୍ଚିମ ସାଙ୍ଗଠନିକ ଜିଲ୍ଲା । ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ଭାବେ ପ୍ରଭୁଦାନ ମାର୍ଣ୍ଡି ଏବଂ ସମ୍ପାଦକ ଭାବେ ଚକ୍ରଧର ସିଂଙ୍କ ନାମ ଘୋଷଣା କରାଯାଇଛି । ସେହିପରି ପଶ୍ଚିମ ସାଙ୍ଗଠନିକ ଜିଲ୍ଲା ସଭାପତି ଭାବେ ରାମଚନ୍ଦ୍ର ହେମ୍ବ୍ରମ ଏବଂ ସମ୍ପାଦକ ଭାବେ ସୁନାରାମ ସୋରେନଙ୍କ ନାମ ଘୋଷଣା କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଭାବେ ଅର୍ଜୁନ ମୁର୍ମୁ ଏବଂ ସମ୍ପାଦକ ଭାବେ ଚୈତନ ସୋରେନଙ୍କୁ ଘୋଷଣା କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଭାବେ ସରୋଜିନୀ ମୁର୍ମୁ ଏବଂ ସମ୍ପାଦକ ଭାବେ ମଞ୍ଜୁଲତା ସିଂଙ୍କୁ ଘୋଷଣା କରାଯାଇଛି । ସୁନ୍ଦରଗଡ ଜିଲ୍ଲା ସଭାପତି ବନ୍ଧନ ଥପ ଏବଂ ସମ୍ପାଦକ ଭାବେ ହୋରନ ବାଗେଙ୍କ ନାମ ଘୋଷଣା କରାଯାଇଛି । ଏହି ଅବସରରେ ବିଶିଷ୍ଟ ଝାଡଖଣ୍ଡ ଆନ୍ଦୋଳନ କାରୀ ନେତା ଶିବାଜୀ ମୌଲ୍ଲିକ ଆଜି କେନ୍ଦ୍ରିୟ କମିଟି ଏବଂ ରାଜ୍ୟ କମିଟିଙ୍କ ଉପସ୍ଥିତିରେ ତାଙ୍କର ସହଯୋଗୀ ମାନଙ୍କ ସହିତ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାରେ ଯୋଗଦାନ କରିଥିବାର ଜଣା ଯାଇଛି ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୧୫୬୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୧/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୭୨୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୫୪୯୨୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୬୩୮୪ ରହିଛି। ଆଜି ଚିହ୍ନଟ ହୋଇଥିବା ୧୫୬୮ ଜଣଙ୍କ ମଧ୍ୟରୁ ୯୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୩୬ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୮ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୨୧୨, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୯ ଜଣ, ଗଜପତି ଜିଲ୍ଲାରୁ ୧୪, ଗଞ୍ଜାମରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୩ ଜଣ, ଯାଜପୁରରୁ ୭୭ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୧୭ ଜଣ. କେନ୍ଦ୍ରାପଡ଼ାରୁ ୫୧ ଜଣ, କେନ୍ଦୁଝରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୩୬ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବେଳାଭୂମିରେ ମଦବାର ନ ଖୋଲିବାକୁ 'ମୋନା'ର ଦାବି

ବାଲେଶ୍ୱର,୩୧/୦୭ (ନି.ପ୍ର): ଓଡ଼ିଶାର ୬ଟି ବେଳାଭୂମିରେ ମଦ ବାର ଖୋଲିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ତଥା ସରକାରଙ୍କ ନିଷ୍ପତ୍ତିକୁ 'ମିଳିତ ନିଶା ନିବାରଣ ଅଭିଯାନ' (ମୋନା) ପକ୍ଷରୁ ବିରୋଧ କରାଯାଇଥିଲା ।ଏବେ ପୁରୀ ବେଳାଭୂମିରେ ସରକାରଙ୍କ ମଦବାର ନ ଖୋଲିବା ନିଷ୍ପତ୍ତି ମୋନା ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଅବକାରୀ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ସଂସ୍କୃତି ସଚିବ ତଥା ବାଲେଶ୍ୱର ଜିଲାପାଳଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଥିଲା। ଏମିତିକି ପୁରୀ ଶଙ୍କରାଚାର୍ଯ୍ୟଙ୍କ ସମେତ ୪୦ଟି ସଂଗଠନ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତିର ପ୍ରତିବାଦ କରିଥିଲେ । ଫଳରେ ପୁରୀ ଜିଲ୍ଲାପାଳ ମହୋଦୟ ବାସ୍ତବତାକୁ ହୃଦୟଙ୍ଗମ କରି ପୁରୀରେ ବେଳାଭୂମି ମଦ ବାର ଖୋଲା ନଯିବାକୁ ଘୋଷଣା କରିଥିଲେ । ସେହିଭଳି ବାଲେଶ୍ୱର ବେଳାଭୂମିରେ ମଦ ବାର ଖୋଲିବାକୁ ନେଇ ଜଳେଶ୍ୱର ଓ ଭୋଗରାଇ ସହ ବହୁ ଉପାନ୍ତ ସଂଗଠନ ମଧ୍ୟ ବିରୋଧ କରିଛନ୍ତି । ତେବେ ନିଶା ବଳୟରେ ଥିବା ବାଲେଶ୍ୱର ଜିଲାର ବିଶ୍ୱ ବିଖ୍ୟାତ ଚାନ୍ଦିପୁର ଓ ତାଳସାରି ଆଦି ୫ଟି ବେଳାଭୂମିରେ ମଦବାର ଖୋଲିବା ନିଷ୍ପତ୍ତିକୁ ଲାଗୁ ନ କରିବାକୁ ଜିଲାପାଳ ସ୍ୱାଗତଯୋଗ୍ୟ ପଦକ୍ଷେପ ନେବା ଉଚିତ ବୋଲି 'ମୋନା'ର କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ମୋନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ 'ମୋନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର ଓ ଡ.କେଶବ ଚରଣ ପଣ୍ଡା, ଉପ-ସଭାପତି ଡ. କ୍ଷୀତିଶ୍ୱର ଦାଶ, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆର ନୂତନ କମିଟି ଘୋଷିତ

ଭୁବନେଶ୍ୱର,୩୧/୦୭ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ନୂତନ କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ବରିଷ୍ଠ କଂଗ୍ରେ ନେତା ତଥା ମୁଖପାତ୍ର ସର୍ବଶ୍ରୀ ସୁଦର୍ଶନ ଦାସ, ବିସ୍ମୟ ମହାପାତ୍ର, ଅମୀୟ ପାଣ୍ଡବ, ରଜନୀ ମହାନ୍ତି, ମମତା କୁଣ୍ଡୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ରହିଥିବା ବେଳେ ସାଧାରଣ ସମ୍ପାଦକ ଭାବେ କୁମାରୀ ସମସିଦା ତାୟବ, ଜୋଏତା ରାୟ, ମାହେପର ନିଖତ ଙ୍କ ସମେତ ବିନୋଦ ବିହାରୀ ନାୟକ, ପିତବାସ ପଣ୍ଡା, ପଓ୍ୱନ ଶର୍ମା, ଚେତନ ମିଶ୍ର, ସୀମାଂଚଳ ଉଲ୍ଲାକା, ଦୀପକ ମହାପାତ୍ର, ଚନ୍ଦନ ରାୟ, ସୁବାଶ ନାୟକ, ଜଗତ ଜୀବନ ମହାନ୍ତି, ମୁରଲୀଧର ନାୟକ, ମୁକେଶ ଅଗ୍ରୱାଲ ପ୍ରମୁଖ ରହିଛନ୍ତି। ସେହିପରି ମିଦାସ ସାହୁ, ମାନସ ଆଚାର୍ଯ୍ୟ, ରାଜ ଶେଖର କାଳିନ୍ଦି, ଆଦିତ୍ୟ କିରଣ ନାଗ, ସତ୍ୟବ୍ରତ ଗୁରୁ, ପ୍ରିୟବ୍ରତ ତ୍ରିପାଠୀ, ରଞ୍ଜନ ପାଣି, ଆଶାଲାମ ଖାନ, ତୁଷାର ମହାପାତ୍ର, ସନ୍ତୋଷ ପ୍ରଧାନ, ସିମାଂଚଳ ରଣଜିତ, ମନିଷା ନନ୍ଦ, ଦୁର୍ଗା ପ୍ରସାଦା ମାହାଲ, ଚନ୍ଦନ ପଟ୍ଟନାୟକ, ଅରୁଣ ପ୍ରସାଦ ସିହ୍ନା, ଗଣେଶ ସାହୁ, ହରପ୍ରସାଦ ବେହେରା, ଝରିଆ ନାୟକ, ଗୁରୁପ୍ରସାଦ ସାହୁ, ସିବନ ମୁସାରଫ ପ୍ରମୁଖ ସଂପାଦକ ରହିଥିବା ବେଳେ ଯୁଗ୍ମସଂପାଦକ ଭାବେ ସମ୍ପଦ ପୋଡ, ରାକେଶ ସ୍ୱାଇଁ, ମୂର୍ଚ୍ଛନା ଖୁଂଟିଆ, ସୁଶାନ୍ତ ମହାରଣା, ତତ୍ସତ ସୁବୁଦ୍ଧି, ନାଫିସ ଖାନ, ଅଞ୍ଜନ କୁମାର ସିଂଘା, ନିଳମାଧବ ସାହୁ, ସତ୍ୟ ରଞ୍ଜନ ବିଥ ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ସାମାଜିକ ଗଣମାଧ୍ୟମରେ କଂଗ୍ରେସକୁ ସୁଦୃଢ଼ କରିବାପାଇଁ ରାଜ୍ୟର ପ୍ରତି ବ୍ଲକରେ ସଂଯୋଜକ ନିଯୁକ୍ତ କରାଯିବ ବୋଲି ଶ୍ରୀ ଅଭିଷେକ ମହାନନ୍ଦ କହିଛନ୍ତି ।

# ଭାଲୁ ଆକ୍ରମଣରେ ଗୁରୁତର ହେଲେ ଭାଜ ରାୟ



ବାରିପଦା /ସାରସକଣା,୩୧/୦୭ (ନି.ପ୍ର): ଲୋକେ ଏବେ ସହର ମୁଁହା ହେଉଥିବା ବେଳେ ମନୁଷ୍ୟ ଜଙ୍ଗଲ ସଫା କରିବାରେ ବ୍ୟସ୍ତ । ଜଙ୍ଗଲରେ ବସବାସ କରୁଥିବା ବନ୍ୟଜନ୍ତୁ ଜଙ୍ଗଲ ଛାଡି ଗାଁ, ସହର ମୁଁହା ହେଉଛନ୍ତି । ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ପାକଟିଆ ଗ୍ରାମ ପଞ୍ଚାୟତ ଦିଘି ଗ୍ରାମରେ ଦେଖିବାକୁ ମିଳିଛି ଜଙ୍ଗଲୀ ଭାଲୁ । ତେବେ ବିଲକୁ ଯାଇଥିବା ବେଳେ ଭଜରାୟ ମାଝୀ(୫୦) ନାମକ ବ୍ୟକ୍ତି ଭାଲୁ ହାବୁଡ଼ରେ ପଡି ଯିବାରୁ ଆକ୍ରମଣର ଶିକାର ହେଇଛନ୍ତି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ସକାଳ ସମୟରେ ଗାଁ ମୁଣ୍ଡରେ ମା ଭାଲୁ ସହିତ ଦୁଇଗୋଟି ଛୁଆ ଭାଲୁ ବୁଲୁଥିବାର ଦେଖିବାକୁ ପାଇଥିଲେ କିଛି ଲୋକ । ଗାଁ ଲୋକ ପାଟି ତୁଣ୍ଡ କରିବାରୁ ମାଭାଲୁ ଓ ଛୁଆ ଦୁଇଟି ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ । ତେବେ ଏହି ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ ଭଜରାୟ । ବିଲକୁ ଯାଉଥିବା ଭଜରାୟଙ୍କୁ ପଛପଟୁ ଆକ୍ରମଣ କରିଥିଲା ମା ଭାଲୁ । ବିଲ ନିକଟରେ କାର୍ଯ୍ୟ କରୁଥିବା ଲୋକେ ଠେଙ୍ଗା ବାଡ଼ି ଧରି ଘଟଣା ସ୍ଥଳରେ ପହଞ୍ଚି ଭାଲୁକୁ ଘଉଡେଇ ଥିଲେ । ତେବେ ଭଜରାୟଙ୍କ ମୁହଁର ଡାହାଣ ପାର୍ଶ୍ୱରେ ଭାଲୁ ଆକ୍ରମଣ କରି ତାଙ୍କୁ ଗୁରୁତର ଆହତ କରିଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ବାରିପଦା ପିଆରଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏବେ ତାଙ୍କର ବାରିପଦା ପିଆରଏମ ହସପିଟାଲରେ ଚିକିତ୍ସା ଚାଲିଛି ।

## କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା ଷଡଙ୍ଗୀ

ନୂଆଦିଲ୍ଲୀ,୩୧/୦୭ (ନି.ପ୍ର): ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଶନିବାର ଦିନ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି । ଶ୍ରୀମତୀ ଷଡଙ୍ଗୀ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେ ତାଙ୍କର ଆଇଏଏସ ବ୍ୟାଚମେଟ ଓ କ୍ୟାଡରମେଟ ଅଶ୍ୱିନୀ ବୈଷ୍ଣବଙ୍କ ସହ ସାକ୍ଷାତ ହେଲା । ଭୁବନେଶ୍ୱର ଲୋକସଭା ଆସନ ଓ ଓଡିଶାର ବିକାଶ ପାଇଁ ତାଙ୍କର ସହଯୋଗ ମାଗିଲି । ତାଙ୍କୁ ସମ୍ପୂର୍ଣ ସମର୍ଥନ ଦେବା ପାଇଁ ପ୍ରତିଶ୍ରୁତି ଦେଲି ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରୋନା ସଚେତନତା



ବାଲେଶ୍ୱର,୩୧/୦୭ (ନି.ପ୍ର): ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରୋନା ପ୍ରତିହତ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଗୋଲାପୋଖରୀ ଛକ ଦରଘା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି । କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ସଦସ୍ୟାମାନେ ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା ସହ ଦୋକାନୀ ଓ ଜନସାଧାରଣଙ୍କୁ କରୋନାର ଭୟାବହତା ସମ୍ପର୍କରେ ବୁଝାଇଥିଲେ। ପରେ କମିଟିର ଜିଲା ସଭାନେତ୍ରୀ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଦରଘା ମଇଦାନରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ପ୍ରଭାକର ସାହୁ, ଚିତ୍ତ ରଞ୍ଜନ ପଣ୍ଡା, ଇନ୍ତେଖାବ ଅଲି ଖାଁ, ନିରଞ୍ଜନ ପରିଡ଼ା, ଅପର୍ଣ୍ଣା କର, ମହମ୍ମଦ ଇସଲାମ, ଇଂ. ବନମାଳି ନାୟକ, ସୀତାରାମ ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ କ୍ରିୟାନୁଷ୍ଠାନ କମିଟି ଓ ସ୍ଥାନୀୟ ମାଇନର କମ୍ୟୁନିଟି କର୍ମକର୍ତ୍ତା ତଥା ସଦସ୍ୟମାନେ ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ଲୋକଙ୍କୁ ବିଶୋଧନ ଦ୍ରବଣ ଓ ତୁଣ୍ଡି ପ୍ରଦାନ କରାଯାଇଥିଲା। ବନ୍ଦନା ବିଶ୍ୱାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଇଥାନଲ ପ୍ଲାଣ୍ଟ ଜିଲ୍ଲା ବିକାଶର ନୂଆ ଫର୍ଦ୍ଦ : ଭାଜପା

ବାଲେଶ୍ୱର,୩୧/୦୭ (ନି.ପ୍ର): ପୂର୍ବ ଭାରତର ବିକାଶରୁ ହିଁ ଦେଶର ବିକାଶ ହେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି। ବାଲେଶ୍ୱରେ ୮୭୦ ଟଙ୍କାର ଏକ ଅତ୍ୟାଧୁନିକ ଇଥାନଲ ପ୍ଲାଣ୍ଟ ସ୍ଥାପନ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ଏହାର ପ୍ରମାଣ ବୋଲି ବାଲେଶ୍ୱରର ବିଜେପି ପକ୍ଷରୁ ମତ ପ୍ରକାଶ ପାଇଛି। ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ କନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେତେବେଳେ ଉଦ୍ୟମ କରିଥିଲେ। ଏବେ ଏହି ପ୍ରକଳ୍ପକୁ ସରକାରୀ ମଞ୍ଜୁରି ମିଳିଥିବା ନେଇ ସେ ଟୁଇଟ ଯୋଗେ ପ୍ରଦାନ କରିଛନ୍ତି। ଏହାକୁ ନେଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ନେତା ତଥା ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଇଣ୍ଡିଆଲ ଅଏଲ କର୍ପୋରେସନକୁ ଅନୁମତି ପ୍ରଦାନ କରିବା ବାଲେଶ୍ୱରବାସୀଙ୍କ ପାଇଁ ଏକ ଖୁସୀର ବିଷୟ ବୋଲି ଶ୍ରୀ ଦତ୍ତ କହିଛନ୍ତି। କରୋନା ଭଳି କଠିନ ସମୟରେ କଳକାରଖାନା ବନ୍ଦ ହୋଇ ଯାଉଥିବା ବେଳେ ଏହି ପ୍ରକଳ୍ପ ବାଲେଶ୍ୱର ଜିଲା ବିକାଶର ନୂଆ ଫର୍ଦ୍ଦ ଯୋଡ଼ିବ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି।

# ଦିନକରେ ୭୭ କରୋନା ସଂକ୍ରମିତ : ୮ଲକ୍ଷ ଟପିଲା ଜିଲ୍ଲାର ଟିକାକାରଣ

ବାଲେଶ୍ୱର,୩୧/୦୭ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲା ଭଳି ବାଲେଶ୍ୱରରେ କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଇବାକୁ ନେଇ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୭୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ସୁନହଟରୁ ୨ଜଣ ଓ ଆଇଟିଆଇ ଛକରୁ ୨ଜଣଙ୍କ ସମେତ ନେଳିଆବାଗ, ଗୋପାଳଗାଁ, ଗୋଧିବସା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୨୩ଜଣ, ବାଲିଆପାଳରୁ ଜଣେ, ଜଳେଶ୍ୱରରୁ ଜଣେ, ଖଇରାରୁ ଜଣେ, ନୀଳଗିରିରୁ ୨, ଔପଦାରୁ ୪, ରେମୁଣାରୁ ୩, ସଦର ବ୍ଲକରୁ ୧୭, ସିମୁଳିଆରୁ ୨ ଓ ସୋର ବ୍ଲକରୁ ୧୬ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୯୯୧ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୬,୭୫୯ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧,୦୩୯ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୯୩୩ଜଣ ଗୃହ ସଙ୍ଗରୋଧରେ ଏବଂ ୮୪ଜଣ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତ ୨୪ଘଣ୍ଟା ମଧ୍ୟରେ ୭୭, ୫୭ ବର୍ଷର ୨ଜଣ ପୁରୁଷ ଏବଂ ୬୯, ୪୩, ୪୧ ବର୍ଷର ୩ଜଣ ମହିଳାଙ୍କୁ ମିଶାଇ ମୋଟ ୫ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘୋଷଣା ସରକାରଙ୍କ ପକ୍ଷରୁ କରାଯାଇଛି। ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୮ ଛୁଇଁଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ତେବେ ଜିଲାରେ କରୋନା ସଂକ୍ରମଣ ହ୍ରାସ ସାଙ୍ଗକୁ କୋଭିଡ ଟିକାକରଣ ମଧ୍ୟ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଆଜି ଦିନକରେ ୬୪ କେନ୍ଦ୍ରରେ ୧୩,୭୧୧ଜଣ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ଜିଲାର ଟିକାକରଣ ୮,୧୦,୪୬୦ ପାନ ଛୁଇଁଛି। ତନ୍ମଧ୍ୟରୁ ୫,୬୭,୮୮୨ ଜଣ ପ୍ରଥମ ପାନ ଓ ୨,୪୨,୫୭୮ ଜଣ ଦ୍ୱିତୀୟ ପାନ ଟିକା ନେଇ ସାରିଥିବା ଜଣାପଡିଛି ।

# ଅଚାନକ ପୁରୀ ଗସ୍ତରେ ଜଳସମ୍ପଦମନ୍ତ୍ରୀ

ପୁରୀ,୩୧/୦୭ (ନି.ପ୍ର): ରାଜ୍ୟ ପଞ୍ଚାୟତିରାଜ ଓ ଜଳସମ୍ପଦ ମନ୍ତ୍ରୀ ପ୍ରତାପ ଜେନା ଆଜି ଅଚାନକ ପୁରୀ ଗ୍ରସ୍ତରରେ ଆସି ଡ୍ରିଙ୍କ ଫର୍ ଟ୍ୟାପ୍ ଯୋଜନାର ମାନ ଯାଞ୍ଚ କରିଛନ୍ତି। ବଡ଼ଦାଣ୍ଡରେ ଥିବା ଟ୍ୟାପ୍‌ରୁ ମନ୍ତ୍ରୀ ଜଳ ପିଇବା ସହିତ ଉପଲବ୍ଧ ସେବାର ସମୀକ୍ଷା କରିଥିଲେ। ପୁରୀ ଦେଶର ସର୍ବ ପ୍ରଥମ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଗୌରବର କଥା। ଏହା ଭାରତର ଅନ୍ୟସହରମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ପାଇଲଟ୍ ପ୍ରକଳ୍ପଭାବେ ଭୁବନେଶ୍ୱରର ୮ଟି ଓ ପୁରୀର ୩ଟି ସ୍ଥାନରେ ଏହି ପ୍ରକଳ୍ପକୁ ଆରମ୍ଭ କରାଯାଇଥିଲା। ଏଥିପାଇଁ ମନ୍ତ୍ରୀ ଜେନା ମୁଖ୍ୟମନ୍ତ୍ରୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେଯେ, ପୁରୀବାସୀଙ୍କୁ ନିରନ୍ତର ସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ୱାର୍ଡ଼ର ଜଳସାଥି ନିୟୋଜିତ କରାଯାଇଛି। ପୁରୀସହରରେ ଏପର୍ଯ୍ୟନ୍ତ ପ୍ରାୟ ୩୨ ହଜାର ନୂଆ ସଂଯୋଗ ଦିଆଯାଇଛି। ପରେ ମନ୍ତ୍ରୀ ଶ୍ରୀଜେନା ୭ ନମ୍ବର ୱାର୍ଡ଼ର ବଳିଆପଣ୍ଡା ରୋଡ଼ସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ବିଧ୍ୟାଧର ଦାଶଙ୍କ ଘରକୁ ଯାଇ 'ସୁଜଳ'ସଂଯୋଗର ଉପଲବ୍ଧ ପାଣିର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ୱାର୍ଡ଼ର ଜଳସାଥି ରୀନାରାଣୀ କବିରାଜଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ୱାଟକୋ ଜେନରାଲ ମ୍ୟାନେଜ୍‌ର ଶରତ ଚନ୍ଦ୍ର ମିଶ୍ର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ ଗତ ୨୬ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀସହରବାସୀଙ୍କ ଲାଗି ଡ୍ରିଙ୍କ ଫର୍ ଟ୍ୟାପ୍ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।

# ଦରମା ଓ ସ୍ଥାୟୀ ନିଯୁକ୍ତି ଦାବିରେ ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଆନ୍ଦୋଳନ

## ଘରୋଇ ଏଜେନ୍ସିର ମନମୁଖୀ କାର୍ଯ୍ୟକଳାପ ଅଭିଯୋଗ



ବାରିପଦା,୩୧/୦୭ (ନି.ପ୍ର): ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ବିଭିନ୍ନ ଏଜେନ୍ସି ଦ୍ୱାରା କାର୍ଯ୍ୟ କରୁଥିବା ୪ର୍ଥ ଶ୍ରେଣୀ କର୍ମଗରୀ ମାନେ ଆଜି ମେଡିକାଲ କଲେଜ ସମ୍ମୁଖରେ ବିକ୍ଷୋଭ ଓ ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଦୀର୍ଘ ୧୩ ବର୍ଷ ଧରି ବିଭିନ୍ନ ଏଜେନ୍ସୀ ମାନଙ୍କ ଦ୍ୱାରା ପି.ଆ.ଏମ. ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା କୌଣସି ସ୍ଥାୟୀ ନିଯୁକ୍ତି ନମିଳିବା ସହ ୪ମାସ ଧରି ଦରମା ଠିକ ଭବେ ପାଇ ପାରିନଥିବାର ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରୁ ମଞ୍ଜୁ ସାରଭିସ ନାମକ ଏକ ନୂତନ ଏଜେନ୍ସୀଙ୍କୁ ଟେଣ୍ଡର ଦିଆଯାଇଥିଲା । ତେବେ ଏହା ପରଠାରୁ ଗତ ୪ମାସ ହେଲାଣି ଦରମାରେ କୌଣସି ସମୟ ସୀମା ରଖୁ ନଥିବା ବେଳେ ଠିକ୍ ସମୟରେ ଦରମା ମିଳୁନଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ । ଫଳରେ କରନା ମହାମାରୀ ସମୟରେ କର୍ମଚାରୀ ମାନେ ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଏଜେନ୍ସିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରିନାହିଁ । ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିକଟରୁ ବିଲ୍ ଆସିନଥିବା ହେତୁ ଠିକା ସଂସ୍ଥା ଦରମା ଦେବାରେ ବିଳମ୍ବ କରୁଥିବା ଜଣାପଡିଛି । ସେହିପରି ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ମିଳିପାରିନାହିଁ । ଏ ନେଇ ଶୁକ୍ରବାର ପୂର୍ବାହ୍ନରେ ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ହସପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସ ପଦକ୍ଷେପ ନେଇ ନାହାନ୍ତି । ତେଣୁ ବାଧ ହୋଇ କର୍ମଚାରୀ ମାନେ ଧାରଣାରେ ବସିଥିବାର କୁହାଯାଇଛି । ତେବେ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ ହସ୍ପିଟାଲ କାର୍ଯ୍ୟ ବନ୍ଦ ରହିବ ଏବଂ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ କର୍ମଚାରୀ ମାନେ । ଏନେଇ ଏଜେନ୍ସୀ କିମ୍ବା ସୁପରିଟେଣ୍ଡେଣ୍ଟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୩୧/୦୭ (ନି.ପ୍ର): ସହର ଉପକଣ୍ଠ ମାଳତୀପାଟପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ 'ଓଡ଼ିଶା ମୋ ପରିବାର' ଆନୁକୂଲ୍ୟରେ ଏକ ସ୍ୱେଛାକୃତ ରକ୍ତଦାନ ଶିବିର, ବୃକ୍ଷ ରୋପଣ ଓ ମାସ୍କ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୁରୀ ସାଂସଦ ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଆୟାଜିତ ଏହି ସ୍ୱେଛାକୃତ ରକ୍ତଦାନ ଶିବିରରେ ୮୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ସାଂସଦ ଓ ଅନ୍ୟମାନେ ବୃକ୍ଷରୋପଣ କରିବା ସହିତ ସାଧାରଣଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀଜିଲ୍ଲା ବିଜୁ ଯୁବ ଜନତା ଦଳର ନାରାୟଣ ସ୍ୱାଇଁ, ଆଟି ସଂଯୋଜକ ଲିଙ୍କନ ପଟ୍ଟନାୟକ,ମାଳତୀପାଟପୁର ସରପଞ୍ଚ ପୁଷ୍ପାଞ୍ଜଳୀ ପୃଷ୍ଟି,ପ୍ରଭାତ ପୃଷ୍ଟି, ପ୍ରସନ୍ନ ରାଉତ,ରାକେଶ ଦାସ ଓ ଯୋଗେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତଥିଲେ।

# ଆଇନଜୀବି ସଚ୍ଚିଦାନନ୍ଦ ମହାନ୍ତିଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ



ଭଦ୍ରକ,୩୧/୦୭ (ନି.ପ୍ର): ବିଶିଷ୍ଟ ସମାଜବାଦୀ, ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଭଦ୍ରକ ସହର ଅନ୍ତର୍ଗତ କୁଆଁସ ଠାରେ କୋଭିଡ଼ ନିୟମ ଅନୁଯାୟୀ ନିରାଡମ୍ବର ଭାବେ ପାଳିତ ହୋଇ ଯାଇଛି। ମଣିଷ ନିଜ ଆଦର୍ଶରେ ପରିଚିତ ହୁଅନ୍ତି। ମଣିଷର ମଣିଷ ପଣିଆ ସର୍ବଦା ପୂଜିତ ହୋଇଥାଏ। ଯିଏ ଯେଉଁ ପେଶାରେ ରହେ ସେ ତାହାକୁ ସମ୍ମାନ ଦେଲେ ସେଥିରେ ପୂର୍ଣ୍ଣତା ପାଇଥାଏ। ସଚ୍ଚିବାବୁ ଥିଲେ ସେହିଭଳି ଜଣେ ସଚ୍ଚା ମଣିଷ ଯିଏ ଆଜି ସବୁର ହୃଦୟରେ ବିଦ୍ୟମାନ ବୋଲି ସ୍ୱର୍ଗତ ସଚ୍ଚି ମହାନ୍ତିଙ୍କୁ ଶ୍ରଦ୍ଧା ନିବେଦନ କରି ବକ୍ତାମାନେ ମତପୋଷଣ କରିଥିଲେ। ଆଜି ପ୍ରଥମେ ଗରଦପୁର ସ୍ଥିତ ଗାନ୍ଧି ଓଡ଼ିଶା ବାଳାଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସାଳନ୍ଦୀ ଘାଟରେ ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଝରଣା ଦାସ, ଅଧୀକ୍ଷକ ହୃଷିକେଶ ମହାନ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଭଦ୍ରକ ଓକିଲ ସଂଘ ପକ୍ଷରୁ ସଭା ଗୃହରେ ଥିବା ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କର ତୈଳ ଫଟୋଚିତ୍ରରେ ଓକିଲ ସଂଘର ସଭାପତି ଦିଲିପ ମହାପାତ୍ର, ସଂପାଦକ ଜୀତେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ଓକିଲ ସଂଘ ସଭାପତି ତଥା ସ୍ମୃତି କମିଟିର ସଂଯୋଜକ ବିଷ୍ଣୁମୋହନ ମହାପାତ୍ର, ଆଇନଜୀବୀ ଉପେନ୍ଦ୍ର ପାଢୀ, ଗୋପବନ୍ଧୁ ଦିକ୍ଷିତ, ହିମାଂଶୁ ମହାନ୍ତି, ନିରାକାର ବାରିକ ପ୍ରମୁଖଙ୍କ ସମେତ ଆଇନଜୀବୀ ମାନେ ପୁଷ୍ପାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସକାଳେ ଲୋକସେବକ ମଣ୍ଡଳର ରାଷ୍ଟ୍ରିୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ସ୍ୱର୍ଗତ ମହାନ୍ତିଙ୍କସମାଧୀ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଜିଲ୍ଲା ସ୍ମୃତି କମିଟିର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ପୌରୋହିତ୍ୟରେ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ନରେନ ପଲେଇ, ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସ, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଓ ହରମୋହନ ଜେନା, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଆକାଶବାଣୀ ସମ୍ବାଦଦାତା ଅଶୋକ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଆବାହକ ତୁଷାରକାନ୍ତ ମହାନ୍ତି, ଗାନ୍ଧି ବିଚାର ମଞ୍ଚ ସମ୍ପାଦକ ଶାନ୍ତନୁ ରାଉତ, ସମାଜସେବୀ ଲକ୍ଷ୍ମୀ ମହାପାତ୍ର, ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଗଦାଧର ବଳ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଶିକ୍ଷାବିତ୍ ଚାରୁଲତା ମହାପାତ୍ର, ପ୍ରଫେସର ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ଡକ୍ଟର ରାଧାରାଣୀ ମହାପାତ୍ର, ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ଡ. ସୁକାନ୍ତି ମହାପାତ୍ର, ଗୀତାରାଣି ଆଇଚ, ଅଧାପକ ରବିନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଦେବାଶିଷ ମହାପାତ୍ର, ରୋଟାରିଆନ ଅତିସ୍ ବେହେରା, ସମାଜସେବୀ ଅଭିଜିତ ନାୟକ, ଅନିମା ନାୟକ, ଯୁବସମାଜସେବୀ ଜୟପ୍ରକାଶ ମହାନ୍ତି, ଜୀବନ ପ୍ରକାଶ ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, କବି ବୀରେନ୍ଦ୍ର ଖୁଣ୍ଟିଆ, ତପନ ନାୟକ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାକେଶ ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା, ବିଜେଡି ଟାଉନ ଯୁବସଭାପତି ଆଶିଷ ଅମିତାଭ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ, ଆଇନଜୀବୀ ମାନେ ଯୋଗ ଦେଇ କୋଭିଡ ନିୟମ, ସାମାଜିକ ଦୂରତା ରଖି ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜଣେ ସମାଜସେବକ, ଅଧିବକ୍ତାଙ୍କ ବହୁମୁଖୀ ପ୍ରତିଭା, ଜୀବନାଦର୍ଶ, ସମାଜବାଦ ଏବଂ ସମାଜରେ ସଚ୍ଚି ବାବୁଙ୍କ ବଳିଷ୍ଠ ଅବଦାନ ଉପରେ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo